
-29

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ଷଷ୍ଠ ପୁଷ୍ପ ❋ ଚତୁର୍ଥ ପାଖୁଡ଼ା ❋ ଊନତ୍ରିଂଶତମ ସଂଖ୍ୟା ❋

ସଂପାଦକ : କେଶବ ଦାସ

ପ୍ରକାଶକ : କେଶବ ଚନ୍ଦ୍ର ସାମଲ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୨୬୭୧୦୧, ୨୨୬୭୬୬୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

❁ କେଶବାବ୍ଦ : ଚତୁଶ୍ଚତ୍ୱାରିଂଶଦ୍ ❁ ବାସନ୍ତିକ ମାସ ❁ ଚୈତ୍ର ପୂର୍ଣ୍ଣିମା ❁

# ପ୍ରବେଶ ପରିଚିତି

❁ ଷଷ୍ଠ ପୁଷ୍ପ ❁
ଚତୁର୍ଥ ପାଖୁଡ଼ା
ଊନତ୍ରିଂଶତିତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ପାଦୁକା ବନ୍ଦନା | ୧ |
| **ସିଂହଦ୍ୱାର** | |
| ମାଗୁଣି | ୨ |
| ପ୍ରଭୁ ମହିମା କୀର୍ତ୍ତନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ ଉଦ୍ଧୃତାଂଶ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି : | ୧୬ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୦ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କେଶବ କୈବଲ୍ୟ କଣିକା | ୨୮ |
| କଲ୍ୟାଣ ହେଲି ତୋତେ | ୩୧ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୩୩ |
| ଅଷ୍ଟବିଂଶତିତମ ସଂଖ୍ୟା ମାଳିକାର ବ୍ୟାଖ୍ୟା | ୩୬ |
| ଅଷ୍ଟବିଂଶତିତମ ସଂଖ୍ୟା ଉଦ୍ଧୃତାଂଶର ବ୍ୟାଖ୍ୟା | ୩୮ |
| ଉତ୍ସବ ପରିଚିତି | ୪୧ |
| ଆଶ୍ରମ ସନ୍ଦେଶ | ୪୮ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



| | |
|---|---|
| ମୂଳାଧାର କର୍ଣ୍ଣଧାର | ସ୍ୱାଧୀଷ୍ଠାନେ ସ୍ୱାଧୀନ । |
| ମଣିପୁର ପୁରୋହିତ | ଅନାହତ ପ୍ରବୀଣ ।। |
| ବିଶୁଦ୍ଧରେ ଶୁଦ୍ଧଚିତ୍ତ | ଆଜ୍ଞାଚକ୍ର ଅନୁଜ୍ଞା । |
| ସହସ୍ରାର ସାର ଏକା | ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।। |

# ଅରୁଣସ୍ତମ୍ଭ



## ମଙ୍ଗଳାଚରଣ

କେଶବ କୃପା ସାଗରଂ ଭକ୍ତବନ୍ଧୋ ଜଗତ୍ପତେ ।
ଅଦ୍ୱୈତ ଗୋପିକାକାନ୍ତ ପ୍ରଭୁସ୍ୱାମୀ ନମୋସ୍ତୁତେ ॥
ନବ ନୀରଦ ଶ୍ୟାମାଙ୍ଗ ଭକ୍ତପ୍ରିୟ ସଦାହରି ।
ସ୍ୱୟଂଭୂ ଚରମପାଦ ମୁକ୍ତିମୋକ୍ଷ ପ୍ରଦାୟକ ॥

## ଶ୍ରୀପଦ ପାଦୁକା ବନ୍ଦନା

ଶ୍ରୀପଦ ପାଦୁକା ଶୁଣ ମିନତି । ଅମୀୟ ପଥେ ବଳାଅ ପୀରତି ॥
ଶ୍ରୀପଦ ପାଦୁକା ଶୁଣଇ ଗୀତି । ଭବବନ୍ଧନର କାଟଇ ଭୀତି ॥
ଶ୍ରୀପଦ ପାଦୁକା ଭବର ବାଟ । ଅନ୍ତରେ ସୃଜଇ ଅଭୟ ହାଟ ॥
ଶ୍ରୀପଦ ପାଦୁକା ଧରମ ପଥ । ଧରମ ବିନା ଜୀବନ ବିଅର୍ଥ ॥
ଶ୍ରୀପଦ ପାଦୁକା ଜୀବ ମୁକତି । କୃପା ବିନା ଜୀବ ନ ପାଏ ଗତି ॥
ଶ୍ରୀପଦ ପାଦୁକା ଠୁଳ ଶକତି । ଅନ୍ତରୁ ଅନ୍ତର କରେ ବିକୃତି ॥
ଶ୍ରୀପଦ ପାଦୁକା ନେଇ ଭକତି । ବିତରଣ କରେ ଜୀବେ ମୁକତି ॥
ଶ୍ରୀପଦ ପାଦୁକା ଗୁରୁ ଶକତି । ସୂକ୍ଷ୍ମରେ ବିରାଜି ନିଏ ପ୍ରଣତି ॥
ଶ୍ରୀପଦ ପାଦୁକା ଆନନ୍ଦ ଧାମ । ଅନ୍ତରେ ଠୁଳାଇ ପବିତ୍ର ନାମ ॥
ଶ୍ରୀପଦ ପାଦୁକା ସଂସାର ସାର । ପାରି କରି ପାରେ ଭବ ସାଗର ॥
ଶ୍ରୀପଦ ପାଦୁକା ଜୀବର ଲୟ । ଲୟ ସ୍ଥିର ଥିଲେ ନ ଥାଏ ଭୟ ॥
ଶ୍ରୀପଦ ପାଦୁକା ଭବ ନାଉରୀ । ଧାରାଧରି ଜୀବ ଯାଉଛି ତରି ॥
ଶ୍ରୀପଦ ପାଦୁକା ନିଜେ ଶ୍ରୀଗୁରୁ । ନିଷ୍ଠାରେ ପୂଜିଲେ ମିଳନ୍ତି ଗୁରୁ ॥
ଶ୍ରୀପଦ ପାଦୁକା ନିଜେ ଚରମ । ସେବି ଜୀବ ଲଭିଥାଏ ପରମ ॥
ଶ୍ରୀପଦ ପାଦୁକା ନିର୍ଭୟ ସ୍ଥଳ । ଆପଣେ ସଅଁପି ହୁଅ ନିଶ୍ଚଳ ॥
ଶ୍ରୀପଦ ପାଦୁକା ଶରଣାଗତି । ଜୀବର ପ୍ରାର୍ଥନା ଶୁଣଇ ନିତି ॥
ଶ୍ରୀପଦ ପାଦୁକା ମୀମାଂସା ସ୍ଥଳ । ଅମୀୟ ଦିଅଇ ନାଶି ଗରଳ ॥




## ମାଗୁଣି

ତୁମ ଦରବାରେ ଛିଡ଼ା ହୋଇ ଜଣେ ଅକିଞ୍ଚନ ପାତି ହାତ ।
ଆରତେ କାତରେ ମାଗୁଅଛି ଦିଅ ଅଖିଳ ବ୍ରହ୍ମାଣ୍ଡ ତାତ । ।। ଘୋଷା ।।

ମନେ ଭରିଦିଅ ତୁମରି ଭାବନା ମନ ହେଉ ଶୁଚୀବନ୍ତ,
ଅନ୍ତରୁ ପୋଛ ହେ ସକଳ କାମନା ଯାତନାର ହେଉ ଅନ୍ତ,
ତୁମରି କିଙ୍କର ପଣରେ ପ୍ରଭୁ ହେ ବାରବାର କର ଜାତ । ।। ୧ ।।

ଦିଅ ଏହି ବୁଦ୍ଧି ଚିତ୍ତ ହେଉ ଶୁଦ୍ଧି ଲାଖି ତୁମ ଚରଣରେ,
ରଖ ମୋତେ ପ୍ରଭୁ ଦାସ ପଣେ ସଦା ରଖ ତୁମ ଶରଣରେ,
ଧରଣୀର ଧୂଳି ହେଉ ମୋର ଶଯ୍ୟା ଆକାଶ ହେଉ ମୋ ଛାତ । ।।୨।।

ତୁମରି ପ୍ରସାଦ ଟୋପାଏ ପାଇ ମୋ କ୍ଷୁଧାତୃଷା ହେଉ ଦୂର,
ତୁମରି ଇଚ୍ଛାରେ ଲଗାଅ କାମରେ ଅହଂକାର କରି ଚୂର,
ତୁମ ରୂପ ସଦା ଦେଖୁଥାଉ ଆଖି ଏତିକି ମାଗୁଣି ନାଥ । ।।୩।।

# ପ୍ରଭୁ ମହିମା କୀର୍ତ୍ତନ

ଏ ଦେହ ମନ୍ଦିର ତୁମ ନିବାସ
ହୃଦ ସ୍ଥଳରେ କରୁଅଛ ରାସ ॥୧॥
ଦୂରେ ନୁହଁ ପ୍ରଭୁ ନୁହଁ ଦୂରରେ ।
ସଦା ରହିଅଛ ଆମ ସଂଗରେ ॥୨॥
ସବୁବେଳେ ତୁମ ଦିବ୍ୟାନୁଭୂତି ।
ପାଏ ଯିଏ ରଖିଥାଏ ସଂଗତି । ॥୩॥
ଭକ୍ତ ଢାଳେ ପାଦେ ଶୁଭ ପ୍ରଣତି ।
କଣ୍ଠେ ଗାଉଥାଏ ତୁମରି ଗୀତି । ॥୪॥
ଦୃଢ଼େ ଟାଣିଛ ସବୁରି ହୃଦୟ ।
ବିଷ ପିଇ ଦେଉଅଛ ଅମୀୟ । ॥୫॥
ଅମୃତ ତନୟ ତାହାରି ନାମ ।
ଘୋଷୁଥାଏ ସଦା ଯେ ତୁମ ନାମ । ॥୬॥
ନାଚୁଥାଅ ହୃଦେ ତାଥେଇ ଥେଇ ।
ନୟନୁ ଲୋତକ ଝରାଇ ଦେଇ । ॥୭॥
ମଧୁର ମିଳନ ପୁଲକ ଭରେ ।
ବିରହ ବ୍ୟଥା ଯେ ହୃଦୟ ଘାରେ । ॥୮॥
ବିଷୟା ବିଷଟି ପ୍ରାଣୀକୁ ଜାଳେ ।
ତା'ବିଷ ଜଂଜାଳ କାଟ କୌଶଳେ । ॥୯॥
ମୁକ୍ତ ହୁଏ ସେହୁ ଭବ ବନ୍ଧନୁ ।
ପାନ କରି ପଦପଙ୍କଜ ରେଣୁ । ॥୧୦॥
ପ୍ରଣାମ ନିଅ ଗୋ ବାରକୁ ବାର ।
ପୁଲକିତ ହେଉ ଏ ତନୁ ପୁର ॥ ॥୧୧॥
ନିଅ ମୋ ପ୍ରଣାମ କାଟ ଦୁର୍ଗତି ।
ପାଶେ ରଖି ଦୃଢ଼ କର ମୋ ମତି ॥ ॥୧୨॥
ତୁମେ ହିଁ ଅନାମ ତୁମେ ହିଁ ନାମ ।
ପଦ୍ମପାଦ ପୀଠେ ଢାଳେ ପ୍ରଣାମ ॥ ॥୧୩॥
କୃତାଞ୍ଜଳି ଘେନା କର ତିଥିରେ ।
କ୍ଷମା କର ପ୍ରଭୁ ମୂଢ଼ ମତିରେ ॥ ॥୧୪॥

## ମୁଖଶାଳା

## ସଂପାଦକୀୟ

### ''ଜ୍ଞାନରୁ ଭକତି ଉଦୟ । ଏଣୁ ଧନ୍ୟ ଏ ନର ଦେହ ।।''

ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତ ଭାଗବତର ଏହି ବାଣୀରେ ସାଧାରଣ ଦୃଷ୍ଟିରେ ଜ୍ଞାନକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ପ୍ରତୀୟମାନ ହୁଏ । ଶାସ୍ତ୍ରରେ ଏକମାତ୍ର ଭକ୍ତିକୁ ଭଗବଦ୍ ପ୍ରାପ୍ତି ନିମନ୍ତେ ପ୍ରାଧାନ୍ୟ ଦିଆଯିବା ପରିଲକ୍ଷିତ ହୁଏ । ତେବେ କ'ଣ ପରସ୍ପରକୁ ବିରୋଧି ବାକ୍ୟ କହନ୍ତି ? ପ୍ରକୃତରେ ବିଚାର କରି ଦେଖିଲେ, ଶାସ୍ତ୍ର କେବେ ପରସ୍ପର ବିରୋଧି ବାକ୍ୟ କହନ୍ତି ନାହିଁ । ଦୂରଦୃଷ୍ଟିର ଅଭାବ କିମ୍ବା ଶାସ୍ତ୍ରବାକ୍ୟର ପ୍ରକୃତ ମର୍ମ ବୁଝି ନ ପାରି ଲୋକେ ନିଜର ପାଣ୍ଡିତ୍ୟ ଦେଖାଇବା ପାଇଁ ନାନାପ୍ରକାର ଅଯଥା ଦୋଷାରୋପ କରିଥାଆନ୍ତି । ମନେ ରଖିବା ଉଚିତ ଯେ, ଶାସ୍ତ୍ର ବାକ୍ୟ ଆମତମ ପରି ସାଧାରଣ ଲୋକଙ୍କର କଥା ନୁହେଁ ଯେ ସେଥିରେ ଭୁଲ୍‌ଭ୍ରାନ୍ତି କିମ୍ବା ଅସଂଗତି ରହିବ । ସେ ପରା ସ୍ୱୟଂ ଠାକୁରଙ୍କର ବାକ୍ୟ । ସେଥିରେ ଭୁଲ୍ ତ୍ରୁଟି ଆସିବ କୁଆଡୁ ? କେବଳ ଶବ୍ଦର ଅର୍ଥ ନେଇ ବୁଝିବା ଦ୍ୱାରା ସିଦ୍ଧାନ୍ତରେ ଉପନୀତ ହେବା ସମ୍ଭବ ହୁଏ ନାହିଁ । ଠାକୁରଙ୍କ ବାକ୍ୟର ମର୍ମ ଓ ଅର୍ଥ ଗ୍ରହଣ କରିବା ଦ୍ୱାରା ସିଦ୍ଧାନ୍ତରେ ପହଞ୍ଚିବା ସହଜ ହେବ ।

ନମନୀୟ ଗୁଣରେ ଶାସ୍ତ୍ରାର୍ଥ ଗ୍ରହଣ କରିବା ଏକାନ୍ତ ପ୍ରୟୋଜନ । ସ୍ମରଣରେ ରଖିବା ଉଚିତ ଯେ ଜ୍ଞାନ, କର୍ମ ଓ ଭକ୍ତି ଭିତରେ କୌଣସି ବିରୋଧ ନାହିଁ । 'ଜ୍ଞାନ' ଶବ୍ଦର ତାତ୍ପର୍ଯ୍ୟ କ'ଣ ? ସବୁବେଳେ 'ଜ୍ଞାନ'କୁ ନିର୍ବିଶେଷ ବ୍ରହ୍ମ ବିଷୟକ ଜ୍ଞାନ ବୋଲି ଅର୍ଥ କରିବାର ଆବଶ୍ୟକତା ନାହିଁ । ସେହିପରି 'କର୍ମ'କୁ ସବୁବେଳେ ସକାମ କର୍ମ ବୋଲି ଭାବିବା ମଧ୍ୟ ଉଚିତ ନୁହେଁ । ଅନେକଙ୍କ ମତରେ ନିରାକାର ବ୍ରହ୍ମ ଉପଲବ୍ଧି କରିବା ହିଁ ଜ୍ଞାନ । ଏହା ଭକ୍ତିର ଅନୁକୂଳ ସାଧକ ନ ହୋଇ ପ୍ରତିକୂଳ ବାଧକ ହୋଇଥାଏ । କାରଣ ଏହା ବିଶୁଦ୍ଧା ଭକ୍ତିର ଅନ୍ତରାୟ । ଅବଶ୍ୟ ଏହା ଜ୍ଞାନ ପର୍ଯ୍ୟାୟଭୁକ୍ତ । କିନ୍ତୁ ଆମ କହିବା କଥା ହେଉଛି, ଭଗବଦ୍ ବିଷୟକ ଜ୍ଞାନ ଅର୍ଥାତ୍ ଭଗବାନଙ୍କୁ ଜାଣିବା, ଠାକୁରଙ୍କୁ ଜାଣିବା କ'ଣ ଜ୍ଞାନ ନୁହେଁ ? ସାଧୁ, ସନ୍ଥ, ଯୋଗୀ, ବୈଷ୍ଣବ, ସେବକଙ୍କ କୃପାରୁ ଭଗବାନଙ୍କୁ ଜାଣିଲେ ସିନା ତାଙ୍କୁ ଭକ୍ତି କରିବା । ଏହା ଜାଣିବାକୁ ହିଁ ଏଠାରେ ଜ୍ଞାନ ବୋଲି କୁହାଯାଇଛି । ଏପରି ନମନୀୟ ଭକ୍ତି ସହିତ ଜ୍ଞାନର କୌଣସି ବିରୋଧ ମଧ୍ୟ ରହିବ ନାହିଁ ।

ନିର୍ବିଶେଷରେ ବ୍ରହ୍ମଙ୍କ ନିକଟରେ ସାଯୁଜ୍ୟ ମୁକ୍ତି ପାଇଁ ଯେଉଁ ଜ୍ଞାନମାର୍ଗରେ ସାଧନା କରାଯାଇ ଜ୍ଞାନ ସାଧନ କରାଯାଏ, ତାହା ଭକ୍ତ ଗ୍ରହଣ କରେ ନାହିଁ । ସେ ଚିନି ସହିତ ମିଶି ଯାଇ ଚିନି ହେବାକୁ ଚାହେଁ ନାହିଁ, ବରଂ ଚିନିଠାରୁ ଅଲଗା ରହି ଚିନିର ସ୍ୱାଦୁ ଆସ୍ୱାଦନ କରିବାକୁ ଚାହେଁ । ଭଗବଦ୍ ବିଷୟକ ଜ୍ଞାନ ଭକ୍ତିର ଅଙ୍ଗ ଅଟେ । ସାଧୁସଂଗ ବା ସତ୍‌ସଂଗର ମହିମା ଉପରେ ଠାକୁରେ ଏତେ ଗୁରୁତ୍ୱ ଦେଉଅଛନ୍ତି କାହିଁକି, ଜାଣ ? କାରଣ, ସତ୍‌ସଂଗରେ ସାଧୁଅଂଗର ସାନିଧ୍ୟ ଲାଭ କଲେ, ଠାକୁରଙ୍କର ସନ୍ଧାନ ମିଳେ ଓ ତାଙ୍କ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବାର ସୁଯୋଗ ମଧ୍ୟ ମିଳେ । ଏହାଦ୍ୱାରା ସ୍ୱଭାବତଃ ଜ୍ଞାନ ଲାଭ ହୁଏ । ସତ୍‌ସଂଗରେ ବିଧିମତେ ନିଷ୍କପଟରେ ଏକ ମନଧ୍ୟାନରେ ବସି ଠାକୁରଙ୍କର ଲୀଳା କଥା ଶୁଣିଲେ ଠାକୁରଙ୍କ ପ୍ରତି ଅନୁରାଗ ବଢ଼େ । ଅନୁରାଗ କ୍ରମଶଃ ବଢ଼ି ବଢ଼ି ପ୍ରେମଲକ୍ଷଣା ଭକ୍ତିରେ ପରିଣତ ହୁଏ । ସେତେବେଳେ ଭକ୍ତ ପରମାନନ୍ଦରେ ନିଜସ୍ୱ ସତ୍ତା ଭୁଲିଯାଇ ଠାକୁରଙ୍କ ନାମ, ଗୁଣ, ଲୀଳା କୀର୍ତ୍ତନରେ ବିଭୋର ହୋଇ ରହେ । ମୁକ୍ତିକୁ ତୁଚ୍ଛ ମନେ କରି ଭଗବଦ୍ ଭଜନାନନ୍ଦରେ ଦିନ କଟାଏ । ସେତେବେଳେ ସେ ଠାକୁରଙ୍କୁ ପ୍ରାର୍ଥନା କରେ, ପ୍ରଭୋ ! ମୋର ମୁକ୍ତି ଆବଶ୍ୟକ

ନାହିଁ । ସ୍ୱର୍ଗ, ମର୍ତ୍ତ୍ୟ, ନରକ ଯେଉଁଠାରେ ଜନ୍ମ ଦିଅ ପଛକେ, ସବୁବେଳେ ଯେପରି ତୁମ ପଦ୍ମପାଦରେ ମୋର ଅଚଳା ଭକ୍ତି ରହ୍ । ତୁମ ପାଇଁ କାମ କରିବାର ସୁଯୋଗ ଯେପରି ମୋତେ ସବୁବେଳେ ସବୁଠାରେ ମିଳୁଥାଉ । ଏହା ବ୍ୟତୀତ ଭକ୍ତ ଆଉ କିଛି ଚାହେଁ ନାହିଁ ।

ଏଣୁ ଯେ ମୋ ଭାବ ଜାଣଇ । ତା'ର କୈବଲ୍ୟେ ଇଚ୍ଛା ନାହିଁ ॥
ମୁହିଁ ସଂପଦ ଦେଲେ ତା'ରେ । ତକ୍ଷଣେ ଦୂରେ ପରିହରେ ॥
ଏ ରୂପେ ଭକ୍ତିଯୋଗ ପଥେ । ଯେ ପ୍ରାଣୀ ଆଶ୍ରା କରେ ମୋତେ ॥
ସର୍ବ ସଂକଳ୍ପ ତା'ର ମିଳେ । ସେ ମୋତେ ଭଜଇ ନିଷ୍କଳେ ॥ - ଶ୍ରୀମଦ୍‌ଭାଗବତ ॥

**ଶାସ୍ତ୍ର**ରେ **ଜ୍ଞାନମିଶ୍ରା** ଭକ୍ତି କଥା ମଧ୍ୟ କୁହାଯାଇଛି । ଠାକୁରଙ୍କର ସେବା, ପରିଚର୍ଯ୍ୟା ଇତ୍ୟାଦି ସବୁ କିଛି କରିବା ସହିତ ନିରାକାର ନିର୍ବିଶେଷ ବ୍ରହ୍ମଙ୍କୁ ନିଜର ଉପାସ୍ୟ ବୋଲି ଯିଏ ଗ୍ରହଣ କରିପାରିଛି, ତା'ର ଭକ୍ତିଭାବକୁ ଜ୍ଞାନମିଶ୍ରା ଭକ୍ତି କୁହାଯାଏ । ଶ୍ରୀମଦ୍‌ଭଗବଦ୍ ଗୀତାର ପଞ୍ଚଦଶ ଅଧ୍ୟାୟର ୫୪ ଶ୍ଳୋକରେ ଅଛି :

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଂକ୍ଷତି । ସମଃ ସର୍ବେଷୁ ଭୂତେଷୁ ମଦ୍‌ଭକ୍ତିଂ ଲଭତେ ପରାମ୍ ।

**ଜ୍ଞାନ**ମିଶ୍ରା ଭକ୍ତି ନିଷ୍ଠାର ସହିତ ପାଳନ କଲେ, କ୍ରମ ପର୍ଯ୍ୟାୟରେ ତାହା ସୁଧା ଭକ୍ତିରେ ରୂପାନ୍ତରିତ ହୋଇ ଯାଇଥାଏ । ତେଣୁ, ବିଚାରି ଦେଖିଲେ 'ଜ୍ଞାନରୁ ଭକତି ଉଦୟ' କହିବାରେ କୌଣସି ଅସଂଗତି ଆଦୌ ନାହିଁ । ସେହିପରି କର୍ମଯୋଗକୁ ମଧ୍ୟ ଭକ୍ତିର ଅନୁକୂଳ ବୋଲି ବୁଝିବାକୁ ହେବ । କର୍ମକୁ ସବୁବେଳେ ବା ସବୁଠାରେ ସକାମ ବୋଲି ଭାବିବା ଠିକ୍ ନୁହେଁ । ଠାକୁରଙ୍କ ପୂଜା ପାଇଁ ଫୁଲ ତୋଳିବା, ମାଳା ଗୁନ୍ଥିବା, ଶାଖା ଗୃହ ପରିଷ୍କାର ପରିଚ୍ଛନ୍ନ କରିବା, ଠାକୁରଙ୍କ ବାସନ ମାଜିବା, ଲୁଗା ସଫା କରି ରଖିବା, ପ୍ରସାଦ ପ୍ରସ୍ତୁତ କରିବା, ଦୀପ, ଧୂପ, ଆଳତି ସଜାଡ଼ି ଦେବା ମଧ୍ୟ ଗୋଟିଏ ଗୋଟିଏ କର୍ମ । ଠାକୁରଙ୍କ ପୂଜା ସେବା ବିଷୟକ କର୍ମକୁ କର୍ମ ବୋଲି କହିଲେ, ଆଉ ଅସୁବିଧା କି ବିରୋଧ ମଧ୍ୟ ରହିବ ନାହିଁ ।

ଦି'ଧାଡ଼ି ଶାସ୍ତ୍ରବାଣୀ ମୁଖସ୍ଥ କରି ସ୍ମରଣରେ ରଖି ସମସ୍ତଙ୍କ ଆଗରେ ତା'କୁ ବାରମ୍ବାର ଗାଇ ବୁଲିଲେ, ଜଣେ ଜ୍ଞାନୀ ହୋଇଯାଏ ନାହିଁ କିମ୍ବା ନିଜ ପରିବାର, ପୁଅ ଝିଅ, ନାତିନାତୁଣୀ ପାଇଁ ଦିନରାତି ଖଟି ମରିଲେ, କର୍ମୀ ହୋଇ ଯାଏ ନାହିଁ । ଜ୍ଞାନଯୋଗ କି କର୍ମଯୋଗର ମହିମା ମହତ୍ତ୍ୱ ଅଲଗା । ଭିକାରୀକୁ ଦି'ଚାରିମୁଠା ଚାଉଳ ଦେଇ କିଏ କ'ଣ କେବେ ଦାନୀପଣରେ ସଂସାରରେ ପରିଚିତ ହୋଇ ପାରିଛି ? ଦାନଧର୍ମର ମଧ୍ୟ ମହିମା ମହତ୍ତ୍ୱ ରହିଛି । ଆମକୁ ଠାକୁରଙ୍କ ପଦ୍ମପାଦରେ ଲୟ ରଖି ସାତତାଳ ପାଣି, ସାତ ତାଳ ପଙ୍କ ଭିତରେ ଥିବା ଅମୁହାଁ ମନ୍ଦିରରୁ ରୂପା ସିନ୍ଦୁକ ମଧ୍ୟରୁ ସୁନାପେଡ଼ିଆ ଭିତରୁ ମାଣିକ୍ୟଟିକୁ ସଂଗ୍ରହ କରିବାକୁ ପଡ଼ିବ । ଉପରେ ଉପରେ ପାଣିରେ ଭାସିଲେ ମିଳିବ କ'ଣ ? ତୁଚ୍ଛା ଗୁଡ଼ାଏ ଦଳ !

ଏଣୁ ଭାଗବତ ମନ ଦେଇ ନିୟମିତ ଭାବରେ ଦୈନନ୍ଦିନ ପଢ଼ । ମହାରାଜ ଅମ୍ବରୀଷ ରାଜ୍ୟ ଶାସନ କରୁଥିଲେ । ଶାସକ ହୋଇ ଶାସନ କାର୍ଯ୍ୟରେ ଥିଲେ ମଧ୍ୟ ସେ ପରମଭକ୍ତ ଥିଲେ । କର୍ମକୁ ଯଦି ଠାକୁରଙ୍କ ଉଦ୍ଦେଶ୍ୟରେ କରାଯାଇ ତାଙ୍କରି ପଦ୍ମପାଦପୀଠରେ ସମର୍ପଣ କରିପାରିଲେ, ସେ କର୍ମରେ ଆଉ କର୍ମର ଗନ୍ଧ ରହେ ନାହିଁ କିମ୍ବା ବନ୍ଧ ମଧ୍ୟ ରହେ ନାହିଁ । ତେଣୁ ଭାଗବତ ଗାଏ :

''ମନ ବଚନ ଦେହ ଚିତ୍ତ । ଅବା ଇନ୍ଦ୍ରିୟ ବୁଦ୍ଧି କୃତ ॥
କିବା ସ୍ୱଭାବ ଅନୁସାରେ । ଯେ କର୍ମ କରି ଏ ସଂସାରେ ॥
ତା' ନାରାୟଣେ ସମର୍ପିବ । ଜୀବ ସ୍ୱଧର୍ମର ଏ ଭାବ ॥''

**ଅଳମତି ବିସ୍ତରେଣ ! ଶ୍ରୀକେଶବ ସମର୍ପଣମସ୍ତୁ !! ଓମିତି ନମସ୍କାରାନ୍ତେ ।**

**କେଶବ ଦାସ,**
**ସଂପାଦକ, 'ଚରମ' ॥**

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : କ୍ରୋଧ

## ('ଚରମ' : ଷଷ୍ଠପୁଷ୍ପ:ତୃତୀୟ ପାଖୁଡ଼ା : ଅଷ୍ଟବିଂଶତିତମ ସଂଖ୍ୟାର ଅନୁସୃତିରୁ)

''କ୍ରୋଧ ଅନର୍ଥର ଅଟଇ ମୂଳ
ଧର୍ମ କର୍ମ ମାନ କରେ ନିର୍ମୂଳ ।
ଦୃଢ଼ କରେ ପୁଣି ଭବ ବନ୍ଧନ
ତେଣୁ କ୍ରୋଧକୁ ବରଜ ତତ୍‌କ୍ଷଣ ।।''

ର
ହ୍ନ
ରେ
ଣୁ

''କ୍ରୋଧ ମାନବର ପ୍ରଥମ ଅରି
ନାଶଇ ଅଂଗ ତହିଁ ବାସ କରି ।
କାଷ୍ଠ ମଧ୍ୟେ ଥାଇ ବହ୍ନି ଯେସନ
ସେହି ବହ୍ନି କରେ ବନ ଦହନ ।।''

ବାସ୍ତବରେ ସଂସାରର କ୍ଷେତ୍ରରେ କ୍ରୋଧ ସକଳ ଅନର୍ଥର ମୂଳ କାରଣ ଅଟେ । ଏହା ମନୁଷ୍ୟର ଧର୍ମ, କର୍ମ, ମାନ, ସମ୍ମାନ ଆଦିକୁ ଅଚିରେ ମୂଳୋତ୍ପାଟନ କରିବା ସହିତ ଭବବନ୍ଧନକୁ ଦୃଢ଼ରୁ ଦୃଢ଼ତର କରିଥାଏ । କାଠ ମଧ୍ୟରେ ଲୁକ୍କାୟିତ ଥିବା ଅଗ୍ନି ଯେପରି କାଠ ସମେତ ସମସ୍ତ ବନରାଜ୍ୟକୁ ତତ୍‌କ୍ଷଣାତ୍ ଦହନ କରି ଭସ୍ମସ୍ତୁପରେ ପରିଣତ କରେ, କ୍ରୋଧ ସେହିପରି ମନୁଷ୍ୟ ଶରୀରରେ ରହି ଶରୀରକୁ ନଷ୍ଟ କରିଥାଏ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟକୁ ମଳିନ କରିଥାଏ ।

ପ୍ରଭୁପାଦ ଗୁରୁସ୍ୱାମୀ ଠାକୁରେ କ୍ରୋଧର ଉତ୍ପତ୍ତି ସଂପର୍କରେ ଜିଜ୍ଞାସୁ ପ୍ରିୟଶିଷ୍ୟର ଅନୁସନ୍ଧିତ୍ସାରେ ସନ୍ତୋଷ ପ୍ରକାଶ କରି ସ୍ୱମୁଖରେ ବ୍ୟକ୍ତ କରିଛନ୍ତି :

''କାମ ଇନ୍ଦ୍ରିୟ ଭୋଗ୍ୟ କ୍ରିୟା । ଏ ସୃଷ୍ଟି କରିଥାଏ ମାୟା ।।
ଏ କ୍ରିୟା ହେଲେ ବାଧାପ୍ରାପ୍ତ । ମନରେ ହୁଏ କ୍ରୋଧ ଜାତ ।।
କ୍ରୋଧଟି ପରମ ବଇରୀ । ପ୍ରାଣୀକୁ କରେ ଅହଂକାରୀ ।।''

ଅର୍ଥାତ୍ - ଇନ୍ଦ୍ରିୟ ଭୋଗ୍ୟ କ୍ରିୟା ସକଳ ଜୀବଠାରେ ମାୟା ବିସ୍ତାର କରିଥାଏ । ଏହି ଇନ୍ଦ୍ରିୟ ଭୋଗ୍ୟ କ୍ରିୟା ବାଧାପ୍ରାପ୍ତ ହେଲେ, ମନରେ କ୍ରୋଧ ଜାତ କରେ । କ୍ରୋଧ ଷଡ଼ରିପୁ ମଧ୍ୟରୁ ଅନ୍ୟତମ । ଏହା ଜୀବର ପରମଶତ୍ରୁ ଅଟେ ଓ ପ୍ରାଣୀକୁ ଅହଂକାରୀ କରିଥାଏ । ଠାକୁରେ କହନ୍ତି : ଜୀବର ଚର୍ମ ହିଁ କ୍ରୋଧର ଉତ୍ପତ୍ତି ସ୍ଥଳ, ତେଣୁ ଚର୍ମରେ କ୍ରୋଧର ମୂଳବୀଜ ନିହିତ ଥାଏ । ଇନ୍ଦ୍ରିୟ ଲାଳସା ଚରିତାର୍ଥ ନିମିତ୍ତ ଜୀବ ଯେଉଁ କାମନା କରେ, ତାହା ପୂରଣ ନ ହେଲେ, କ୍ରୋଧ ଭାବକୁ ଜୀବର ଚର୍ମ ସର୍ବ ପ୍ରଥମେ ଗ୍ରହଣ କରେ । ତତ୍ପରେ ଚର୍ମ ସ୍ନାୟୁ ସାହାଯ୍ୟରେ ଏହି କ୍ରୋଧ ଭାବକୁ ସୂକ୍ଷ୍ମ କେନ୍ଦ୍ରକୁ ବିଦ୍ୟୁତ୍ ଗତିରେ ପ୍ରେରଣ କରେ । ଉକ୍ତ କ୍ରୋଧଭାବକୁ ସୂକ୍ଷ୍ମ କେନ୍ଦ୍ର ତତ୍‌କ୍ଷଣାତ୍ ଅନୁମୋଦନ କରି ତହିଁରେ ରନ୍ଧ୍ରମାନ ସୃଷ୍ଟି କରେ । ସେହି ସୂକ୍ଷ୍ମବୀଜ କ୍ରୋଧ ପ୍ରତିଟି ରନ୍ଧ୍ରରେ ହିଂସା, ଅସୂୟା, ପ୍ରତିଶୋଧ, ପ୍ରତିହିଂସା, ଅହଂକାର ପରି ମଞ୍ଜି ଚିତ୍ତ ମଧ୍ୟରେ ଫଳାଇଥାଏ । ପରେ ସ୍ଥୂଳରେ ଏହା ପ୍ରକାଶିତ ହୁଏ । କ୍ରୋଧର ମଞ୍ଜି ସ୍ଥୂଳରେ ପ୍ରକାଶିତ ହେବା ପୂର୍ବରୁ ସୂକ୍ଷ୍ମତଃ ଚିତ୍ତରାଜ୍ୟରେ ତରଙ୍ଗମାଳା ଉତ୍ଥାନ କରିଥାଏ । ବହିର୍ବାହୀ ସ୍ନାୟୁ ଦ୍ୱାରା ଏହି ତରଙ୍ଗମାଳା ପୁନର୍ବାର ଚର୍ମକୁ ପ୍ରେରିତ ହୁଏ । ଏହା ଦ୍ୱାରା ପ୍ରାଣୀର ସ୍ୱରୂପରେ ତତ୍‌କ୍ଷଣାତ୍ କ୍ରୋଧ ପ୍ରକାଶ ଲାଭ କରି ସ୍ଥୂଳ ଆଚରଣରେ ଫୁଟିଉଠେ । ଜୀବପିଣ୍ଡସ୍ଥ ବ୍ରହ୍ମପଦାର୍ଥ କ୍ରୋଧରେ ପରିଣତ ହେବା ମାତ୍ରେ ଶରୀର ମଧ୍ୟରେ ସୁରାର କ୍ଷରଣ ବା ନିର୍ଗମନ ହୋଇ ଅନ୍ତଃକରଣରେ ଅଂହକାର ସୃଷ୍ଟି ହୁଏ । ଏହା ଶରୀରକୁ କ୍ରୋଧିତ କରେ । ଏହା ଦ୍ୱାରା ଶରୀରରେ ନାନା ଦୁଃସାଧ୍ୟ ରୋଗ ଉତ୍ପନ୍ନ ହୁଏ । ଦେହ ମଧ୍ୟରେ ସୁରାବିଷ ନିର୍ଗତ ହୋଇ ଶରୀରକୁ ବିଷାକ୍ତ/ବିଷ ଜର୍ଜରିତ କରିଦିଏ । ରୋଗ ସହିତ କ୍ରୋଧର ପ୍ରକୋପ ଜୀବର ପରମ ଶତ୍ରୁ ହୋଇ ଜୀବନର ବିଭିନ୍ନ ପର୍ଯ୍ୟାୟରେ ନାନାଦି ଅଘଟଣ ଘଟାଇଥାଏ । ମନୁଷ୍ୟକୁ ଦେବତାରେ ପରିଣତ କରିବା ସୁଦୂର ପରାହତ ହୁଏ, ବରଂ ଅନ୍ୟପକ୍ଷରେ ଏହା ମନୁଷ୍ୟକୁ ମାନବ ପର୍ଯ୍ୟାୟରୁ ନିମ୍ନକୁ ଟାଣି ନେଇ ପଶୁ ବା ଅସୁରରେ ପରିଣତ କରିଦିଏ । ଠାକୁରେ କ୍ରୋଧର ସ୍ୱରୂପ ସଂପର୍କରେ ବଡ଼ ସୁନ୍ଦର ମନୋରମ ଭାଷାରେ କହିଛନ୍ତି :

''କ୍ରୋଧ ଅଟଇ ଅଗ୍ନିବତ । କରଇ ତନୁ ଭସ୍ମୀଭୂତ ।।
ସ୍ଥୂଳ ଦେହଟି ହେଲେ ନଷ୍ଟ । ସୂକ୍ଷ୍ମ ଲଭଇ ନାନା କଷ୍ଟ ।।
ତେଣୁ କ୍ରୋଧର ନିବାରଣ । ଉପାୟ କରି ଆଚରଣ ।।
ଅକ୍ରୋଧୀ ତପସ୍ୱୀ ହୋଇବ । ସ୍ଥୂଳ ସୂକ୍ଷ୍ମରେ ସୁସ୍ଥ ଥିବ ।।''

ଅଗ୍ନିତୁଲ୍ୟ କ୍ରୋଧ ମନୁଷ୍ୟ ଶରୀରରେ ଉତ୍ପନ୍ନ ହୋଇ ନରତନକୁ ଭସ୍ମସ୍ତୂପରେ ପରିଣତ କରିଦିଏ । ବ୍ୟକ୍ତିର ସ୍ଥୂଳ ଶରୀର କ୍ରୋଧାନଳରେ ଦଗ୍ଧମାନ ହୋଇ କ୍ରମଶଃ ନଷ୍ଟ ହୁଏ । ଦେହର କାନ୍ତି, ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପୋଡ଼ିଯାଏ । ଫଳରେ ସ୍ଥୂଳ ଶରୀରରେ ଆଶ୍ରୟ ନେଇ ରହିଥିବା ସୂକ୍ଷ୍ମ ଶରୀର/ସୂକ୍ଷ୍ମ ସତ୍ତା ନାନାଦି କଷ୍ଟ ପାଏ । ତେଣୁ ପ୍ରତ୍ୟେକ ମନୁଷ୍ୟ କ୍ରୋଧ ନିବାରଣର ଉପାୟ ଅବଶ୍ୟ ଆଚରଣ କରିବା ଏକାନ୍ତ କର୍ତ୍ତବ୍ୟ । ପ୍ରତ୍ୟେକ ବ୍ୟକ୍ତି ଅକ୍ରୋଧୀ ଏବଂ ତପସ୍ୱୀ ହେବା ବାଞ୍ଛନୀୟ । ଏହା ଦ୍ୱାରା ସ୍ଥୂଳଶରୀର ଏବଂ ତନ୍ମଧ୍ୟରେ ଥିବା ସୂକ୍ଷ୍ମଶରୀର ସୁସ୍ଥ, ସବଳ, ସୁନ୍ଦର, କମନୀୟ କାନ୍ତିଭରା ହୋଇ ପାରିବ ବୋଲି ଠାକୁରେ ସ୍ୱୟଂ ଶ୍ରୀମୁଖରେ ପ୍ରକାଶ କରିଅଛନ୍ତି ।

ଅକ୍ରୋଧୀ ନ ହେଲେ କେହି ତପସ୍ୱୀ ହୋଇ ପାରିବା ସମ୍ଭବ ନୁହେଁ । ମାନବ ଦେହରେ ଦିବ୍ୟଗୁଣ ରୋପଣର ଭାବକୁ ସର୍ବଦା ସ୍ମରଣରେ ରଖି କ୍ରୋଧକୁ ଜୟ କରିବା ସହିତ କାମ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟକୁ ନିୟନ୍ତ୍ରଣ କରି ପାରିଲେ, ମନୁଷ୍ୟ ଏହି ଧରାପୃଷ୍ଠରେ ତପସ୍ୱୀ ବା ସାଧକ ଯୋଗୀ ହୋଇପାରେ । ଏ ସମ୍ବନ୍ଧରେ ସୁନ୍ଦର ଗଳ୍ପଟିଏ ଠାକୁରେ କହନ୍ତି :

କୌଣସି ଏକ ରାଜ୍ୟରେ ଗୋଟିଏ ନଦୀତୀରରେ ଜଣେ ତପସ୍ୱୀ ସୁନ୍ଦର ଆଶ୍ରମଟିଏ ସ୍ଥାପନ କରି ଶିଷ୍ୟମାନଙ୍କ ସହିତ ରହୁଥିଲେ । ତପସ୍ୱୀ ପ୍ରତିଦିନ ନଦୀରେ ସ୍ନାନ କରି ସନ୍ଧ୍ୟା ଆହ୍ନିକ ଓ ତର୍ପଣ ଆଦି କରୁଥାନ୍ତି । ଥରେ ବର୍ଷାଋତୁରେ ନଦୀରେ ବନ୍ୟା ଆସିଥାଏ । ତପସ୍ୱୀ ବନ୍ୟା ଜଳରେ ଛାତିଏ ପାଣିରେ ଛିଡ଼ା ହୋଇ ତର୍ପଣ କରୁଥାଆନ୍ତି । ବଢ଼ି ପାଣିରେ କଙ୍କଡ଼ା ବିଛାଟିଏ ଭାସି ଆସି ତପସ୍ୱୀଙ୍କ ପାଖରେ ପହଞ୍ଚିଲା । ତପସ୍ୱୀ କଙ୍କଡ଼ା ବିଛାଟିକୁ ଦେଖି ଆପଣା ହାତ ପାପୁଲିରେ ଉଠାଇ ନେଲେ । ବିଛା ତପସ୍ୱୀଙ୍କ ହାତରେ ଦଂଶନ କଲା ଓ ପାଣିକୁ ଡେଇଁ ପଡ଼ିଲା । ତପସ୍ୱୀ ପୁଣି ତାକୁ ଉଠାଇ ନେଲେ । ଏପରି ଭାବରେ ତପସ୍ୱୀ ଯେତେ ଥର ତାକୁ ବନ୍ୟାଜଳରୁ ଉଠାଇ ଧରନ୍ତି, ସେ ସେତେ ଥର ତପସ୍ୱୀଙ୍କୁ ଦଂଶନ କରୁଥାଏ । ନଦୀକୂଳରେ ସମବେତ ତପସ୍ୱୀଙ୍କର ଶିଷ୍ୟମାନେ ଓ ଅନୁଗତ ଭକ୍ତମାନେ ଏହା ଦେଖି କହିଲେ, 'ପ୍ରଭୁ, ବିଛାଟି ହିଂସ୍ର ଜନ୍ତୁ । ସେ ଆପଣଙ୍କୁ ବାରମ୍ବାର ଦଂଶନ କରି ଯନ୍ତ୍ରଣା ଦେଲେ ମଧ୍ୟ ଆପଣ ତା'କୁ ଜଳରେ ଛାଡ଼ି ଭାସି ଯିବା ପାଇଁ ନ ଦେଇ ପାପୁଲିରେ ଉଠାଇ ଧରୁଛନ୍ତି କାହିଁକି ? ଆପଣଙ୍କ ମନରେ କ୍ରୋଧ ଜାତ ହେଉ ନାହିଁ ?' ତପସ୍ୱୀ ସ୍ମିତ ହସି କହିଲେ, 'ତୁମେମାନେ ଠିକ୍ କହୁଛ । କଙ୍କଡ଼ା ବିଛାଟି ହିଂସ୍ର । ତା'ର ଗୁଣ ଦଂଶନ କରିବା । ମାତ୍ର ମନୁଷ୍ୟର ଗୁଣ ସହ୍ୟ କରିବା ଓ କ୍ଷମା ଦେବା । ଛାର ବିଛାଟିଏ ଯଦି ନିଜର ଗୁଣ ଓ କର୍ତ୍ତବ୍ୟ ଛାଡ଼ି ପାରୁନାହିଁ, ତେବେ ଆମେ ଦୁର୍ଲଭ ମନୁଷ୍ୟ ଜନ୍ମ, ଜୀବନ ଓ ଦେହ ପାଇ ମଧ୍ୟ କ୍ରୋଧର ବଶବର୍ତ୍ତୀ ହୋଇ ନିଜର ମାନବିକ ଦୟା କ୍ଷମା ଓ ସହିଷ୍ଣୁତା ଗୁଣ ଭୁଲିଯିବା କାହିଁକି ? ଦୁଃସ୍ଥ ଜୀବକୁ ବିପଦରୁ ଉଦ୍ଧାର କରିବା କର୍ତ୍ତବ୍ୟ ପାଳନରେ କ୍ରୋଧ ବଶତଃ ଅବହେଳା ଅବା କରିବା କିପରି ? ତେଣୁ ମୋ ମନରେ ତିଳେ ମାତ୍ର କ୍ରୋଧ ଜାତ ହେଉନାହିଁ କି ଲବେ ମାତ୍ର ଦଂଶନ ଯନ୍ତ୍ରଣା ଅନୁଭବ କରି ପାରୁନାହିଁ । ବିଚରା କଙ୍କଡ଼ା ବିଛା ଅଜ୍ଞାନତା ବଶତଃ ଜାଣିପାରୁନାହିଁ ଯେ ବନ୍ୟାଜଳରେ ଭାସି ଭାସି ନିଜର ଜୀବନକୁ ହରାଇବାକୁ ବସିଛି କିମ୍ବା ମୁଁ ତାକୁ ପାପୁଲିରେ ଧରି ଜୀବନ ରକ୍ଷା କରୁଛି ବୋଲି । ତେଣୁ ନିର୍ବୋଧତାରେ ସେ ତା'ର ରକ୍ଷାକାରୀକୁ ଦଂଶନ କରୁଛି । ମୁଁ ତ ତା'ପରି ନିର୍ବୋଧ କିମ୍ବା ମୂଢ଼ ନୁହେଁ । କ୍ରୋଧ କରି ଯନ୍ତ୍ରଣା ପାଇଁ ତା'କୁ ମୃତ୍ୟୁ ମୁଖକୁ ଠେଲି ଦେବି କିପରି ? ଏହା କହି ତପସ୍ୱୀ ଧୈର୍ଯ୍ୟର ସହିତ କଙ୍କଡ଼ା ବିଛାର ବାରମ୍ବାର ଦଂଶନ ସତ୍ତ୍ୱେ ତା'କୁ ନିଜର ନରମ ପାପୁଲିରେ ଆଣି ନଦୀକୂଳରେ ଶୁଖିଲା ସ୍ଥଳଭାଗରେ ଛାଡ଼ି ଦେଲେ । ଏହି ଗଳ୍ପାଂଶରୁ ଧୈର୍ଯ୍ୟ ଓ ସହନଶୀଳତାର ଅଭ୍ୟାସ କର୍ମଯୋଗ ବଳରେ କିପରି ଷଡ଼ରିପୁକୁ ମନୁଷ୍ୟ ଆପଣା ନିୟନ୍ତ୍ରଣରେ ରଖିପାରେ ତାହା ଆମେ ପ୍ରତ୍ୟେକେ ଶିକ୍ଷା କରି ନିଜନିଜର କର୍ମଧାରା ଚୟନ କରିବା ଉଚିତ ହେବ ।' (କ୍ରମଶଃ....)

ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ !!!


### : ନିଶବଦ ଘରୁ ଶବଦ ଶୁଭୁଛି :

ନିଶବଦ ଘରୁ ଶବଦ ଶୁଭୁଛି
ଅଣାକାର ହୋଇ ଆକାର ନାହିଁ ॥୦॥
କାଳେନ୍ଦୀ ହ୍ରଦରେ ଫୁଟିଅଛି ପଦ୍ମ
ହାତ ବଢ଼ାଉଛି ତୋଳିବା ପାଇଁ ।
ଫୁଲଫୁଟି ଫୁଲ ଲେଉଟି ଚାହିଁଛି
ତହିଁକି ଭ୍ରମରା ହେଉଛି ବାଇ ॥୧॥
ହାଟୁଆ ଥିଲାକୁ ହାଟ ଜଗିଥିଲା
ଘାଟ ଜଗିଥିଲା ଘାଟିଆ ରହି ।
ହାଟ ତ ଭାଙ୍ଗିଲା ପସରା ପଡ଼ିଲା
ମନୁଆଁ କରଣ ରହିବ କାହିଁ ॥୨॥
ତ୍ରିବେଣୀର ଜଳ ଅତି ହିଁ ନିର୍ମଳ
କୋଟିଚନ୍ଦ୍ର ତୁଲା ଜଳଇ ତହିଁ ।
କିଶୋର କିଶୋରୀ ଖେଡ଼ା କରୁଛନ୍ତି
ସେଠାବେଣ ଦିବା ରଜନୀ ନାହିଁ ॥୩॥
ଧନ ଦାରାସୁତ ଆବୋରି ରହିଛୁ
ବୋଲୁଛୁ ଏ ଘରେ କାରେଣୀ ମୁହିଁ ।
ଏଡ଼େ ବଡ଼ ସୁଖ ଦଣ୍ଡକେ ଭାଙ୍ଗିବ
ଘେନି ଯିବେ ମଡ଼ା ମଶାଣି ଭୂଇଁ ॥୪॥
ବିଅର୍ଥ ହୋଇଲୁ ଏବେ କି କରିବୁ
ଦୟାଧର୍ମ ତୋର ହୃଦୟେ ନାହିଁ ।
ଭଣଇ ଅଁଚ୍ୟୁତ ସେ ପଦେ ଶରଣ
ଖୋଜିଲେ ଏ ଦେହ ପାଇବୁ ନାହିଁ ॥୫॥

ଠଠଠ

- ଅଚ୍ୟୁତଙ୍କ ଲେଖନୀରୁ

ଏହାର ସରଳ ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ହୋଇଅଛି ।




## ଗଳ୍ପାଂଶ

*ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ପୁରାଣ ଏକ ଆଞ୍ଚଳିକ ରୂପ । ଏହା ଶାସ୍ତ୍ରୀୟ ଧାରାରେ ଅନୁବନ୍ଧ ନୁହେଁ । ତଥାପି ପୁରାଣକାରମାନେ ପୌରାଣିକ ଆଖ୍ୟାୟିକା ମାଧ୍ୟମରେ ଗଣମାନସର ମନୋରଂଜନ ସହିତ ତହିଁରେ ଗର୍ଭିତ ଯୋଗସାଧନା ସମ୍ବଳିତ ପିଣ୍ଡତତ୍ତ୍ୱର ପ୍ରଖ୍ୟାପନ ଦ୍ୱାରା ଗଣମାନସରେ ଆଧ୍ୟାତ୍ମିକ ଚେତନାର ଉଦ୍ରେକ ଦ୍ୱାରା ସାମାଜିକ ଶୃଙ୍ଖଳା ରକ୍ଷା ପାଇଁ ପ୍ରୟାସୀ ଥିଲେ । ଏହି ଧାରାରେ ଶିବପୁରାଣର ପ୍ରଥମ ଖଣ୍ଡରୁ ''ତରମ'' ପୃଷ୍ଠାରେ ପୌରାଣିକ ଗଳ୍ପାଂଶ ସହିତ ମୀମାଂସାର ସଂଯୋଜନା କରାଯାଇଅଛି ।*

### ଭୂଜବଳ ଚୌର ଚରିତ

**ଶୌନକାଦି** ଋଷିଗଣ ବ୍ରହ୍ମାଙ୍କର ପୁତ୍ର ସନତ୍‌କୁମାରଙ୍କୁ ପଚାରିଲେ ଯେ, ବିଲ୍ୱପତ୍ରରେ ଶିବଙ୍କର ବଡ଼ ସ୍ନେହ ଥାଏ ବୋଲି ଜାଣିଛୁ । ପୂର୍ବକାଳରେ କିଏ ଶିବଙ୍କୁ ବିଲ୍ୱପତ୍ରରେ ପୂଜା କରିଥିଲେ, ତାହା ଯଦି ଆପଣ ଜାଣିଥାଆନ୍ତି ତେବେ ପ୍ରସନ୍ନ ହୋଇ କୁହନ୍ତୁ । ଆମ୍ଭେ ସମସ୍ତେ ତାହା ଏକମନ ହୋଇ ଶୁଣିବୁ । ଏହା ଶୁଣି ସନତ୍‌କୁମାର ସେମାନଙ୍କୁ ମନଦେଇ ଶୁଣିବା ପାଇଁ କହି ଆରମ୍ଭ କଲେ -

ପୂର୍ବକାଳରେ ଭୂଜବଳ ନାମରେ ଜଣେ ଚୋର ଥିଲା । ଚୌରବିଦ୍ୟାରେ ତା'ର ବଡ଼ କରାମତି ଥିଲା । ଚାହୁଁ ଚାହୁଁ ସମସ୍ତଙ୍କର ଅଜାଣତରେ ସେ ଦ୍ରବ୍ୟାଦି ହରଣ କରି ନିଏ । ଅପନ୍ତରା ବାଟରେ ସେ ଠେଙ୍ଗାଟିଏ ଧରି ଜଗି ରହୁଥାଏ । ସେ ପଥ ଦେଇ କୌଣସି ପଥିକ ଗଲେ, ସେ ଠେଙ୍ଗା ପ୍ରହାରରେ ତା'କୁ ସଂହାର କରି ତା'ର ସମସ୍ତ ଦ୍ରବ୍ୟ ହରଣ କରି ନିଏ । ବାରମ୍ବାର ଏପରି ଘଟଣା ଘଟିବାରୁ, ସମସ୍ତେ ଶଙ୍କିତ ହୋଇ ସେ ପଥରେ ଗମନାଗମନ କଲେ ନାହିଁ । ଭୟରେ ସେ ପଥ ଦେଇ କେହି ନ ଯିବାରୁ ସେ ବାଟ ସବୁ ଦିନ ପାଇଁ ବନ୍ଦ ହୋଇଗଲା । ଚୋର ପ୍ରତିଦିନ ମୂଲ୍ୟବାନ ଦ୍ରବ୍ୟମାନ ଚୋରି କରିବାରୁ ଗ୍ରାମବାସୀମାନେ କ୍ରମଶଃ ଦରିଦ୍ର ହୋଇଗଲେ ଓ ଭୟଭୀତ ହୋଇ ଦିନ ଥାଉଁ ଥାଉଁ କବାଟ କିଳି ରହିଲେ । ଗ୍ରାମଦାଣ୍ଡରେ ସର୍ବଦା ଚୋରଚୋର ଡାକ ଶୁଭିଲା ଏବଂ କ୍ରମେ ବାଟ ଘାଟ ସବୁ ବନ୍ଦ ହୋଇଗଲା । ସେ ଦେଶ ଲୋକମାନେ ବିଷମ ସଂକଟରେ ପଡ଼ି ଚୋର କିପରି ଧରାପଡ଼ିବ ତାହା ଚିନ୍ତା କରିବାକୁ ଲାଗିଲେ । ସେମାନେ ସମସ୍ତେ ଦିନେ ବିଚାର କଲେ ଯେ, ଚୋର ପରି ଲୁଚି ରହି ସବୁଆଡ଼େ ଜଗିବେ ଏବଂ ଚୋରକୁ ଧରି ବାନ୍ଧି ପକାଇବେ ।

ଏହା ବିଚାର କରି ଦିନେ ସଂଧ୍ୟା ସମୟରୁ ସମସ୍ତେ ମିଳି ସବୁ ସ୍ଥାନରେ ଚୋରକୁ ଧରିବା ପାଇଁ ଲୁଚି ରହିଲେ । ସେହିଦିନ ରାତିରେ ଚୋର ଧରା ପଡ଼ିଲା । ଭୂଜବଳ ଚୋର ଅତ୍ୟନ୍ତ ବଳିଷ୍ଠ ଅଟେ । ଲୋକେ କୌଶଳ କରି ତା'କୁ ଆଗୁଳି ବାନ୍ଧି ପକାଇଲେ ଓ ପୂର୍ବ ଅହନ୍ତା ଶୁଝାଇବା ପାଇଁ ତା'କୁ ମାରି ମାରି ହୀନସ୍ତା

କଲେ । ମନ ଇଚ୍ଛା ମାଡ଼ ମାରି ସାରିବା ପରେ ତା'କୁ ନେଇ ରାଜ୍ୟର ରାଜାଙ୍କ ସମ୍ମୁଖରେ ଛିଡ଼ା କରାଇଲେ । ରାଜାଙ୍କୁ ଦେଖି ଚୋର ଭୂଜବଳ କାନ୍ଦି କାନ୍ଦି କହିଲା ଯେ, ଲୋକେ ମେଳି ହୋଇ ମୋ ଘରେ ପଶି ମୋତେ ଦଉଡ଼ିରେ ବାନ୍ଧି ମାଡ଼ ମାରି ମିଛରେ ଚୋର ବୋଲି କହି ଏଠାକୁ ଆଣିଛନ୍ତି । ମୋ ପାଖରେ କିଛି ଚୋରା ଧନ ନାହିଁ, ଏମାନେ ତୁଚ୍ଛାରେ ମୋତେ ମାଡ଼ ମାରି ମେଳି ହୋଇ ଚୋର ବୋଲି କହୁଛନ୍ତି । ପ୍ରକୃତରେ ମୁଁ ଚୋର ନୁହେଁ । ଏମାନେ ରାଗ ରଖି ଏପରି କରୁଛନ୍ତି । ହେ ରାଜା, ଆପଣ ଧର୍ମାବତାର ଅଟନ୍ତି । ନିର୍ଦ୍ଦୋଷକୁ ଦଣ୍ଡ ଦେଲେ, ତାହା ରାଜାଙ୍କ ପାଇଁ ଲଜ୍ଜାକର କଥା ହେବ । ରାଜା କହିଲେ, ତୁ ଯେବେ ଚୋର ନୋହୁଁ, ତେବେ ତୋର କିଏ ସାକ୍ଷୀ ଅଛି 'ତା'କୁ ଏଠାକୁ ଆଣ । ଭୂଜବଳ କହିଲା, ମୁଁ ଅତ୍ୟନ୍ତ ଦୁଃଖୀ ଓ ଦରିଦ୍ର ଅଟେ । ମୋ ପାଇଁ ସାକ୍ଷୀ ପ୍ରମାଣ ଦେବାକୁ କେହି ଏଠାକୁ ଆସିବେ ନାହିଁ । ଏହା ଶୁଣି ରାଜା ତା'କୁ ରାଜ୍ୟରୁ ବାହାର କରିଦେଲେ ।

ତହୁଁ ଚୋର ଭୂଜବଳ ନିଜ ପରିବାର ଲୋକଙ୍କୁ ଧରି ରାଜ୍ୟରୁ ବାହାରିଗଲା । କେତେ ବନ ପର୍ବତ ପାରି ହୋଇ ସେ ଯାଇ ଅବନ୍ତୀ ରାଜ୍ୟରେ ଘର କରି ରହିଲା । ସେଠାରେ ମଧ୍ୟ ସେ ନିଜର ସ୍ୱଭାବ ଛାଡ଼ି ନ ପାରି ପ୍ରତ୍ୟେକ ରାତିରେ ଘରଘର ବୁଲି ଚୋରି କଲା । ଯେଉଁ ଦିନ ଯାହା ପାଏ ତାହା ବିକାକିଣା କରି ପରିବାର ଚଳାଉଥାଏ । ଦିନେ ସଂଧ୍ୟା ସମୟରେ ସେ ସେହି ରାଜ୍ୟର ରାଜାଙ୍କ ବଗିଚାକୁ ଚୋରି କରିବା ପାଇଁ ଗଲା । ସେଠାରେ କିଛି ନ ପାଇ ଗୋଟିଏ ବେଲଗଛରେ ଚଢ଼ିଲା । ଗଛରେ ପାଚିଥିବା ବେଲସବୁ ସେ ବାଛିବାଛି ତୋଳିବାକୁ ଲାଗିଲା । ଦୈବଯୋଗକୁ ସେଦିନ ଚତୁର୍ଦ୍ଦଶୀ ତିଥି ଏବଂ ସୋମବାର । ଏପରି ତିଥି ଓ ବାର ଶିବଙ୍କର ଅତି ପ୍ରିୟ ଅଟେ । ସେଦିନ ଶିବ ବେଲପତ୍ରରେ ପୂଜା ପାଇବାକୁ ଆଗ୍ରହ ପ୍ରକାଶ କରିଥାଆନ୍ତି । ଭୂଜବଳ ଗଛରେ ଚଢ଼ି ବେଲ ତୋଳୁଥାଏ । ହଠାତ୍ ଆକାଶରେ ଅଦିନ ମେଘ ଘୋଟି ଆସିଲା । ପ୍ରଚଣ୍ଡ ପବନ, ଘଡ଼ଘଡ଼ି ଓ ବିଜୁଳି ସହିତ ଅଳ୍ପ ଅଳ୍ପ ବର୍ଷା ହେଲା । ସେହି ବେଲଗଛ ମୂଳରେ ଏକ ଶିବଲିଙ୍ଗ ଥିଲେ । ମେଘୁଆ ଅନ୍ଧାର ରାତିରେ ଭୂଜବଳ ଚୋର ବେଲ ତୋଳୁ ତୋଳୁ ବେଲପତ୍ର ବର୍ଷାଜଳ ସହିତ ଶିବଲିଙ୍ଗ ଉପରେ ପଡ଼ିଲା । ଦେବଦେବ ମହାଦେବ ତ ଆଶୁତୋଷ । ସେ ଜଳ ଓ ବେଲପତ୍ର ପାଇ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଗଲେ । ସେ ଭୂଜବଳକୁ ଆପଣାର ପ୍ରିୟଭକ୍ତ ଭାବରେ ତତ୍‌କ୍ଷଣାତ୍ ଗ୍ରହଣ କରିନେଲେ ।

କିଛିଦିନ ପରେ ଚୋର ଭୂଜବଳ ସନ୍ନିପାତ ଜ୍ୱରରେ ପଡ଼ି ପ୍ରାଣ ତ୍ୟାଗ କଲା । ମୃତ୍ୟୁ ସମୟ ଜାଣି ଯମଦୂତମାନେ ଚର୍ମପାଶ ଧରି ତା'ପାଖରେ ପହଞ୍ଚିଗଲେ । ସେତିକିବେଳକୁ ଶିବଗଣ ତା'କୁ ଶିବଲୋକକୁ ନେଇଯିବା ପାଇଁ ଆସି ସେଠାରେ ପହଞ୍ଚିଲେ । ଶିବଗଣଙ୍କୁ ଦେଖି ଯମଦୂତମାନେ କୋପକରି ତୁମ୍ଭେମାନେ ଏ ମହାପାପୀ ପାଖକୁ କାହିଁକି ଆସିଛ ବୋଲି ପଚାରିଲେ ଏବଂ କହିଲେ ଆମ୍ଭେ ଏ ମହାପାପୀକୁ ଯମପୁରକୁ ନେଇ ନାନା ଦଣ୍ଡ ଦେବୁ । ଏ ପାପୀ ତା' ଜୀବନରେ ଦିନକ ପାଇଁ ମଧ୍ୟ ଶିବଙ୍କର ପୂଜା କରିନାହିଁ । ତୁମ୍ଭେମାନେ ବୃଥାରେ ଏହା ପାଖକୁ କାହିଁକି ଆସିଛ ? ଯମଦୂତଙ୍କ ମୁହଁରୁ ଏପରି କଥା ଶୁଣି ଶିବଗଣ କୋପ କରି ଶୂଳଧରି ତାଙ୍କୁ ମାରି ଗୋଡ଼ାଇଲେ । ଶିବଗଣଙ୍କର କୋପମୂର୍ତ୍ତି ଦେଖି ଯମଦୂତମାନେ ଭୟଭୀତ ହୋଇ ବାହୁଡ଼ି ଯାଇ ଯମରାଜଙ୍କ ଆଗରେ ସବୁ କଥା କହିଲେ । ଯମରାଜ ଦୂତଙ୍କ ମୁହଁରୁ ଏପରି ବିପରୀତ କଥା ଶୁଣି ଚିତ୍ରଗୁପ୍ତଙ୍କୁ ଡକାଇ ଚୋର ଭୂଜବଳ ବିଷୟରେ ପଚାରିଲେ । ଚିତ୍ରଗୁପ୍ତ କହିଲେ, ହେ ଜନ୍ତୁନାଥ ! ଚୋର ଭୂଜବଳ ମହାପାପୀ ଅଟେ ସତ୍ୟ । ମାତ୍ର ଦିନେ ଚତୁର୍ଦ୍ଦଶୀ ତିଥି ସୋମବାରରେ ବେଲ ଚୋରି କରୁଥିବା ବେଳେ ବେଲପତ୍ର ସହିତ ବର୍ଷାଜଳ ମିଶି ଶିବଲିଙ୍ଗ ଉପରେ ପଡ଼ିଥିଲା । ତେଣୁ, ସେ ଶିବଭକ୍ତ ଭାବରେ ଗଣନା ହେଲା । ତା'ର ପୂର୍ବାର୍ଜ୍ଜିତ ସମସ୍ତ ପାପରୁ ସେ ନିସ୍ତାର ପାଇଗଲା । ଶିବ ପ୍ରସନ୍ନ ହୋଇଥିବାରୁ ସେ ଶିବଲୋକକୁ ଯାଇ ଶିବଗଣରେ ରହିବ । ଏବେ ଆଉ ତା' ଉପରେ ତୁମ୍ଭର କୌଣସି ଅଧିକାର ନାହିଁ । ଏହାଶୁଣି ଜନ୍ତୁପତି ଶିବଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲେ ।

ଏହା ପରମ ପବିତ୍ର ପୁରାଣ ଅଟେ । ଯେଉଁ ବ୍ୟକ୍ତି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଏହା ପାଠ ବା ଶ୍ରବଣ କରେ ତା'ର ସମସ୍ତ ପାପ ଖଣ୍ଡନ ହୁଏ ।

ଏହାର ସରଳ ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ହୋଇଅଛି ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ
# ମୋହ

ଇନ୍ଦ୍ରିୟ ପରିତୃପ୍ତି ପାଇଁ ଆସକ୍ତ ଜୀବ ଗାଢ଼ ଭାବରେ ମୋହ ପାଶ ଆବଦ୍ଧ ହୋଇ ହିତାହିତ ଜ୍ଞାନଶୂନ୍ୟ ହୁଏ । ବିବେକ ଶୂନ୍ୟତାରୁ ନାନାବିଧ ବିପାକ ବିପତ୍ତିରେ ପଡ଼ି ଜୀବନକୁ ଅସାର ମଣେ । ଅନ୍ତଃସାରଶୂନ୍ୟ ଜୀବ ପାଇଁ ଜନ୍ମ ଓ ଜୀବନର ଭାର ଦୁର୍ବିସହ ବୋଧହୁଏ । ମୋହାବିଷ୍ଟ ଜୀବ ମୃତବତ୍ ଜୀବନଯାପନ କରେ । ଶ୍ରୀଗୁରୁ ଚରଣାଶ୍ରିତ ଜୀବ ଗୁରୁଜ୍ଞାନ ବୋଧ ନେଇ ଶ୍ରୀଗୁରୁଙ୍କର ଅନୁଶାସନ ନୀତିରେ ପରିଚାଳିତ ହେଲେ କ୍ରମଶଃ ମୋହପାଶ ବନ୍ଧନ ଶିଥିଳ ହୋଇଥାଏ, ଜୀବ ମୋହ ବନ୍ଧନରୁ ମୁକ୍ତିପାଏ । ସେତେବେଳେ ଯାଇ ପ୍ରକୃତ ସାଧନାର ମାର୍ଗ ଉନ୍ମୁକ୍ତ ହୁଏ । ଏହି ମାର୍ଗରେ ଚଳି ଜୀବର ଜନ୍ମ ଓ ଜୀବନ ସାର୍ଥକ ଓ ସଫଳ ହୁଏ । ଏହି ପଥରେ ଜନଗଣଙ୍କୁ ଆଗେଇ ଯିବାର ପ୍ରେରଣା ପ୍ରଦାନ ନିମନ୍ତେ ''ଚରମ'' ପୃଷ୍ଠାରେ ''ମୋହ''ର ଅବତାରଣା ।

**'ଚରମ' : ଷଷ୍ଠପୁଷ୍ପ - ତୃତୀୟ ପାଖୁଡ଼ା - ଅଷ୍ଟବିଂଶତିତମ ସଂଖ୍ୟାର ଅନୁସୃତିରୁ -**

## ଧୂସିପ୍ସାମୋହ

**ମହାପ୍ରଭୁଙ୍କର** ଶ୍ରୀମୁଖରୁ ଏହି ତତ୍ତ୍ୱ ଶ୍ରବଣ କରି ଜିଜ୍ଞାସୁ ଭକ୍ତ ଏ ସମ୍ବନ୍ଧରେ ଅଧିକ ଜାଣିବା ଅଭିପ୍ରାୟରେ ଦୁଇହାତ ଯୋଡ଼ି ପ୍ରଭୁଙ୍କର ଚରଣାରବିନ୍ଦରେ ଅନୁନୟ କରି ପ୍ରାର୍ଥନା କଲେ :

**ଶିଷ୍ୟ ଉବାଚ :**

ତ୍ରିକୂଟ ତ୍ରିବେଣୀର ତତ୍ତ୍ୱ । କୁହନ୍ତୁ ପ୍ରଭୁ ବିଧି ମତ ।।
କେଉଁଠି ଏହା ଅବସ୍ଥିତ । ଶ୍ରବଣେ ବଳୁଅଛି ଚିତ୍ତ ।।

**ହେ ପ୍ରଭୁ,** ତ୍ରିକୂଟ ତ୍ରିବେଣୀର ତତ୍ତ୍ୱ ବିଧିମତ କୁହନ୍ତୁ । ଏହି ତ୍ରିକୂଟ ତ୍ରିବେଣୀ କ'ଣ ଓ ଏହା ଶରୀରର କେଉଁଠାରେ ଅବସ୍ଥିତ ଅଟେ ? —ଏ ସମ୍ପର୍କରେ ଅଧିକ ଶୁଣିବା ଓ ଜାଣିବା ପାଇଁ ମୋର ମନ ବଳୁଛି ।

**ପ୍ରିୟଶିଷ୍ୟର** ଏପରି ଜିଜ୍ଞାସା ଦେଖି ଭକ୍ତବତ୍ସଳ ଠାକୁରେ ମହା ଆନନ୍ଦରେ ଶ୍ରୀମୁଖରେ ଭାଷିଲେ :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଅଃ, ନିଃ, ସ୍ୱଃ ତ୍ରୟ ତତ୍ତ୍ୱ ଏହି । ଶୁଣ ହୋ ବତ୍ସ ଧ୍ୟାନ ଦେଇ ।।
ଏ ତିନି ତତ୍ତ୍ୱ ଏକାକାରେ । ତ୍ରିଧାର ମିଶି ଏକାଧାରେ ।।
ତ୍ରିବେଣୀ ସଙ୍ଗମ କରନ୍ତି । କୂଟରେ ତ୍ରିଝର ଝରନ୍ତି ।।
ସ୍ଥୂଳରେ ପ୍ରାଣୀ ଦେହ ବହେ । ସୂକ୍ଷ୍ମରେ ପ୍ରାଣୀ ହୃଦେ ରହେ ।।
ସ୍ଥୂଳ ସୂକ୍ଷ୍ମ ପୁଣି କାରଣ । ତ୍ରିଭାବେ ବିଜେ ନାରାୟଣ ।।
ନାସିକା ମୂଳ ଭ୍ରୂ ବେନି । ସଂଯୋଗେ ତ୍ରିକୂଟକୁ ଘେନି ।।
ତ୍ରିକୂଟ ସ୍ଥିତଟି ତ୍ରିବେଣୀ । ସିଦ୍ଧି ସାଧକ ଚିହ୍ନେ ଜାଣି ।।
ତଦୁର୍ଦ୍ଧ୍ୱେ ବ୍ରହ୍ମ ରନ୍ଧ୍ର ଜାଣ । ପ୍ରାଣ ଯେ ସେ ସ୍ଥାନେ ଚୈତନ୍ୟ ।।
ଏଥୁ ଅଧିକ ନ ପଚାର । ଚିହ୍ନିଣ ଯୋଗକୁ ଆଚର ।।

ଅର୍ଥାତ୍ ଦେହ ମଧ୍ୟରେ ମେରୁଦଣ୍ଡର ଉପରିଭାଗରେ ଯେଉଁ ବ୍ରହ୍ମଯୋନି ସ୍ଥାନ ରହିଛି, ସେଠାରେ ସୁଧାକର ରୂପରେ ଚନ୍ଦ୍ର ବାସ କରନ୍ତି । ଆଜ୍ଞାଚକ୍ର ବା ଲଲାଟ ଚକ୍ରର ଗହ୍ୱରରେ (ତ୍ରିକୂଟ) ମନକୁ ପ୍ରବେଶ କରାଇ ପାରିଲେ, ପୂର୍ଣ୍ଣଚନ୍ଦ୍ରର ରୂପ ଏବଂ ନକ୍ଷତ୍ର ସକଳ ଦର୍ଶନ କରାଯାଇପାରେ । ଏହି ଚନ୍ଦ୍ରର ସ୍ଥାନ ତାଳୁ ମୂଳରେ । ଏହି ସୁଧାକରଙ୍କ ଦ୍ୱାରା ସର୍ବଦା ଅଧୋଭାଗକୁ ସୁଧା (ଅମୃତରସ) ବର୍ଷଣ ହୋଇଥାଏ । ସେହି ପରିସୃତ ସୁଧାତୁଲ୍ୟ ଅମୃତ ଏହି କ୍ରିୟା ଦ୍ୱାରା ଉପଲବ୍ଧ କରାଯାଏ ଅର୍ଥାତ୍ ପ୍ରାଣର କ୍ରିୟା ଦ୍ୱାରା ଶ୍ୱାସ ସ୍ଥିର ହେଲେ, ବ୍ରହ୍ମରନ୍ଧ୍ରରୁ ଏକପ୍ରକାର ମିଠା ରସ ମୁଖ ମଧ୍ୟକୁ ନିସୃତ ହୋଇଥାଏ । ଏହାକୁ ଅମୃତ ନିସୃତ କୁହାଯାଏ ଏବଂ ଏହାହିଁ 'ଗୁରୁପାଦୋଦକ' ବୋଲି କଥିତ ହୁଏ । ଏହି ରସ ପାନରେ କ୍ଷୁଧା ତୃଷ୍ଣାଦି ନିବାରିତ ହୋଇ ଦିବ୍ୟଜ୍ଞାନ ଉଦୟ ହୁଏ । ପରେ ଏହା ଦୁଇ ଭାଗ ହୋଇ ଅତି ସୂକ୍ଷ୍ମରୂପରେ ଗୋଟିଏ ଭାଗ ସୂର୍ଯ୍ୟ ନାଡ଼ି ଭାବେ ପିଙ୍ଗଳାରେ, ଅନ୍ୟ ଗୋଟିଏ ଭାଗ ଚନ୍ଦ୍ରନାଡ଼ି ରୂପେ ଇଡ଼ାରେ ପ୍ରବାହିତ ହୁଏ । ଏହି ଇଡ଼ାନାଡ଼ିସ୍ଥ ଅମୃତରସ ଦ୍ୱାରା ହିଁ ସମଗ୍ର ଶରୀରର ପୁଷ୍ଟି ସାଧନ ହୋଇଥାଏ । ଅର୍ଥାତ୍ ଦେହର ଊର୍ଦ୍ଧ୍ୱଭାଗରେ ଏହା ସୂକ୍ଷ୍ମ (ଧୀର ମନ୍ଦାକିନୀ) ରୂପରେ ଅବସ୍ଥାନ କରେ ଓ ପରେ ମଧ୍ୟ ସ୍ଥାନରେ ହୃଦୟକୁ ଆସି ଜାହ୍ନବୀ ରୂପରେ ପ୍ରକାଶିତ ହୋଇଥାଏ ଓ ତାହାର ରସ (ରକ୍ତ)ରେ ଶରୀରର ଶିରାପ୍ରଶିରା ପ୍ଲାବିତ ହୁଏ । ତଦ୍ଦ୍ୱାରା ଶରୀର ପରିପୁଷ୍ଟ ହୋଇଥାଏ । ଦେହ ମଧ୍ୟରେ ବହୁପ୍ରକାରର ବହୁତ ନାଡ଼ି ରହିଛି । ସେ ମଧ୍ୟରୁ ପିଙ୍ଗଳା ସୂର୍ଯ୍ୟ ସ୍ୱରୂପ, ସୁଷୁମ୍ନା ଅଗ୍ନି ସ୍ୱରୂପ ଓ ଇଡ଼ା ଚନ୍ଦ୍ର ସ୍ୱରୂପ । ଅନ୍ୟାନ୍ୟ ନାଡ଼ି ସକଳ ନକ୍ଷତ୍ର ସ୍ୱରୂପ । ଏକମାତ୍ର ଚନ୍ଦ୍ରନାଡ଼ି ଦ୍ୱାରା ସକଳ ନାଡ଼ିରେ ରସ ସଞ୍ଚାରିତ ହୋଇ ଦେହ ପୁଷ୍ଟି ସାଧନ ହୁଏ ବୋଲି ଚନ୍ଦ୍ରକୁ ହିଁ ନକ୍ଷତ୍ରଗଣର ଅଧିପତି ବୋଲାଯାଏ । ବହିର୍ଜଗତରେ ଯେପରି ନକ୍ଷତ୍ରାଧିପତି ଚନ୍ଦ୍ର ସୁଧା (ଅମୃତ) ଦ୍ୱାରା କ୍ଷେତ୍ରରେ ରସସଞ୍ଚାର ଏବଂ ତାର ପ୍ରଭାବରେ ଜଗତ ଆଲୋକିତ ହୋଇଥାଏ, ଅନ୍ତର୍ଜଗତରେ ମଧ୍ୟ ସେହିପରି ଅର୍ଥାତ୍ ହୃଦୟାକାଶରେ ପୂର୍ଣ୍ଣଚନ୍ଦ୍ରର ପ୍ରକାଶ ଓ ନକ୍ଷତ୍ର ସକଳର ଦର୍ଶନ ହୋଇଥାଏ ଏବଂ ଚନ୍ଦ୍ରନାଡ଼ିସ୍ଥ ଅମୃତରସ ଦ୍ୱାରା ସମୁଦାୟ ନାଡ଼ିରେ ରସ (ରକ୍ତ) ସଞ୍ଚାର ହୋଇ ଦେହର ପୁଷ୍ଟି ସାଧନ ହୋଇଥାଏ । (ନକ୍ଷତ୍ର=ନ କ୍ଷୟଃ ଅତ୍ର=ଯେଉଁଠାରେ କ୍ଷୟ ହୁଏ ନାହିଁ; ଅର୍ଥାତ୍, କ୍ରିୟାର ପରାବସ୍ଥା ରୂପ ସ୍ଥିରାବସ୍ଥା ହିଁ ନକ୍ଷତ୍ର ଏବଂ ସେହି ସମୟରେ ହୃଦୟାକାଶରେ ଉଜ୍ଜ୍ୱଳ ଧ୍ରୁବତାରା ସ୍ୱରୂପ ନକ୍ଷତ୍ର ମଧ୍ୟ ଦୃଷ୍ଟ ହୋଇଥାଏ ।) ସେହି ନକ୍ଷତ୍ର ମଧ୍ୟରେ (କ୍ରିୟାର ପରାବସ୍ଥାରେ) ସ୍ଥିର ପ୍ରାଣରୂପୀ ପୂର୍ଣ୍ଣଚନ୍ଦ୍ର ହେଉଛନ୍ତି ନିତ୍ୟକୃଷ୍ଣ, ପରଂବ୍ରହ୍ମ, ପରମାତ୍ମା, ପରମେଶ୍ୱର, ଶ୍ରୀକେଶବ ଚନ୍ଦ୍ର ।

**ଅଃ, ନିଃ, ସ୍ୱଃ** —ଏହି ତିନି ତତ୍ତ୍ୱ ଚନ୍ଦ୍ର (ଇଡ଼ା) ଅଗ୍ନି (ସୁଷୁମ୍ନା) ଏବଂ ସୂର୍ଯ୍ୟ (ପିଙ୍ଗଳା) ଅଟନ୍ତି । ଏହି ତିନି ତତ୍ତ୍ୱ ତ୍ରିଧାରାରେ ଏକଧାରା (ବ୍ରହ୍ମରନ୍ଧ୍ର ନିସୃତ ଅମୃତରସ)ରୁ ସୃଷ୍ଟି । ତ୍ରିକୂଟ ଅର୍ଥାତ୍ ଲଲାଟ ଚକ୍ରର କେନ୍ଦ୍ରସ୍ଥଳ (ଦୁଇ ଭ୍ରୂ ଏବଂ ନାସିକାର ମୂଳ ଯେଉଁଠି ଏକତ୍ର)ରେ ତ୍ରିଧାରା ରୂପରେ ତ୍ରିବେଣୀ ସଙ୍ଗମ କରିଅଛନ୍ତି । ପ୍ରୟାଗଠାରେ ଯେପରି ଗଙ୍ଗା, ଯମୁନା, ସରସ୍ୱତୀର ତ୍ରିବେଣୀ ସଙ୍ଗମ ହୋଇ ତାହା ତୀର୍ଥରାଜ ରୂପରେ ବିଖ୍ୟାତ, ଏଠାରେ ମଧ୍ୟ ସେହି ଇଡ଼ା, ପିଙ୍ଗଳା, ସୁଷୁମ୍ନା ମିଳିତ ହୋଇ ତ୍ରିବେଣୀ ସଙ୍ଗମ କରି ତୀର୍ଥରାଜ ରୂପରେ ଖ୍ୟାତ । ଉଦାନ ବାୟୁ ତ୍ରିକୂଟସ୍ଥ ତ୍ରିବେଣୀକୁ ସ୍ପର୍ଶ କରି ଊର୍ଦ୍ଧ୍ୱଗାମୀ ହୋଇ ବ୍ରହ୍ମରନ୍ଧ୍ରକୁ ସ୍ପର୍ଶ-ଜନିତ ଆଘାତ କଲେ, ପ୍ରାଣ ସେଠାରେ ଚୈତନ୍ୟ ସ୍ୱରୂପ ପ୍ରତିଭାତ ହୁଏ । ସାଧକ ଯୋଗାଚରଣ ଦ୍ୱାରା ଯୋଗାରୂଢ଼ ହୋଇ ଯୋଗାବସ୍ଥାରେ ହିଁ ତାହା ଅନୁଭବ କରିପାରେ ।

ଶ୍ରୀଗୁରୁସ୍ୱାମୀଙ୍କ ଶ୍ରୀମୁଖରୁ ଗହନ ତତ୍ତ୍ୱଜ୍ଞାନ ଶ୍ରବଣ କରି ଅନୁଗତ ଶିଷ୍ୟ ସ୍ଥାନ କାଳ ବିସ୍ମରଣ ହୋଇ ପ୍ରଭୁଙ୍କୁ ଯୋଡ଼ ହସ୍ତରେ ପଚାରିଲେ :

**ଶିଷ୍ୟ ଉବାଚ :**

ଏହି ମୋହରେ କି କି ଜ୍ଞାନ ? ହୃଦେ ହୁଅଇ ସଞ୍ଚରଣ ??
କହିବ ସକଳ ପିଟାଇ । ଶ୍ରୀମୁଖ ପଦ୍ମୁ ଶୁଣିବଇଁ ।।

ପ୍ରଭୁ, ଏହି 'ଧ୍ରସିପ୍ତା ମୋହ'ବଶରୁ ସାଧକ ହୃଦୟରେ କେଉଁ କେଉଁ ଜ୍ଞାନ ସକଳ ସଂଚାରିତ ହୁଏ, ତାହା ଫେଡ଼ି କହିବା ହେବେ । ଶ୍ରୀମୁଖ ପଦ୍ମରୁ ଏତକ ଶୁଣିବା ପାଇଁ ବଡ଼ ଇଚ୍ଛା ହେଉଅଛି ।

ତହୁଁ, ଠାକୁରେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବା ନିମନ୍ତେ ଭକ୍ତବନ୍ଧୁ ବାଞ୍ଛା କଳ୍ପତରୁ ସ୍ୱରୂପରେ ଶ୍ରୀମୁଖରେ ପ୍ରକାଶ କଲେ :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ବ୍ରହ୍ମ ମଣ୍ଡଳର ବତିଶ । ଯାନଚକ୍ରରେ ଅବଶେଷ ॥
ଷଡ଼ଚକ୍ରରେ ତନୁ ଭେଦି । ଶରୀର ତତ୍ତ୍ୱ ସର୍ବ ଆଦି ॥
ତତ୍ତ୍ୱ ଭଜନ ଜ୍ଞାନମାନ । ବ୍ରହ୍ମାଣ୍ଡମାନ ବିବରଣ ॥
ଜ୍ଞାନ ଓ ତତ୍ତ୍ୱ ଦରଶନ । ଏହି ମୋହରେ ବିଦ୍ୟମାନ ॥

ସାଧକ କୁଣ୍ଡଳିନୀ ସାଧନା କରୁ କରୁ ଷଡ଼ଚକ୍ରରେ ତନୁ ବା ଦେହକୁ ଭେଦ କରି ବ୍ରହ୍ମମଣ୍ଡଳରେ ବତିଶ ଯାନ ଚକ୍ରର ଅବଶେଷରେ ସର୍ବ ଶରୀର ତତ୍ତ୍ୱ, ତତ୍ତ୍ୱ ଭଜନ ଜ୍ଞାନ, ବ୍ରହ୍ମାଣ୍ଡମାନର ବିବରଣୀ, ଜ୍ଞାନଦର୍ଶନ ଓ ତତ୍ତ୍ୱଦର୍ଶନ ଆଦି ଏହି ମୋହବଶରୁ ସ୍ୱତଃ ସ୍ଫୁଷ୍ଟତଃ ଲାଭ କରେ ।

ପିଣ୍ଡ ମଧ୍ୟରେ ବି ଚାରିଯୁଗ ରହିଛି, ଯୁଗାନ୍ତରେ ପ୍ରଳୟ ଓ ଚାରିଯୁଗର ଉଦ୍ଭବ ସଂଘଟିତ ହେଉଛି । ଅଜପା ରୂପକ କାଳ (ଯୁଗ) ଶ୍ୱାସପ୍ରଶ୍ୱାସ ରୂପରେ କେତେବେଳେ ସତ୍ତ୍ୱଗୁଣୀ ସୁଷୁମ୍ନାରେ, କେତେବେଳେ ରଜଗୁଣୀ ପିଙ୍ଗଳାରେ, କେବେ ରଜ ଓ ତମ ଗୁଣ ମିଶ୍ରିତ ପିଙ୍ଗଳା ଓ ଇଡ଼ାରେ ଓ କେବେ ତମଗୁଣୀ ଇଡ଼ାରେ ଚଳପ୍ରଚଳ କରୁଛି । ଏହି କାଳର ମିଳନ ଅବସ୍ଥା ହିଁ **'ଯୁଗ'** ଭାବରେ ଖ୍ୟାତ । ପ୍ରତ୍ୟେକ ଯୁଗାନ୍ତରେ କାଳର ଗତି କୂଟସ୍ଥ ବା ଆଜ୍ଞାଚକ୍ରରେ ସ୍ଥିର ହୋଇ ରହିଲେ, ଏହି ସ୍ଥିତାବସ୍ଥାର ସ୍ଥିତିକୁ ହିଁ **'ପ୍ରଳୟ'** ବୋଲି କୁହାଯାଏ ।

**ଯେତେବେଳେ** କାଳ ସତ୍ତ୍ୱଗୁଣୀ ସୁଷୁମ୍ନାରେ ଗତି କରେ, ସେହି ଅନ୍ତର୍ମୁଖୀ ସ୍ଥିତି ସମୟ ହିଁ **'ସତ୍ୟଯୁଗ'** ବୋଲି ଖ୍ୟାତ । ସେତେବେଳେ ସ୍ଥିର ମନରୂପୀ ମନୁର ଉତ୍ପତ୍ତି ହୁଏ । ସୁଷୁମ୍ନାରେ କାଳର ଗତି ସ୍ଥିର ହେଲେ, ତାହା 'ଯୁଗାନ୍ତ ପ୍ରଳୟ' ଅଟେ । ପୁଣି କାଳ ରଜରୂପୀ ପିଙ୍ଗଳାରେ ଚଞ୍ଚଳ ଭାବରେ ଚଳେ । ସେହି ସ୍ଥିତାବସ୍ଥା ହିଁ ତ୍ରେତୟା ଯୁଗ । ସେତେବେଳେ ଚଞ୍ଚଳ ମନରୂପୀ ମନୁର ଉଦ୍ଭବ ହୁଏ । ପିଙ୍ଗଳାରେ କାଳର ଗତି ସ୍ଥିର ହେଲେ, ତାହା ଯୁଗାନ୍ତ ପ୍ରଳୟ ଅଟେ ।

ତତ୍ପରେ କାଳ ଉଭୟ ରଜଗୁଣୀ ପିଙ୍ଗଳା ଓ ତମଗୁଣୀ ଇଡ଼ାରେ ଚଞ୍ଚଳ ଗତିରେ ଚଳେ, ସେତେବେଳେ ସେହି ସ୍ଥିତାବସ୍ଥାରେ ହିଁ **'ଦ୍ୱାପର ଯୁଗ'** ହୁଏ । ସେତେବେଳେ ଚଞ୍ଚଳ ପ୍ରାଣ ହେତୁ ଚଞ୍ଚଳମନରୂପୀ ମନୁର ଉଦ୍ଭବ ହୁଏ । ତା'ପରେ ଉଭୟ ଇଡ଼ା ଓ ପିଙ୍ଗଳାରେ କାଳର ଗତି ସ୍ଥିର ହେଲେ, ଯୁଗାନ୍ତ ପ୍ରଳୟ ଘଟିଥାଏ ।


ପୁନଶ୍ଚ ପ୍ରଳୟାନ୍ତେ କାଳ ତମଗୁଣୀ ଇଡ଼ାରେ ଚଞ୍ଚଳ ଗତିରେ ଚଳମାନ ହୁଏ, ସେହି ଅବସ୍ଥାରେ ହିଁ **'କଳିଯୁଗ'** । ପୁଣି ସେତେବେଳେ ଚଞ୍ଚଳ ମନରୂପୀ ମନୁର ଉତ୍ପତ୍ତି ହୁଏ । ଏହିଭଳି ଭାବରେ ପିଣ୍ଡ ମଧ୍ୟରେ କାଳର ଗତି ଅନୁଯାୟୀ ଯୁଗର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ (ତ୍ରେତି) ଘଟୁଛି ଏବଂ ବିଭିନ୍ନ ଯୁଗରେ ମନରୂପୀ ମନୁ ଉଦ୍ଭବ ହେଉଛି ।

ସାଧକ ଷଡ଼ଚକ୍ର ଭେଦ ସାଧନା କାଳରେ ପ୍ରତି ଚକ୍ରରେ ୩୪୫୬ ଥର ଶ୍ୱାସପ୍ରଶ୍ୱାସ ତ୍ୟାଗ ଓ ଗ୍ରହଣ କରନ୍ତି । ଏପରି ମୋଟ ୩୪୫୬ x ୬ ଚକ୍ର =୨୦,୭୩୬ ଶ୍ୱାସପ୍ରଶ୍ୱାସ ତ୍ୟାଗ ଓ ଗ୍ରହଣ କରନ୍ତି ।

ସମ୍ପୂର୍ଣ୍ଣ ରୂପେ ଏ ତତ୍ତ୍ୱ ସାଧକଯୋଗୀର ସାଧନା ସମୟର ସୂକ୍ଷ୍ମ ଅନୁଭୂତି ଅଟେ । ଅନୁଭୂତିସମ୍ପନ୍ନ ସୂକ୍ଷ୍ମ ଜ୍ଞାନରେ ହିଁ ଏ ତତ୍ତ୍ୱ ନିହିତ ଥାଏ ।

ସାଧାରଣ ଜୀବସକଳ ଏହା ପାଠ କରି ପଥଭ୍ରଷ୍ଟ ନ ହେବାର ଜ୍ଞାନ ଆହରଣ କରି ଧନ୍ୟ ହୁଏ ।

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

**ଜନନୀ ହୋଇ ଜନ୍ମ ଦେଲୁ । ଜନ୍ମରୁ ମାୟାରେ ବାନ୍ଧିଲୁ ॥**
**ନ ଲୋଡ଼ି ତୋହର ପୟର । ଅଭାବେ ଦିନ ଗଲା ମୋର ॥**

*ପ୍ରକୃତିଙ୍କ ଅଂଶରେ ନାରୀର ସୃଷ୍ଟି ହୋଇଅଛି । ଏହା ସତ୍ୟ । କିନ୍ତୁ ଅସୀମ ଶକ୍ତିର ଉସ ପ୍ରକୃତିଦେବୀଙ୍କର ଶକ୍ତି ଅଣୁ ନାରୀର ଶରୀରରେ ସମଭାବରେ ବିଦ୍ୟମାନ ଅଛି କିମ୍ବା କୌଣସି ବ୍ୟତିକ୍ରମ ହୋଇଛି ? ଯଦି ପ୍ରକୃତିଙ୍କର ଶକ୍ତି ତରଙ୍ଗ ନାରୀ ଅଙ୍ଗରେ ପ୍ରବାହିତ, ତେବେ ସ୍ଥଳ ବିଶେଷରେ ନାରୀ ଅସହାୟ କାହିଁକି ବୋଧ କରୁଛି ? କ'ଣ ତା ନିକଟରେ ଜଣା ଥିବାରୁ ସେ ନିଜର ସ୍ଥିତି ଉପଲବ୍ଧ କରି ପାରୁନାହିଁ ? ଏହି ଅଗମ୍ୟ ରହସ୍ୟକୁ ଧରାପୃଷ୍ଠରେ ପ୍ରକାଶ କରିବାକୁ ସେହି କୁଶଳୀ ସ୍ରଷ୍ଟାଙ୍କ ବ୍ୟତୀତ ଆଉ କିଏ ସକ୍ଷମ ହୋଇ ପାରିବ ? ଚରମ ପରିବାରର ଆକୁଳ ନିବେଦନ ଗ୍ରହଣ କରି ପରମକାରୁଣିକ ଠାକୁରେ ସେହି ରହସ୍ୟକୁ ଏହି ସ୍ତମ୍ଭ ମାଧ୍ୟମରେ ଧାରାବାହିକ ଭାବରେ ଉନ୍ମୋଚନ କରୁଛନ୍ତି ।*

**'ଚରମ' : ଷଷ୍ଠ ପୁଷ୍ପ : ତୃତୀୟ ପାଖୁଡ଼ା : ଅଷ୍ଟବିଂଶତମ ସଂଖ୍ୟାରୁ ଅନୁସୃତ :**

## ନାରୀହିଁ ପ୍ରକୃତି

ପୂର୍ବ ସଂଖ୍ୟାରେ ଆଲୋଚିତ ''ମୋହିନୀ''ଙ୍କର ଅନ୍ୟ ନାମ ''ମାୟା'' । ମାୟା ରଜ୍ଜୁ ସର୍ବତ୍ର ପରିବ୍ୟାପ୍ତ । ଏହା ଭୂଲୋକଠାରୁ ସତ୍ୟଲୋକ ପର୍ଯ୍ୟନ୍ତ ସଚରାଚର ବ୍ରହ୍ମାଣ୍ଡ ବନ୍ଧନ କରିଅଛି । ମାୟା ମୁଖ୍ୟତଃ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଅଟେ । ପ୍ରଥମ ପର୍ଯ୍ୟାୟର ନାମ ''ବିଷ୍ଣୁମାୟା'' । ଏହି ମାୟା ଦେବଲୋକରେ ତାହାର କାୟା ବିସ୍ତାର କରି ଦେବତାମାନଙ୍କୁ ନିୟନ୍ତ୍ରଣ ତଥା ପରିଚାଳିତ କରେ । ଦ୍ୱିତୀୟ ପର୍ଯ୍ୟାୟ ମାୟା ସୃଷ୍ଟିର ଅନ୍ୟ ଅଂଶରେ ବିସ୍ତାରିତ, ପ୍ରସାରିତ ହୋଇଅଛି । ଏହା ତିନି ଭାଗରେ ବିଭକ୍ତ ହୋଇ ଜୀବଜଗତରେ ବ୍ରହ୍ମଆଜ୍ଞା କାର୍ଯ୍ୟକାରୀ କରାଉଅଛି । ଯଥା :- (୧) ବୈଷ୍ଣବୀମାୟା, (୨) ଯୋଗମାୟା, (୩) ମହାମାୟା । ଜୀବର ଶରୀରରେ ଥିବା ଜୀବକୋଷଗୁଡ଼ିକ ଉଭୟ ପ୍ରକୃତି (ମୋହିନୀ-ମାୟା) ଓ ପୁରୁଷଙ୍କ ଦ୍ୱାରା ସୂକ୍ଷ୍ମରେ ନିୟନ୍ତ୍ରିତ, ପରିଚାଳିତ ହେଉଅଛି । ତନ୍ମଧ୍ୟରୁ ବୁଦ୍ଧି, ବିବେକ, ଜ୍ଞାନକୋଷ ପୁରୁଷଙ୍କର କର୍ତ୍ତୃତ୍ୱାଧିନ ହୋଇଥିବା ସ୍ଥଳେ ଅନ୍ୟ ସମସ୍ତ କୋଷ ମୋହିନୀଙ୍କର ଲୀଳା ଅନ୍ତର୍ଗତ ହୋଇଅଛି । ପୂର୍ବ ସଂଖ୍ୟାରେ ଆଲୋଚିତ ଶରୀର, ଆଚରଣ, ମନ ଓ କାର୍ଯ୍ୟ ସାରଣୀରେ ସୃଷ୍ଟି ହେଉଥିବା ବିଭିନ୍ନତା ମୋହିନୀଙ୍କର ଉକ୍ତ ତ୍ରିମାୟା ବିସ୍ତାର ଯୋଗୁ ସଂଘଟିତ ହେଉଅଛି । ଜୀବର ଏହି ମାୟା

ସଂପର୍କରେ ବାସ୍ତବ ଅନୁଭୂତି ନ ଥିବା କାରଣରୁ ତା'ର ମନରେ ଅନେକ ଦ୍ୱନ୍ଦ୍ୱ, ସନ୍ଦେହ ଓ ପ୍ରଶ୍ନ ଉଦ୍ରେକ ହେଉଅଛି । ଯଦି ଶରୀରର ବିଭିନ୍ନ ଅଂଶରେ ଉକ୍ତ ମାୟା ପ୍ରଭାବ କିପରି ଭାବରେ ପ୍ରତିଫଳିତ ହେଉଅଛି ଜାଣି ହେଉଥାନ୍ତା ଏବଂ ସେହି ପ୍ରଭାବରୁ ମୁକ୍ତ ହେବାର କୌଶଳ ପ୍ରକାଶିତ ହୋଇଥାନ୍ତା ତେବେ ଅମୃତର ସନ୍ତାନମାନଙ୍କ ମଧ୍ୟରେ ବିଷର ପ୍ରାବଲ୍ୟକୁ ପ୍ରତିରୋଧ କରାଯାଇ ପାରିଥାନ୍ତା । ମାତ୍ର ସ୍ରଷ୍ଟାଙ୍କ ଅପୂର୍ବ କୌଶଳରେ ତାହା ଅଦ୍ୟାବଧି ଅଜ୍ଞାତ ହୋଇ ରହିଯାଇଅଛି । ଏହା ମଧ 'ମାୟା'ର ଅଂଶ ବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେଥିପାଇଁ ଆଦ୍ୟାଶକ୍ତି ''ହ୍ଲାଦିନୀ''ଙ୍କ ''ମୋହିନୀ'' ମାୟାର କେଉଁ ଅଂଶୀୟ ଭାବ ରଜ୍ଜୁ ଦ୍ୱାରା ଜୀବ ଶରୀରର କେଉଁ ଜୀବକୋଷ ପ୍ରଭାବିତ ହୋଇ କିପରି ତାହାର ସ୍ୱଭାବ, ପ୍ରକୃତି, ପ୍ରବୃତ୍ତି ଓ ନିବୃତ୍ତିକୁ ନିୟନ୍ତ୍ରଣ କରୁଅଛି ତାହାର ବିସ୍ତୃତ, ବିଶଦ ଆଲୋଚନା ସଂପ୍ରତି ଅପରିହାର୍ଯ୍ୟ ହୋଇ ପଡ଼ିଛି ।

ଦେବଲୋକ ନିୟନ୍ତ୍ରଣ କରୁଥିବା ''ବିଷ୍ଣୁମାୟା'' ସଂପର୍କରେ ଆଲୋଚନା ପରବର୍ତ୍ତୀ ପର୍ଯ୍ୟାୟକୁ ସ୍ଥଗିତ ରଖି ବର୍ତ୍ତମାନ ସୃଷ୍ଟିର ଅନ୍ୟାଂଶରେ ଜୀବଜଗତକୁ ଆଚ୍ଛନ୍ନ କରିଥିବା ମାୟା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିବାର ସିଦ୍ଧାନ୍ତ ନେଇ ଆଲୋଚନା ଆରମ୍ଭ କରୁଅଛୁ ।

ଉକ୍ତ ସନ୍ଦର୍ଭର ପୂର୍ବଭାଗରେ ବର୍ଣ୍ଣିତ ହୋଇଅଛି ଯେ ଜୀବଜଗତ ମଧ୍ୟରେ ତିନିଗୋଟି ମାୟା ବିସ୍ତାର ଲାଭ କରିଅଛି । ଯଥା:- ବୈଷ୍ଣବୀ ମାୟା, ଯୋଗମାୟା, ଓ ମହାମାୟା । ପ୍ରତ୍ୟେକ ମାୟା ୩୬(ଛତିଶ) ଗୋଟି ଭାବଅଂଶ ହୋଇ ''ମାୟା''ର ମୋଟ ୧୦୮ (ଏକଶତଆଠ) ଅଂଶ ସୃଷ୍ଟି ହୋଇଅଛି । ସେହି ଅଂଶୀୟ ଭାବମାୟା ଜୀବର ପ୍ରକୃତି, ପ୍ରବୃତ୍ତି, ଆଚରଣ, ବ୍ୟବହାର ଆଦି ସମସ୍ତ କ୍ରିୟା ନିୟନ୍ତ୍ରଣ କରୁଅଛି । ପୃଥକ୍ ଭାବରେ ପ୍ରତି ''ମାୟା'' ଭାବାଂଶର ନାମ ନିମ୍ନରେ ବର୍ଣ୍ଣିତ ହେଉଅଛି ।

## ମୋହିନୀ ମାୟା ଓ ମାୟା ଭାବାଂଶ

### ବୈଷ୍ଣବୀମାୟା : ଭାବାଂଶ - ୩୬ (ଛତିଶ)

| | | |
|---|---|---|
| ୧. ଆଭୂମା ମାୟା | ୧୩. ମୌନିମୁଖା ମାୟା | ୨୫. ଦାଦ ଦେହ୍ୟା ମାୟା |
| ୨. ଭୂମା ମାୟା | ୧୪. ଅନୁଶୁଙ୍କା ମାୟା | ୨୬. ତମକାଧ୍ୱନି ମାୟା |
| ୩. ଉଦ୍ଭଙ୍ଗ ମାୟା | ୧୫. ରତିକାନ୍ତ ମାୟା | ୨୭. ଠାମ୍ବରୀ ମାୟା |
| ୪. କୁଲୁଞ୍ଜନା ମାୟା | ୧୬. ଲେଲିହା ମାୟା | ୨୮. ରୁଦ୍ରାକାଣ୍ଡାରି ମାୟା |
| ୫. ଶକଟକ ମାୟା | ୧୭. ଖଗଳା ମାୟା | ୨୯. ବନ୍ଧ୍ୟାମକ୍ଷିକା ମାୟା |
| ୬. କୌମଦକୀ ମାୟା | ୧୮. ଘର୍ଘରାନାଦ ମାୟା | ୩୦. ବିନ୍ଦ୍ରାରି ମାୟା |
| ୭. ଘୃତାରି ମାୟା | ୧୯. ''ଶବ୍ଦ'' ଶୌରା ମାୟା | ୩୧. କନ୍ତୁକଳ୍ପ ମାୟା |
| ୮. ଭୁମାଯୋଗ୍ମୀ ମୟା | ୨୦. ଶଙ୍ଖତୁର୍ଣ୍ଣା ମାୟା | ୩୨. ଗୌତୁଙ୍ଗତ ମାୟା |
| ୯. ବ୍ରହ୍ମ ''ରରୁଆଁ'' ମାୟା | ୨୧. ଦଣ୍ଡପଦ୍ମା ମାୟା | ୩୩. ଖୁରାଭୁଧା ମାୟା |
| ୧୦. ଖୈଡ଼ାକାପାଳୀ ମାୟା | ୨୨. ଅନୁଧୂର୍ଣ୍ଣା ମାୟା | ୩୪. ଗଣ୍ଡୁକ୍ୟା ବା ଭୂରାକ୍ଷୀ ମାୟା |
| ୧୧. ଖର୍ପରୀ ମାୟା | ୨୩. ''ରୁଢ଼ାକୃତା'' ମାୟା | ୩୫. ଭୂତାନ୍ଧ ମାୟା |
| ୧୨. ଧୌତିବାମ୍ନା ମାୟା | ୨୪. ମାନିନୀ ମାୟା | ୩୬. ଶୌପାଞ୍ଜଳି ମାୟା |

## ଯୋଗମାୟା : ଭାବାଂଶ - ୩୬ (ଛତିଶ)

୧. ସିଛୁଳା ମାୟା
୨. ଅବନିତ ମାୟା
୩. ଶୌରୀତ ମାୟା
୪. ଗୌତିକ ମାୟା
୫. କାନ୍ତାରୀ ମାୟା
୬. ସପତଣୀ ମାୟା
୭. ଉମାଭୂମା ମାୟା
୮. ଅବନିତା ମାୟା
୯. କାଣ୍ଡାରିକା ମାୟା
୧୦. ସ୍ୱସ୍ତିମାଳି ମାୟା
୧୧. ଭୋଜବୃନ୍ତା ମାୟା
୧୨. ଘୁମ୍ବାରୀକା ମାୟା
୧୩. ନୟନାଁତ ମାୟା
୧୪. ବ୍ରହ୍ମଚମ୍ୟରୀ ମାୟା
୧୫. ଚେତୃକ ମାୟା
୧୬. ଶଂସାତୁରୀ ମାୟା
୧୭. କଜ୍ଜକନ୍ଦୁ ମାୟା
୧୮. ଝଙ୍କାରୀମୁଖା ମାୟା
୧୯. ହରାଦିକ ମାୟା
୨୦. ଉର୍ମ୍ମାଳି ମାୟା
୨୧. ଯାମ୍ୟାଳି ମାୟା
୨୨. ହୁମ୍ବାହେୟା ମାୟା
୨୩. ସ୍ୱଗାୟିତ୍ରୀ ମାୟା
୨୪. ଚକ୍ରାକୃତି ମାୟା
୨୫. ହଢକାକ୍ଷ ମାୟା
୨୬. ଅଶ୍ୱାଘୃହ୍ୟ ମାୟା
୨୭. ଊିରମ୍ବିକା ମାୟା
୨୮. ବ୍ରହ୍ମବଗଳା ମାୟା
୨୯. ''ନହୁସ୍ୱାରୀ'' ମାୟା
୩୦. ରିତୁଗୁର୍ଜ୍ଜରୀ ମାୟା
୩୧. ନେତୃକ୍ରତୁ ମାୟା
୩୨. ଶ୍ରୀଧାରିକ୍ଷା ମାୟା
୩୩. ମତୃସାଗ ମାୟା
୩୪. ଧୌଶୃରୀକ୍ଷ ମାୟା
୩୫. ଧୃଣାବର୍ବରୀ ମାୟା
୩୬. କୈଶନିକା ମାୟା

## ମହାମାୟା : ଭାବାଂଶ - ୩୬ (ଛତିଶ)

୧. ସ୍ୱ ''ରଜ୍ଜୁ'' ମାୟା
୨. ଶାଣିତ ମାୟା
୩. ଅର୍ଚ୍ଚନା ମାୟା
୪. ତପତୀ ମାୟା
୫. ଅରିତୁଙ୍ଗ ମାୟା
୬. ଆସୁରୀ ମାୟା
୭. ବାଁଶୋରୀ ମାୟା
୮. ଗଣନି ମାୟା
୯. ଡାକିନୀ ମାୟା
୧୦. ଭୁରୁଜା ମାୟା
୧୧. ଖଟୈୟୀ ମାୟା
୧୨. ଚମ୍ପରୀ ମାୟା
୧୩. ବଜ୍ରଦମନ ବା ଇନ୍ଦ୍ର ସୁଭାରୀ ମାୟା
୧୪. ତତ୍ରେୟା ମାୟା
୧୫. ରାମାଦିକ ମାୟା
୧୬. ଧୂର୍ମ୍ମାଳି ମାୟା
୧୭. ଶୌକାନ୍ତି ମାୟା
୧୮. ସୌରୀସଦ୍ମୀ ମାୟା
୧୯. ରୁଦ୍ରାପିନାକୀ ମାୟା
୨୦. କ୍ଷୌରବାବସ୍ତୀ ମାୟା
୨୧. ନାଦଗର୍ଦ୍ଦଣ ମାୟା
୨୨. ଭୂମ୍ନୋରି ମାୟା
୨୩. ଧୃତିତୃଷ୍ଣା ମାୟା
୨୪. ପୁଷ୍ପାରିକା ମାୟା
୨୫. ମାନମୟର୍ଣ୍ଣା ମାୟା
୨୬. ବୈଖାରୀୟ ମାୟା
୨୭. ଦାବାନଳ ମାୟା
୨୮. ତୌକି କାଁସାରୀ ମାୟା
୨୯. ଧୀଲ୍ହାରିକା ମାୟା
୩୦. ଫଣିଫଁୟା ମାୟା
୩୧. ନିର୍ଦ୍ଦେଶ୍ରବ ମାୟା
୩୨. ତ୍ରୟତୌଶା ମାୟା
୩୩. ଉନ୍ନର୍ମଦାରୀହ ମାୟା
୩୪. ଧୃଜୟନ୍ତି ମାୟା
୩୫. ମୁଦ୍ଭାଦ୍ବରୀ ମାୟା
୩୬. ସାବର୍ଣ୍ଣିତ୍ବରା ମାୟା

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ତୁମ୍ଭ ବିନା ଜୀବନଟା ଲାଗୁଅଛି ଶୂନ୍ୟ ।
ମୋହ, ମାୟା ବୃକ୍ଷେ ମନ ହେଉଛି ଅରଣ୍ୟ ॥
ଧାରା ଦେଇ ଧରାଦିଅ ଆହେ କୃପାଈଶ !
ଆତ୍ମଜ୍ଞାନ ଦାନ ଦେଇ ପୁରାଅ ମାନସ ॥
ଶୟନେ ସ୍ୱପନେ ଅବା ଥାଇ ଜାଗରଣେ ।
ବିତିଯାଉ ଦିନ ମୋର ତୁମରି ସ୍ମରଣେ ॥

*ସକଳ ତେଜପୁଞ୍ଜର ଉତ୍ସ ସୂର୍ଯ୍ୟଦେବ ତାଙ୍କର କିରଣକୁ ସମଭାବରେ ଧରାପୃଷ୍ଠରେ ବିଛାଡ଼ି ଚାଲିଛନ୍ତି । କିନ୍ତୁ ସେହି କିରଣ ପାଣିରେ, କାଚରେ ଯେପରି ପ୍ରତିଫଳିତ ହେଉଛି, ମାଟି ଉପରେ କ'ଣ ସେହିପରି ଉଦ୍‌ଭାସିତ ହେଉଛି ? କାରଣ ପାଣି ଏବଂ କାଚ ସ୍ୱଚ୍ଛ ହୋଇଥିବାରୁ ସେଥିରେ ପ୍ରତିଫଳନ କ୍ରିୟା ଖୁବ୍ ସ୍ପଷ୍ଟ ଭାବରେ ହେଉଛି । ସେହିପରି ସ୍ରଷ୍ଟାଙ୍କ ଆଶିଷଧାରା ସବୁ ସମୟରେ ଜୀବଜଗତରେ ଝରି ଚାଲିଛି । ମାତ୍ର ଶରୀର ଓ ମନର ସ୍ୱଚ୍ଛତା ନ ଥିବାରୁ ଜୀବ ତାହାକୁ ଅନୁଭବ କରିପାରୁନାହିଁ । ସ୍ୱଚ୍ଛ, ନିର୍ମଳ ହେବା ପାଇଁ କଠୋର କର୍ମଯୋଗର ପ୍ରୟୋଜନ ଅଛି । କିନ୍ତୁ ଶରୀର ଯଦି ସେହି କର୍ମ ପାଇଁ ଯୋଗ୍ୟ ନ ହୁଏ ତେବେ କୌଣସି ଲାଭ ହୁଏ ନାହିଁ । ସେହି ଯୋଗ୍ୟତା ହାସଲ କରିବା ପାଇଁ ବାଲ୍ୟକାଳରୁ ହିଁ ଅଭ୍ୟାସ କରିବାକୁ ହୁଏ । ସେଥିପାଇଁ ଭକ୍ତବତ୍ସଳ ଭାବଗ୍ରାହୀ ତାଙ୍କର ଆଗାମୀ ଲୀଳା ପ୍ରକଟ ପାଇଁ ଉପଯୁକ୍ତ ଶରୀର ନିର୍ମାଣ ଉଦ୍ଦେଶ୍ୟରେ ଧାରାବାହିକ ଭାବରେ ଏହି ସ୍ତମ୍ଭ ମାଧ୍ୟମରେ ସରଳପ୍ରାଣ ଶିଶୁ, କିଶୋରମାନଙ୍କୁ ଆଶିଷ ପ୍ରଦାନ କରି ଚାଲିଛନ୍ତି ।*

''ଚରମ'' : ଷଷ୍ଠପୃଷ୍ଠ : ତୃତୀୟ ପାଖୁଡ଼ା : ଅଷ୍ଟବିଂଶତିତମ ସଂଖ୍ୟା ଅନୁସୃତିରୁ :

## ଦେବ ଶିଶୁ ସୁଧାନନ୍ଦ

ଦୁଇବର୍ଷ ଏଗାରମାସ ବୟସରେ ଅନ୍ୟ ଏକ ଅଲୌକିକ ଶକ୍ତି ପ୍ରଭାବରେ ସୁଧାନନ୍ଦ ହଠାତ୍ ଠିଆ ହୋଇ ଚାଲିଲେ ଏବଂ ପଦ୍ମାସନରେ ବସିଲେ । ତାହା ପରେ......

ବୟସ ତିନିବର୍ଷ ଏକମାସ । ପବିତ୍ର କାର୍ତ୍ତିକ ମାସ । ପୂଣ୍ୟତୋୟା କାର୍ତ୍ତିକରେ ପିତାମାତା ରାଧାଦାମୋଦର ପ୍ରୀତ୍ୟାର୍ଥେ କାର୍ତ୍ତିକ ବ୍ରତ କରିଥିଲେ । ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ସ୍ନାନ, ତର୍ପଣାଦି ନିତ୍ୟ ଶୌଚ କାର୍ଯ୍ୟ ସମାପ୍ତ କରି ତୁଳସୀ ଚଉରା ନିକଟରେ ରାଧା, ଦାମୋଦର ପୂଜାର୍ଚ୍ଚନା କରନ୍ତି । ମଧ୍ୟାହ୍ନ ଓ ସାୟଂ କାଳରେ ମଧ୍ୟ ପ୍ରହର ପୂଜା ନିବେଦନ କରନ୍ତି । ହବିଷ୍ୟାନ୍ନ ସେବନ କରି ସର୍ବଦା ତାଙ୍କରି ଚିନ୍ତାରେ ସମୟ ଅତିବାହିତ କରୁଥାନ୍ତି । ସୁଧାନନ୍ଦ ସବୁ ସମୟରେ ଉପସ୍ଥିତ ରହି ଏକ ଲୟ, ଶ୍ରଦ୍ଧାଯୁକ୍ତ ମନରେ ପୂଜା କାର୍ଯ୍ୟ ନିରୀକ୍ଷଣ କରୁଥାଏ । ସମୟେ ସମୟେ ବିଭିନ୍ନ ଭାବଗମ୍ଭୀର ପ୍ରଶ୍ନ ପ୍ରଚାରି ପିତା, ମାତା ଉଭୟଙ୍କୁ ବିବ୍ରତ କରି ଦେଉଥାଏ । ବ୍ରହ୍ମଜ୍ଞାନର ଅଧିକାରୀ ଶିଶୁ ପ୍ରଶ୍ନର ସଠିକ୍ ଉତ୍ତର ଦେବା ପାଇଁ ସେମାନେ ବା ସକ୍ଷମ ହେବେ କିପରି ? କେବଳ ଅସହାୟତା

ପ୍ରକାଶ କରନ୍ତି । ଶେଷରେ ପ୍ରଶ୍ନକର୍ତ୍ତା ସୁଧାନନ୍ଦ ନିଜେ ନିଜ ପ୍ରଶ୍ନର ଉତ୍ତର ଖୁବ୍ ସରଳ ଭାବରେ ବୁଝାଇ ଦିଅନ୍ତି । ସେଦିନ କାର୍ତ୍ତିକ ପୂର୍ଣ୍ଣିମା । ହବିଷ୍ୟାନ୍ନ ପ୍ରସ୍ତୁତ କରି ପିତାମାତା ପ୍ରଭୁଙ୍କ ସମ୍ମୁଖରେ ପୂଜା ସମର୍ପଣ କରୁଛନ୍ତି । ସୁଧାନନ୍ଦ ମାଆଙ୍କ ନିକଟରେ ହାତଯୋଡ଼ି ବସି ପୂଜା ନିରୀକ୍ଷଣ କରୁଛନ୍ତି । ପୂଜା ଶେଷରେ ସୁଧାନନ୍ଦ ପଚାରିଲେ, ''ମାଆ ! ତୁମେ ଯେଉଁ ପୂଜା କରି ନୈବେଦ୍ୟ ଦେଉଛ, ତାକୁ ତ ପ୍ରଭୁ ଖାଉଥିବାର ମୁଁ ଦେଖି ପାରୁନାହିଁ । ତୁମେ ଦେଖି ପାରୁଛ ?'' ମାଆ କହିଲେ, ''ନାଁ ରେ ଧନ ! ମୁଁ ଦେଖିପାରୁ ନାହିଁ କିମ୍ବା ଜାଣି ପାରୁ ନାହିଁ । କେବଳ କଳ୍ପନା କରୁଛି ଯେ, ପ୍ରଭୁ ଗ୍ରହଣ କରୁଛନ୍ତି । ତୁ ତ ମହାଜ୍ଞାନର ଅଧିକାରୀ । ମୋତେ ଟିକେ ବୁଝାଇ କହି ଦେଉନୁ ?'' ହସି ହସି ସୁଧାନନ୍ଦ କହିଲେ, ''ମାଆ ! ସେ ହେଉଛନ୍ତି ନିର୍ଗୁଣ, ଅଣାକାର । ତାଙ୍କର ଶରୀର ନାହିଁ । ସେ ତାଙ୍କର ସୂକ୍ଷ୍ମସତ୍ତା ନେଇ ସର୍ବସ୍ଥାନରେ ସର୍ବରୂପରେ ବିଦ୍ୟମାନ ଅଛନ୍ତି । ଆମ୍ଭେମାନେ ଯେତେବେଳେ ତାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ରୂପର କଳ୍ପନାରେ ଆମର ଆରାଧନା କେନ୍ଦ୍ରୀଭୂତ କରୁଛେ ଏବଂ ସେହି ରୂପ ଦର୍ଶନ ପାଇଁ ବ୍ୟାକୁଳ ହେଉଛେ, ସେତେବେଳେ ସେ ସେହିଠାରେ ସୂକ୍ଷ୍ମସତ୍ତା ପରିହାର କରି ଆମର କଳ୍ପିତ ରୂପ ନେଇ ଆବିର୍ଭାବ ହେଉଛନ୍ତି । ସେ ଯେ ଅନ୍ୟ କେଉଁ ସ୍ଥାନରେ ରହିଛନ୍ତି ଏବଂ ଆମେ ଡାକିଲେ ସେ ସେଠାରୁ ଆମ ନିକଟକୁ ଆସୁଛନ୍ତି ତାହା ନୁହେଁ । ତେଣୁ ପୂଜା ସମର୍ପଣ କରିବା ସମୟରେ ମଧ୍ୟ ସେ ପୂଜାସ୍ଥାନରେ ସୂକ୍ଷ୍ମରେ ବିରାଜମାନ କରିଥାଆନ୍ତି ଓ ସମର୍ପିତ ସମସ୍ତ ପୂଜା ସମ୍ଭାର ଗ୍ରହଣ କରିଥାନ୍ତି । ସ୍ଥୂଳ ଶରୀର ନ ଥିବାରୁ ଆମପରି ଖାଦ୍ୟ ଖାଇବାର ଆବଶ୍ୟକତା ନ ଥାଏ । ତାଙ୍କର ନଜର ହିଁ ଗ୍ରହଣ । ତୁମେ ଯେଉଁ ପ୍ରସାଦ ନିବେଦନ କରୁଛ, ତାହାକୁ ଯଦି ବାସ୍ତବରେ ସେ ନଜର ପକାଇ ଦିଅନ୍ତି, ତେବେ ସେ ତାକୁ ଗ୍ରହଣ କରିଛନ୍ତି ବୋଲି ସ୍ୱୀକାର କରିବାକୁ ହେବ । କିନ୍ତୁ ଏ ମର୍ତ୍ତ୍ୟଭୂମିରେ ପ୍ରତି ମୁହୂର୍ତ୍ତରେ କେଉଁଠି ହେଲେ ମଧ୍ୟ ପୂଜା, ଆରାଧନା ଲାଗି ରହିଛି । ସେ କ'ଣ ପ୍ରତ୍ୟେକ ସ୍ଥାନରେ ପୂଜା ଗ୍ରହଣ କରୁଛନ୍ତି ? ପୂଜକ ମନ୍ତ୍ରପାଠ କରି ସମର୍ପଣ କରିଦେଉଛି । କିନ୍ତୁ ପ୍ରଭୁ ତାହା ଗ୍ରହଣ କରିଛନ୍ତି କିମ୍ବା କରି ନାହାନ୍ତି ତା'ର କୌଣସି ପ୍ରମାଣ ତା ନିକଟରେ ନାହିଁ । ତେବେ କେଉଁ ସ୍ଥାନରୁ କେଉଁ ପୂଜକର ହସ୍ତରୁ ସେ ନୈବେଦ୍ୟ ଓ ପୂଜାସମ୍ଭାର ଗ୍ରହଣ କରିଥାଆନ୍ତି ? ଯେଉଁ ବ୍ୟକ୍ତି ସମସ୍ତ ପାର୍ଥିବ କାମନାକୁ ତ୍ୟାଗ କରି ଏକାନ୍ତରେ ତାଙ୍କୁ ହିଁ ଚାହୁଁଥାଏ, ଯାହାର ଆଖିରୁ ପ୍ରଭୁଙ୍କ ନାମ ଶ୍ରବଣ, ସ୍ମରଣ ମାତ୍ରେ ଆନନ୍ଦର ଅଶ୍ରୁ ଝରି ପଡୁଥାଏ, ହୃଦୟ ପୁଲକିତ ହୋଇଯାଉଥାଏ, ସେହି ବ୍ୟକ୍ତିର ନିବେଦନ ସେ (ପ୍ରଭୁ) କଦାପି ନିଷ୍ଫଳ କରନ୍ତି ନାହିଁ । ଭାବ ଓ ଭକ୍ତିରେ ସେ ବ୍ୟକ୍ତି ଯାହା ସମର୍ପଣ କରେ ତାକୁ ନିର୍ବିଚାରରେ, ନିର୍ବିକାରରେ ପ୍ରଭୁ ତତ୍‌କ୍ଷଣାତ୍ ଗ୍ରହଣ କରିନିଅନ୍ତି । ଭାବ, ଭକ୍ତି, ଶ୍ରଦ୍ଧା, ପ୍ରେମ ଓ ବିଶ୍ୱାସ ନ ଥାଇ ଯେତେ ରାଜକୀୟ ଉପଚାରରେ ପୂଜା ସମର୍ପଣ କଲେ ମଧ୍ୟ ସେ ତାକୁ ଚାହାଁନ୍ତି ନାହିଁ କିମ୍ବା ନିଅନ୍ତି ନାହିଁ । ଫଳରେ ସମସ୍ତ ପୂଜା ବ୍ୟର୍ଥ ହୁଏ । ସେଥିପାଇଁ କୁହାଯାଏ ଯେ, ''ଜୀବର ସେବା ହିଁ ବ୍ରହ୍ମର ସେବା'' । ପ୍ରଭୁଙ୍କ ଶୂନ୍ୟସତ୍ତାକୁ ବିଶ୍ୱାସର ସହ ସ୍ୱୀକାର କରି ତାଙ୍କୁ ପୂଜା ସମର୍ପଣ କରିବା ପରେ ପୂଜାସମ୍ଭାର ଓ ନୈବେଦ୍ୟକୁ ସ୍ଥୂଳ ଜୀବମାନଙ୍କ ମଧ୍ୟରେ ଶ୍ରଦ୍ଧା ଓ ପ୍ରେମରେ ବିତରଣ କରିଦେବାକୁ ହିଁ ବାସ୍ତବ ପୂଜା କୁହାଯାଏ । ପ୍ରତ୍ୟେକ ଜୀବ ମଧ୍ୟରେ ସେହିଁ ଆତ୍ମା ସ୍ୱରୂପରେ ବିଦ୍ୟମାନ ଅଛନ୍ତି । ତେଣୁ ସେହିମାନଙ୍କୁ ପୂଜା ଅର୍ଥାତ୍ ସନ୍ତୁଷ୍ଟ କରି ଦେଲେ ପ୍ରଭୁ ସନ୍ତୋଷ ଲାଭ କରନ୍ତି । ମାତ୍ର ପ୍ରଭୁଙ୍କଠାରେ ଅନନ୍ୟ ଭକ୍ତି ନିବେଦନ କରି ଜୀବଜଗତକୁ ଘୃଣାଚକ୍ଷୁରେ ଦେଖି ନିଜକୁ ଦୂରେଇ ରଖିଲେ ସେ କଦାପି ତୁମର ପୂଜା ଗ୍ରହଣ କରିବେ ନାହିଁ । କାରଣ ଗୋଟିଏ ପକ୍ଷରେ ତାଙ୍କୁ ଭଲ ପାଇ ଅପରପକ୍ଷରେ ତାଙ୍କୁ ଘୃଣା କରୁଛ । ସୁତରାଂ ତୁମେ ଏକାନ୍ତ ଭାବରେ ତାଙ୍କୁ ସ୍ୱୀକାର କରି ପାରିନାହଁ । ତାଙ୍କୁ ପାଇବ କିପରି ? ସେ ତୁମ ନିବେଦିତ ପୂଜା ନେବେ ବା କାହିଁକି ? ଏତଦ୍ ବ୍ୟତୀତ ଏ ସୃଷ୍ଟିରେ ଏପରି କୌଣସି ବସ୍ତୁ ଅଛି, ଯେଉଁଟା ତାଙ୍କର ନୁହେଁ ? ତାଙ୍କରି ଆଶୀର୍ବାଦରେ ସୃଷ୍ଟି ହୋଇଥିବା ବସ୍ତୁ କେବଳ ତାଙ୍କର ହିଁ ଅଟେ । ତେଣୁ ତାଙ୍କ ବସ୍ତୁକୁ ତାଙ୍କୁ ଦେଇ ''ମୁଁ ପୂଜା କରିଛି, କରୁଛି, କରିବି'' ଇତ୍ୟାଦି ଗାରିମା ପ୍ରକାଶ କରିବାର ଅର୍ଥ

ଅଜ୍ଞାନତା, ମୂଢ଼ତା ବ୍ୟତୀତ ଆଉ କିଛି ନୁହେଁ । '' ମାଆ ସେହି ସମୟରେ ପଚାରି ଦେଲେ, ''ରେ ମୋର ଧନ ! ତା ହେଲେ ତାଙ୍କର ପୂଜା ତ ଆଦୌ ହୋଇ ପାରିବ ନାହିଁ । କାରଣ ସବୁ ତ ତାଙ୍କରି । ତେବେ ପୂଜା କିପରି ହେବ ?'' ଦେବଶିଶୁ ସୁଧାନନ୍ଦ କହିଲେ, ''ମାଆ ! ଭଲ କଥା ପଚାରିଲ । ତାଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ସ୍ଥାପନ କରି ପ୍ରତ୍ୟେକ ମୁହୂର୍ତ୍ତରେ, ସର୍ବସ୍ଥାନରେ, ସମସ୍ତ ଶରୀରରେ ତାଙ୍କର ଉପସ୍ଥିତିକୁ ସ୍ୱୀକାର କରି ତାଙ୍କୁ ଭଲ ପାଇବା, ତାଙ୍କ ପାଇଁ ଅଶ୍ରୁ ନିବେଦନ କରିବା, ତାଙ୍କୁ ଦେଖିବା ପାଇଁ ବ୍ୟାକୁଳତା ପ୍ରକାଶ କରିବା, ଅହରହ ସମସ୍ତ କର୍ମଜଞ୍ଜାଳ ମଧ୍ୟରେ ତାଙ୍କୁ ମନେ ପକାଇବା, ତାଙ୍କର ଗୁଣ, ଲୀଳା ସ୍ମରଣ କରିବା ହିଁ ତାଙ୍କର ପୂଜା । ପଡ଼ୋଶୀ, ପ୍ରତିବେଶୀମାନଙ୍କ ସମେତ ଏ ସୃଷ୍ଟିର ସମସ୍ତଙ୍କ ସୁଖ, ଦୁଃଖରେ ଭାଗୀଦାର ହୋଇ ଅନ୍ୟର ମନରେ ଆନନ୍ଦ, ଶାନ୍ତି ସ୍ଥାପନ କରାଇବା ହିଁ ତାଙ୍କର ନୈବେଦ୍ୟ । ସମସ୍ତ କର୍ମ ଓ କର୍ମଫଳକୁ ତାଙ୍କ ଶ୍ରୀପୟରେ ସମର୍ପଣ କରିବା ହେଉଛି ପୁଷ୍ପାଞ୍ଜଳି । ସାହସ, ଧୈର୍ଯ୍ୟ, ନମ୍ରତା ବଳରେ ଯିଏ ଏହି ଅଭ୍ୟାସ କର୍ମରେ ନିଜକୁ ଉତ୍ସର୍ଗ କରିପାରିବ ସେ ହିଁ ହେଉଛି ତାଙ୍କର ପୂଜକ । ସେହି ହସ୍ତରୁ ପୂଜା, ନୈବେଦ୍ୟ ଗ୍ରହଣ କରିବା ପାଇଁ ସେ ସର୍ବଦା ବ୍ୟାକୁଳ ହୋଇ ଚାହିଁ ରହିଥାଆନ୍ତି ।'' ଶିଶୁପୁତ୍ରଠାରୁ ଉକ୍ତ ଜ୍ଞାନଗର୍ଭକ ବ୍ରହ୍ମତତ୍ତ୍ୱ ଶ୍ରବଣ କରି ପିତା ମାତା ଉଭୟେ ସ୍ଥାଣୁ ହୋଇ ରହିଥାନ୍ତି । ତାଙ୍କର ସମସ୍ତ ଶରୀର ଯେପରି ଏକ ଅନିର୍ବଚନୀୟ ଶାନ୍ତିରେ ସ୍ଥିର ହୋଇ ଯାଉଛି । ପିତା ମାତାଙ୍କର ଏତାଦୃଶ ଭାବାବେଶ ଲକ୍ଷ୍ୟ କରି ଦେବଦୂତ ସୁଧାନନ୍ଦ କହିଲେ, ''ମାଆ ! ଭୋକ ଲାଗିଲାଣି । ଆଜି ମୋତେ ଖୁଆଇ ଦେବ ନାହିଁ ?'' କର୍ତ୍ତବ୍ୟବୋଧରେ ମାଆ ଚମକି ଉଠିଲେ । ଧନ ତାଙ୍କର ଖାଇ ନାହିଁ । ତେଣୁ ଉଠିଗଲେ ଖାଦ୍ୟ ଆଣି କୋଳରେ ଶଙ୍ଖାଳିକୁ ବସାଇ ଖୁଆଇ ଦେବାପାଇଁ । ପିତା ମଧ୍ୟ ଉଠିଗଲେ । ମାତ୍ର ଅଲୌକିକ ଲୀଳା ପ୍ରକଟ କରିବାରେ ସିଦ୍ଧହସ୍ତ ସୁଧାନନ୍ଦ ନିଜର ଅଭ୍ୟାସରୁ ବିରତ ହେବେ କାହିଁକି ? ମାଆ ପହଞ୍ଚିବା ବେଳକୁ ରାଧା ଦାମୋଦରଙ୍କ ନିକଟରେ ସମର୍ପିତ ହୋଇଥିବା ପ୍ରସାଦକୁ ସୁଧାନନ୍ଦ ନିଜ ହାତରେ ଆଣି ଖାଉଛନ୍ତି । ମାଆଙ୍କ ହାତରୁ ଖାଦ୍ୟସାମଗ୍ରୀ ଆପଣାଛାଏଁ ଖସି ପଡ଼ିଲା । ନିର୍ବାକ୍ ହୋଇଗଲେ । ଶିଶୁପୁତ୍ର ତାଙ୍କର ନିଜେ ନିଜେ ମାତ୍ର ତିନିବର୍ଷ ବୟସରେ ଅନାୟାସରେ ଖାଦ୍ୟ ଗ୍ରହଣ କରିପାରୁଛି । ତାକୁ ଆଉ ଶିଶୁ ବୋଲି କାହିଁକି କହିବେ ? ମାଆଙ୍କର ଅସହାୟତା ଦେଖି ସୁଧାନନ୍ଦ କେବଳ ହସୁଥିଲେ । କ୍ରମଶଃ.....



ସେହି ଏକା ସିନା ଦେଖୁଛି ସବୁରେ !
ମଉନେ ମନକୁ ମାରି ।
ଯିଏ ତୋତେ ଦିନେ ଗଣ୍ଡିଧନ କରି
ଆଣିଥିଲା ମର୍ତ୍ତ୍ୟପୁରୀ ।।
ଭାବିଥିଲା ମନେ ରଖିବୁ କୀରତି
ପୀରତି କରି ବ୍ରହ୍ମରେ ।
ଭୁଲିଗଲୁ ତାକୁ ଆଦରି ମିଛକୁ
ରସିଲୁ ମାୟା ସାଗରେ ।।

- ଶ୍ରୀଶ୍ରୀଶ୍ରୀଠାକୁର

# ଉତ୍ତିଷ୍ଠତଃ । ଜାଗ୍ରତଃ ।।

"ଭାଲକରେ ଦେଖ୍ ଭାଇ, ଅମିଶ୍ର ଆନନ୍ଦ ନାହିଁ, ଯେ ଆଛେ ସେ ଦୁଃଖେର କାରଣ ।
ସେ ସୁଖେର୍ ତରେ ତବେ, କେନ ମାୟା ଦାସ ହବେ, ହରାଇବେ ପରମାର୍ଥ ଧନ୍ ?"

***ଶ୍ରୀ ବୈଷ୍ଣବ ଆଚାର୍ଯ୍ୟଙ୍କର ଏହି କବିତାଂଶରୁ ଦୁଷ୍ଟ ମନର ଦାସ ସାଜି ଦୁଃଖର କାରଣକୁ ଉଦ୍‌ଜୀବିତ କରି ଅନିତ୍ୟ ସୁଖରେ ମାତି ପରମାର୍ଥ ଧନକୁ ହରାଇବା ଯେ ଏକ ପ୍ରକାର ଶ୍ରେଷ୍ଠ ନିର୍ବୋଧତା - ଏହି ଚେତନା ମିଳେ । "ଚରମ"ର ଏହି ପାଖୁଡ଼ାରେ ଦୁଷ୍ଟ ମନର ବନ୍ଧନରୁ ମୁକ୍ତି ପାଇବା ପାଇଁ କର୍ମଯୋଗ କରିବାର ପ୍ରେରଣା ନିମନ୍ତେ-***

# ମନ ସଂଯମ

**"ଚରମ" : ଷଷ୍ଠପୁଷ୍ପ : ତୃତୀୟ ପାଖୁଡ଼ା : ଅଷ୍ଟବିଂଶତିତମ ସଂଖ୍ୟାର ଅନୁସୃତିରୁ .......**

ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଶ୍ରେଷ୍ଠ । ମନ ଅପେକ୍ଷା ବୁଦ୍ଧି ଉନ୍ନତତର । ବୁଦ୍ଧି ଅପେକ୍ଷା ଆତ୍ମା ଆହୁରି ଅଧିକ ଉନ୍ନତ । ଜୀବ ଆତ୍ମା ହୋଇଥିବାରୁ କୁହାଯାଇଛି, ଜୀବ ମନ ନୁହେଁ, ତୁମେ ବୁଦ୍ଧି ମଧ୍ୟ ନୁହଁ, ତୁମେ ମନ ଏବଂ ବୁଦ୍ଧି ଅପେକ୍ଷା ଭିନ୍ନ ଏବଂ ଅଧିକ ଉନ୍ନତ । ତେଣୁ, ତୁମେ ମନର ଅଧୀନରେ ପରିଚାଳିତ ନ ହୋଇ ବରଂ ମନକୁ ତୁମ ଅଧୀନରେ ରଖି ପରିଚାଳନା କର । ତୁମେ ମନ ଓ ବୁଦ୍ଧି ଠାରୁ ଶ୍ରେଷ୍ଠ ହୋଇଥିବାରୁ ମନ ବା ବୁଦ୍ଧିର ଦାସ ନ ହୋଇ ପ୍ରଭୁ ହୁଅ । ପରମାତ୍ମା ପରଂବ୍ରହ୍ମ ଚରମ ପୁରୁଷ ତୁମର ପ୍ରଭୁ । ତାଙ୍କର ଦାସ ହୁଅ । ତାଙ୍କ ଦ୍ୱାରା ପରିଚାଳିତ ହୁଅ । ତାଙ୍କ ଆଦେଶ ନିର୍ଦ୍ଦେଶ, ଆଜ୍ଞା ଅନୁଜ୍ଞା, ଶାସନ ଅନୁଶାସନର ପରିସର ମଧ୍ୟରେ ରୁହ । ସେ ଯେଉଁ ପଥ ତୁମକୁ ଚଳାଇ ନେବା ପାଇଁ କହିଛନ୍ତି ବା କହୁଛନ୍ତି, ସେହି ପଥରେ ଚାଲ । ତାହାହିଁ ତୁମ ପାଇଁ କଲ୍ୟାଣକର, ମଙ୍ଗଳପ୍ରଦ । ଅନ୍ୟ ପ୍ରକାରେ କହିବାକୁ ଗଲେ, ଦୁଷ୍ଟମନ ବା ଅସଂଯତ ମନର ଦାସ ନ ହୋଇ, ଦୁଷ୍ଟ ଓ ଅସଂଯତ ମନକୁ ତାଲିମ୍ ଦେବାକୁ, ସଂଯତ କରିବାକୁ ଗୀତାରେ କୁହାଯାଇଛି । ଦୁଷ୍ଟମନର ପ୍ରତିକ୍ରିୟାରୁ ମଣିଷ ଏ ଧରାପୃଷ୍ଠରେ ନାନାଦି ଦୁଃଖ ଯନ୍ତ୍ରଣା ଭୋଗ କରୁଛି । ଶ୍ରୀମଦ୍‌ଭଗବଦ୍ ଗୀତାର ଷଷ୍ଠ ଅଧ୍ୟାୟ (ଧ୍ୟାନଯୋଗଃ) ପଞ୍ଚମ ଶ୍ଳୋକରେ କୁହାଯାଇଛି, ମନୁଷ୍ୟ ତା'ର ଆତ୍ମା ଦ୍ୱାରା ଆତ୍ମାର ଉନ୍ନତି କରୁ, ଆତ୍ମାକୁ ନିମ୍ନାଭିମୁଖୀ ନ କରୁ । କାରଣ ସେ ନିଜେ ନିଜର ବନ୍ଧୁ ଏବଂ ଶତ୍ରୁ ମଧ୍ୟ ଅଟେ ।

ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଉର୍ଦ୍ଧ୍ୱତର ପ୍ରତିଷ୍ଠା ବା ଅଧୋଗତି ପାଇଁ ଦାୟୀ ଅଟେ । ଏଥିପାଇଁ ଠାକୁରଙ୍କ ବ୍ୟତୀତ ଅନ୍ୟମାନଙ୍କର ଅବଦାନ ଅତ୍ୟନ୍ତ ଗୌଣ ଓ ନ୍ୟୁନ ଅଟେ । ସାଧାରଣତଃ ସଂସାର କ୍ଷେତ୍ରରେ ଅନେକେ ଅଭିଯୋଗ କରନ୍ତି ଯେ, ଶତ୍ରୁମାନେ ତାଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି । କିନ୍ତୁ, ନିଜର ଦୋଷତ୍ରୁଟି ନ ଥାଇ କୌଣସି ବ୍ୟକ୍ତି କଦାପି କସ୍ମିନ୍ କାଳେ କ୍ଷତିଗ୍ରସ୍ତ ହୁଏ ନାହିଁ । ଏହାହିଁ ସୃଷ୍ଟିର ନିୟମ । ଆତ୍ମଶୁଦ୍ଧି କ୍ଷେତ୍ରରେ ଶତ୍ରୁ ଦ୍ୱାରା ସୃଷ୍ଟି କରାଯାଉଥିବା ବିପଦରୁ ନିଜକୁ ରକ୍ଷା କରିବା ସାଧକଙ୍କ ପକ୍ଷରେ ଅସମ୍ଭବ ନୁହେଁ । ସଠିକ୍ ବୁଝାମଣାର ଅଭାବ ତଥା ପରିସ୍ଥିତିର ସମ୍ମୁଖୀନ ହେବାରେ ଅସାମର୍ଥ୍ୟ ହେତୁ ମନୁଷ୍ୟ ନିଜର ଅବନତି ଓ ଅଧୋଗତି ପାଇଁ ପଥ ଖୋଲିଦିଏ । ସେପରି କରିବା ଫଳରେ ସେ ନିଜେ ନିଜର ଶତ୍ରୁ ହୋଇଥାଏ । ଅନ୍ୟପକ୍ଷରେ ଉତ୍ତମ

ବୃଷାମଣା ଓ ସଦାଚାର ଦ୍ୱାରା ସେ ନିଜର ବନ୍ଧୁ ସାଜି ନିଜକୁ ଉନ୍ନତି ପଥରେ ଆଗେଇ ନିଏ । ସୁତରାଂ ମନୁଷ୍ୟ ନିଜେ ନିଜର ପରମବନ୍ଧୁ ବା ଚରମ ଶତ୍ରୁ ଅଟେ । ଏହି ତତ୍ତ୍ୱ ଯେଉଁ ବ୍ୟକ୍ତି ହୃଦୟଙ୍ଗମ କରିଛନ୍ତି, ସେ ଆଧ୍ୟାତ୍ମିକ ଜୀବନ ନିର୍ବାହ ନିମନ୍ତେ ଏକ ବହୁମୂଲ୍ୟ ଶିକ୍ଷାଲାଭ କରିଅଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କୌଣସି ବ୍ୟକ୍ତି ଶତ୍ରୁତା କାମନା କରେ ନାହିଁ, ସମସ୍ତେ ବନ୍ଧୁତା ଇଚ୍ଛା କରନ୍ତି । ଏହା ଏକ ବାସ୍ତବ ସତ୍ୟ ତତ୍ତ୍ୱ । ଏପରି ସ୍ଥଳେ ମନୁଷ୍ୟ ନିଜେ ନିଜକୁ କିପରି ପ୍ରକୃତ ବନ୍ଧୁ ରୂପେ ନିର୍ବାଚନ କରିବ ? ଏହା ମଧ୍ୟ ଏକ ସମସ୍ୟା । ଏ ସମସ୍ୟାର ସମାଧାନ କରି କୁହାଯାଇଛି :

''ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ?
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତେତାତ୍ମୈବ ଶତ୍ରୁବତ୍ ॥''

ଯେଉଁ ବ୍ୟକ୍ତି ତାଙ୍କର ଦିବ୍ୟାତ୍ମା ଦ୍ୱାରା ନିଜସ୍ୱ ନୀଚ ଆତ୍ମାକୁ ପରାଜିତ କରିପାରିଛନ୍ତି, ନିଜେ ହିଁ ନିଜର ବନ୍ଧୁ ଏବଂ ଅପର ପକ୍ଷେ ଯେଉଁ ଆତ୍ମା ଆତ୍ମବଶୀକରଣ ନିମନ୍ତେ ଅସମର୍ଥ ସେ ନିଜେ ହିଁ ନିଜର ଶତ୍ରୁ । ବନ୍ଧନ ଓ ମୁକ୍ତି ଉଭୟ ମଣିଷର ମନରେ ଥାଆନ୍ତି । ବ୍ୟକ୍ତି ଦୃଢ଼ତାର ସହ - 'ମୁଁ ମୁକ୍ତ ଆତ୍ମା, ମୁଁ ଦିବ୍ୟାତ୍ମା, ମୁଁ ଈଶ୍ୱରଙ୍କର ସନ୍ତାନ, ମୋତେ କେହି ବାନ୍ଧି ରଖି ପାରିବେ ନାହିଁ - ଏ ପ୍ରକାର ମନୋଭାବ ପୋଷଣ କଲେ, ମୋକ୍ଷ ଲାଭ କରେ । ଏପରିକି ହୋଇଥାଏ - ବିଷଧର ସର୍ପ ଦ୍ୱାରା ଦଂଶିତ ବ୍ୟକ୍ତି ଦୃଢ଼ଧାରଣା ଓ ମନୋବଳର ସହିତ ତା'ର ଶରୀରରେ ଅଣୁମାତ୍ର ସର୍ପବିଷ ପ୍ରବେଶ କରି ନାହିଁ ବୋଲି ଯଦି ମନେକରେ, ତେବେ ତା'ର ଦେହରେ ବିଷର ପ୍ରତିକ୍ରିୟା ଆଦୌ ହୁଏ ନାହିଁ କିମ୍ବା କୌଣସି କ୍ଷତି ମଧ୍ୟ ହୁଏ ନାହିଁ । ତେଣୁ ମନକୁ ଦୃଢ଼ କରିବାକୁ ହେବ । ଇହ ଜଗତର ନଶ୍ୱର ପଦାର୍ଥ ଲାଭର ସକଳ ଆଶା ପରିତ୍ୟାଗ କରି ଈଶ୍ୱର ପ୍ରାପ୍ତି ନିମନ୍ତେ ଲକ୍ଷ୍ୟ ସ୍ଥିର କରିବା ଶ୍ରେୟସ୍କର ।

ନିର୍ଭୀକ ଓ ପ୍ରଶାନ୍ତ ଚିତ୍ତରେ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରି ମନକୁ ସଂଯତ କରି ଠାକୁରଙ୍କ ପଦ୍ମପାଦରେ ମନ ପ୍ରାଣକୁ ସ୍ଥିର ରଖି, କେବଳ ତାଙ୍କୁ ହିଁ ଚରମ ଲକ୍ଷ୍ୟ ରୂପରେ ଚିନ୍ତା କରି ଯୋଗ ସାଧନା କରିବା ଉଚିତ । ଅଭ୍ୟାସ କର୍ମଯୋଗ ଦ୍ୱାରା ମନକୁ ଜୟ କରି ତାଙ୍କରି ଚିନ୍ତାରେ ନିବିଷ୍ଟ ରହିଲେ ଶାନ୍ତି ମିଳେ ଓ ଶେଷରେ ତାହା ଚରମପ୍ରାପ୍ତି ରୂପରେ ଫଳବତୀ ହୁଏ । ମୂଳ ତାତ୍ପର୍ଯ୍ୟ ହେଉଛି ମନକୁ ତାଲିମ୍ ଦେବା । ମନର ତାଲିମ୍ ହେଉଛି ଯୋଗ । ଯୋଗ ମାର୍ଗରେ ମନ ଏବଂ ବଦ୍ଧ ଜୀବାତ୍ମା ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଯୋଗ ସାଧନାରେ ମନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ, ମନକୁ ଏପରି ତାଲିମ୍ ଦେବାକୁ ପଡ଼ିବ, ଯେପରି ଏହା ବଦ୍ଧ ଜୀବାତ୍ମାକୁ ଅବିଦ୍ୟାରୂପକ ଘନ ଅନ୍ଧକାରରୁ ଉଦ୍ଧାର କରିପାରିବ । ମନୁଷ୍ୟ ମନରେ ଭୂତ ପ୍ରକୃତିର ଅନିତ୍ୟ ବସ୍ତୁ ସକଳକୁ ଉପଭୋଗ କରିବାର ଇଚ୍ଛା ଜାଗ୍ରତ ହେଲେ, ଆତ୍ମା ବନ୍ଧନ ଦଶା ଭୋଗ କରେ । ତେଣୁ ଭୂତ ପ୍ରକୃତିର ମୋହିନୀ ଶକ୍ତିରେ ଆକୃଷ୍ଟ ନ ହେବା ପାଇଁ ଆମକୁ ସବୁବେଳେ ସତର୍କ ରହିବାକୁ ପଡ଼ିବ । ଯେଉଁ ବ୍ୟକ୍ତି ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ପ୍ରତି ଯେତେ ଅଧିକ ଆକୃଷ୍ଟ ହେବ, ସେ ସେତେ ଅଧିକ ଭୌତିକ ଅନିତ୍ୟ ବନ୍ଧନରେ ପଡ଼ିବ ହିଁ ପଡ଼ିବ ।

ମନ ହିଁ ଜୀବ ପାଇଁ ବନ୍ଧନ ବା ମୁକ୍ତିର କାରଣ ଅଟେ । ମନ୍ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରେ ବୁଡ଼ି ରହିଲେ, ତାହା ବନ୍ଧନର କାରଣ ହୁଏ । ପୁଣି ସେହି ମନ ସେଗୁଡ଼ିକରୁ ଦୂରେଇ ରହିଲେ, ତାହା ମୁକ୍ତିର କାରଣ ହୁଏ । ତେଣୁ, ମନକୁ କୌଶଳର ସହିତ ଠାକୁରଙ୍କର ଚେତନାରେ ରଖିବା ପାଇଁ ଅଭ୍ୟାସ କର୍ମଧାରା ଅବଶ୍ୟ

କରିବାକୁ ହେବ । ଏହା ନ କଲେ ଦୁଷ୍ଟ ଅସଂଯତ ମନକୁ ଶାସନ ବା ସଂଯମ କରାଇ ପାରିବ ନାହିଁ । ଫଳରେ ଦୁଷ୍ଟ ଅସଂଯତ ମନ ଦିନକୁ ଦିନ ଅଧିକରୁ ଅଧିକ ଶକ୍ତିଶାଳୀ ହେବ । ଶକ୍ତିଶାଳୀ ଦୁଷ୍ଟ ଅସଂଯତ ମନ ଜୀବର ପ୍ରକୃତ ସ୍ୱରୂପ (ଆତ୍ମା)କୁ ଆଚ୍ଛାଦନ କରି ପକାଇବ । ସେହି କାରଣରୁ ଗୁରୁତ୍ୱ ଦେଇ କୁହାଯାଉଛି - ଯେ ପ୍ରତିଦିନ ବିଧିବଦ୍ଧ ଭାବରେ ନିତ୍ୟକୃତ୍ୟ ଅଭ୍ୟାସ କର୍ମଧାରା ପାଳନ କରି ମନକୁ ଠାକୁରଙ୍କର ପଦ୍ମପାଦରେ ନିବିଷ୍ଟ ରଖି କୌଶଳରେ ସତର୍କତାର ସହିତ ମନର ଦୁଷ୍ଟାମିକୁ ବିନାଶ କରିବା ଉଚିତ୍ ।

ଦୁଷ୍ଟମନକୁ ଶାସନ କରି ସମୂଳେ ବିନାଶ କରିବାର ଏକମାତ୍ର ପ୍ରକୃଷ୍ଟ ଉପାୟ ହେଉଛି ପ୍ରଭୁଙ୍କର ପଦ୍ମପାଦ ଉପାସନା । କଡ଼ାକଡ଼ି ଭାବରେ ପ୍ରଭୁଙ୍କର ଆଜ୍ଞା ଅନୁଜ୍ଞା ପାଳନ । ଠାକୁରେ ସାଧନ ବିଧି ଦେଇଛନ୍ତି, ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟ ଇତ୍ୟାଦି ଯାହା ସବୁ ଆମ ସାଧନା ପାଇଁ ଉପଯୋଗୀ ତାହା ମଧ ଦେଇଛନ୍ତି । ନିଷ୍ଠାର ସହ ସାଧନବିଧି ପାଳନ କରି ପ୍ରଭୁଙ୍କର ଦତ୍ତ ସାଧନମନ୍ତ୍ର (ବୀଜମନ୍ତ୍ର)ର ଜପ, କୀର୍ତ୍ତନ, ସ୍ମରଣ, ମନନ ଦ୍ୱାରା ଅଧିକରୁ ଅଧିକ ମାନସଜପରେ ରହିଲେ, ଦୁଷ୍ଟମନ ଶିଷ୍ଟ ହେବ, ଅସଂଯତ ମନ ସଂଯତ ହେବ ହିଁ ହେବ । ଏଥିରେ ତିଳେମାତ୍ର ସଂଦେହ ନାହିଁ । ଅଭ୍ୟାସ କର୍ମଧାରାରେ ବିଧିବଦ୍ଧ ଭାବରେ ରହି ଏହା ଅନୁଭବରେ ଆଣି ପାରିବ । ନିଜେ ପରୀକ୍ଷା କରି ଦେଖି ନିଅ । ଶୋଷ ଲାଗିଲେ, ପାଣି ପିଅ । ପରୀକ୍ଷା କରି ଦେଖ ଆଉ ଶୋଷ ଲାଗୁ ନାହିଁ । ଭୋକ ଲାଗୁଛି ତ, ଖାଦ୍ୟ ଗ୍ରହଣ କରି ପରୀକ୍ଷା କର - ଆଉ ଭୋକ ଲାଗୁ ନାହିଁ । ସେହିପରି ମନ ଚଞ୍ଚଳ, ଅସ୍ଥିର, ବିଚଳିତ ହେଉଛି ତ, ଜପ କର, ଧ୍ୟାନ କର, ପ୍ରଭୁଙ୍କର ପଦ୍ମପାଦ ଚିନ୍ତା କର, ତାଙ୍କରି ଚିନ୍ତା ଚେତନାରେ ବୁଡ଼ି ରୁହ, ତା'ପରେ ପରୀକ୍ଷା କରି ଦେଖ, ଧୀରେ ଧୀରେ ମନ ଶାନ୍ତ, ସ୍ଥିର, ଅଚଞ୍ଚଳ ହୋଇ ଯାଉଛି । ଶାନ୍ତି, ଆନନ୍ଦ ଓ ସନ୍ତୋଷ ମିଳୁଛି । ଏହାହିଁ ତ ପ୍ରକୃଷ୍ଟ ସାଧନା ।

ମନକୁ ଆତ୍ମା ବୋଲି ଭାବିବା ବା ମୁଁ ବୋଲି ଭାବିବା ଏ ଭୌତିକ ଜଗତରେ ଜୀବର ସମସ୍ତ ପ୍ରକାର ସଂସାର ତାପ (ଦୁଃଖ, ଶୋକ, ଯନ୍ତ୍ରଣା, ରୋଗ ଇତ୍ୟାଦି)ର ମୂଳ କାରଣ ଅଟେ । ଯେ ପର୍ଯ୍ୟନ୍ତ ଜୀବ ଏହା ଜାଣି ନ ପାରିଛି, ସେ ପର୍ଯ୍ୟନ୍ତ ତାକୁ ମୁକ୍ତି ମୋକ୍ଷ ମିଳେ ନାହିଁ । ଫଳରେ ଜୀବକୁ ଏ ଧରାପୃଷ୍ଠରେ ନାନା ଯୋନିରେ ନାନା ଦୁଃଖ ଯନ୍ତ୍ରଣା ପୂର୍ଣ୍ଣ ପରିସ୍ଥିତିରେ ଭ୍ରମଣ କରିବାକୁ ହୁଏ । କାରଣ, ମନ ସଂସାର ଯାତ୍ରା ପଥରେ ରୋଗ, ଶୋକ, ଦୁଃଖ, ମୋହ, ମାୟା, କ୍ରୋଧ, ଲୋଭ, କାମ, ଯନ୍ତ୍ରଣା ଏବଂ ଶତ୍ରୁତା ଆଦି ସହିତ ସଂଯୁକ୍ତ ହୋଇ ଜାଗତିକ ବନ୍ଧନ ଓ ମିଥ୍ୟା ମମତାଦି ହିଁ ଉତ୍ପନ୍ନ କରିଥାଏ । ତେଣୁ ଗୀତା, ଭାଗବତ, ଉପନିଷଦ ଆଦିରେ ମନକୁ ଶାସନ କରି ଜୟ କରିବା ପାଇଁ ଉପଦେଶ ବାଣୀ ଯଥେଷ୍ଟ ସଂଖ୍ୟାରେ ଓ ପରିମାଣରେ ରହିଅଛି ।

ମନକୁ ଯେଉଁ ବ୍ୟକ୍ତି ଜୟ କରିପାରିଛି, ତା'ପକ୍ଷରେ ମନ ହେଉଛି ତା'ର ଉତ୍ତମ ବନ୍ଧୁ । କିନ୍ତୁ ଅନ୍ୟ ପକ୍ଷରେ ଯେଉଁ ବ୍ୟକ୍ତି ମନକୁ ଜୟ କରି ନ ପାରିଛି, ତା' ପକ୍ଷରେ ମନ ସାଂଘାତିକ ଶତ୍ରୁ । ଅସଂଯତ ଦୁଷ୍ଟ ମନକୁ ଧରି ଯେଉଁମାନେ ହସପରିହାସ, ଆନନ୍ଦପ୍ରମୋଦ, ଭୋଗବିଳାସ ଇତ୍ୟାଦିରେ କାଳଯାପନ କରୁଅଛନ୍ତି, ସେମାନେ ନିଶ୍ଚିତ ଭାବରେ ଏକ ବିରାଟ ଶତ୍ରୁ ସହିତ ବସବାସ କରୁଛନ୍ତି । ତାହାଦ୍ୱାରା ସେମାନଙ୍କର ଜୀବନ, ଜନ୍ମ ଏବଂ ଜୀବନ ଧାରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବ୍ୟର୍ଥ ହେଉଛି । ମନ ଯେତେଦିନ ପର୍ଯ୍ୟନ୍ତ ସଂଯତ ନ ହୋଇ ଅସଂଯତ ହୋଇ ଶକ୍ତିଶାଳୀ ହୋଇଛି, ସେତେ ଦିନ ମଣିଷ କାମ, କ୍ରୋଧ, ଲୋଭ, ମୋହାଦିର ବଶବର୍ତ୍ତୀ ହୋଇ ରହୁଛି । ଅନ୍ୟ ଭାଷାରେ, ସେତେଦିନ ମଣିଷ ସେମାନଙ୍କର ଦାସ ସାଜି ଆଦେଶ ମାନୁଛି, ତେଣୁ ପ୍ରଭୁଙ୍କର ଦାସ ସାଜି

ପାରୁନାହିଁ କିମ୍ବା ଆଦେଶ ମାନି ପାରୁନାହିଁ । ଥରେ ବିଧିବଦ୍ଧ କର୍ମଧାରା ଅଭ୍ୟାସ କରି ମନକୁ ତହିଁରେ ନିବିଷ୍ଟ ଓ ଅଭ୍ୟସ୍ତ କରିଦେଲେ, ସ୍ୱେଚ୍ଛାକୃତ ଭାବରେ ଠାକୁରଙ୍କର ଆଦେଶ ମାନିବାକୁ ମନ ପ୍ରସ୍ତୁତ ହୋଇଯିବ । ଏହା ସ୍ୱତଃସିଦ୍ଧ ଅନୁଭୂତ ସତ୍ୟ ।

**ମନ ହେଉଛି କାମ, କ୍ରୋଧ, ଲୋଭ, ମୋହ, ମଦ, ଶୋକ, ଦୁଃଖ, ଭୟ ଇତ୍ୟାଦିର ମୂଳ କାରଣ ।** ଏହି ଅସଂଯତ ମନ ଦ୍ୱାରା ପରିଚାଳିତ ହେଲେ, କର୍ତ୍ତବ୍ୟ କର୍ମ ବନ୍ଧନ ସ୍ୱରୂପ ହୁଏ । ତେଣୁ, ଦୁଷ୍ଟ ମନକୁ ଆଦୌ ବିଶ୍ୱାସ କରିବା ଉଚିତ ନୁହେଁ । ଯାହାକୁ ବିଶ୍ୱାସ କରିବା ଅନୁଚିତ, ତା'ଦ୍ୱାରା ପରିଚାଳିତ ହେବା ମଧ୍ୟ ବିପଦପୂର୍ଣ୍ଣ । ସର୍କସରେ ଆମେ ହିଂସ୍ର ପଶୁମାନେ ମଣିଷର କଥା ମାନି ନାନା ଖେଳ ଦେଖାଇଥିବାର ଲକ୍ଷ୍ୟ କରିଥାଉ । ଏହା କିପରି ସମ୍ଭବ ? ସେହି ହିଂସ୍ର ପଶୁମାନେ ଜନ୍ମରୁ ଏପରି କଥା ମାନି ଖେଳ ଶିଖି ନ ଥିଲେ । ଘୋର ଜଙ୍ଗଲରୁ ସେମାନଙ୍କୁ କୌଶଳରେ ଧରିବା ପରେ ମଧ୍ୟ ତାଙ୍କୁ ବିଶ୍ୱାସ କରାଯାଏ ନାହିଁ । ଧୀରେ ଧୀରେ ନାନା ପ୍ରକାର ଭାବରେ ସତର୍କତାର ସହିତ ସେମାନଙ୍କୁ ପୋଷା ମନାଇ, ଶାସନ କରି ନିୟନ୍ତ୍ରଣରେ ରଖାଯାଏ । ତା'ପରେ ସେମାନଙ୍କୁ କ୍ରମଶଃ ଖେଳ ଶିକ୍ଷା ଦିଆଯାଏ । ଠିକ୍ ସେହିପରି ଯେଉଁମାନେ ପରମାର୍ଥିକ ଜୀବନଧାରାରେ ଉନ୍ନତି ଲାଭ କରିଛନ୍ତି, ମୂଳରୁ ସେମାନେ ସେପରି ନ ଥିଲେ । ତାଙ୍କର ମଧ୍ୟ ଦୁଷ୍ଟ ମନ ଥିଲା । ସେମାନେ ସଚେତନ ଥିବାରୁ, କୌଶଳରେ ମନକୁ ଧରି, ତା'କୁ ସତର୍କତାର ସହିତ ଧୀରେ ଧୀରେ ଶାସନ କରି, ପୋଷା ମନାଇ ଠିକ୍ ପଥରେ ଚଳାଇ ନେଇ ପାରିଲେ । ଠାକୁରଙ୍କର ଦାସ ହେଲେ, ତାଙ୍କ ଆଜ୍ଞା ଆଦେଶ ପାଳନ କଲେ, ଆଧାତ୍ମିକ ଉନ୍ନତି ଲାଭ କଲେ, ଧାରାରେ ଚଳିଲେ ଏହି ପ୍ରକ୍ରିୟାରେ ଅତି ସହଜରେ ସବୁ ଅସମ୍ଭବ  ଧିରେ ଧିରେ ସମ୍ଭବ ହୋଇଯାଏ ।

(କ୍ରମଶଃ....)

# ଜିଜ୍ଞାସା : ଜିଜ୍ଞାସୁ

*'ଜ୍ଞାତୁଂ ଇଚ୍ଛାଃ ଜିଜ୍ଞାସା' । ଜିଜ୍ଞାସାର ଅନ୍ତ ନାହିଁ, ତେଣୁ ଏହା ଅନନ୍ତର । ଜିଜ୍ଞାସୁର ଅନନ୍ତ ଜିଜ୍ଞାସା ଅସୀମ ପୁରୁଷଙ୍କର ଅପାର କରୁଣାରୁ ଯଥା ସମୟରେ ପର୍ଯ୍ୟାୟକ୍ରମରେ ସୁସମାହିତ ହୋଇଥାଏ । ପରମ ଶ୍ରଦ୍ଧେୟ ଦିବଂଗତ ଜଟାଣ ଦା'ଙ୍କର ଅକ୍ଲାନ୍ତ ନିରଳସ ପରିଶ୍ରମ ଫଳ ପରମପୁରୁଷ ଚରମପାଦ ଗୁରୁସ୍ୱାମୀଙ୍କର ଶୁଭାଶୀର୍ବାଦରୁ "ଚରମ" ମାଧମରେ ଜିଜ୍ଞାସୁ ଅନୁସନ୍ଧିତ୍ସୁ ଅଧ୍ୟାତ୍ମପ୍ରେମୀ ଅଗଣିତ ପାଠକପାଠିକାଙ୍କର ହସ୍ତଗତ ହୋଇ ସେମାନଙ୍କ ମନପ୍ରାଣ ସ୍ପର୍ଶ କରିପାରିଛି । ଏଥିପାଇଁ ଜଟାଣ ଦା'ଙ୍କ ନିକଟରେ ଆମେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଭକ୍ତ୍ୟାପ୍ଲୁତ ପ୍ରଣାମରେ ମଥାନତ କରୁଛୁ ପ୍ରଭୁପାଦଙ୍କର ପଦ୍ମପାଦ ତଳେ । ପାଠକପାଠିକାମାନେ ଏହି ସ୍ତମ୍ଭରୁ ଜୀବନଚର୍ଯ୍ୟାର ପାଥେୟ ସଂଗ୍ରହ କରି ସନ୍ଦେଶପତ୍ର ଅନ୍ତର୍ଗତ ଦଶମୋଦକର ଚରିତ୍ର ଗଠନ ପର୍ଯ୍ୟାୟକୁ ସ୍ୱଆଚରଣରେ ସିଦ୍ଧ କରିବାରେ ପ୍ରୟାସୀ ହେଲେ, ଶ୍ରମ ସାର୍ଥକ ହେବ ।*

## "ଚରମ" : ଷଷ୍ଠପୁଷ୍ପ : ତୃତୀୟ ପାଖୁଡ଼ା : ୨୮ତମ ସଂଖ୍ୟାର ଅନୁସୃତିରୁ

ପ୍ରଶ୍ନ : ପ୍ରକୃତି ତ ଗୋଟାଏ, ସେ ପଚିଶ ଭାଗରେ ବିଭକ୍ତ ହେଲା କାହିଁକି ?

ଠାକୁର : ପୁରୁଷର ଭୋଗ ଓ ଅପବର୍ଗ ନିମନ୍ତେ । ପୂର୍ବରୁ କହିଛି ଯେ ପୁରୁଷ ପ୍ରକୃତି ଏକାକାର ହୋଇ ଅଛନ୍ତି । ପୁରୁଷ ହେଉଛି ସ୍ୱାମୀ, ଶ୍ରେଷ୍ଠ ଭୋକ୍ତା, କାରଣ ନିର୍ଲିପ୍ତ ଚେତନସ୍ୱରୂପ ଏହି ଭୋକ୍ତା ପୁରୁଷକୁ ଭୋଗ ଦେବାପାଇଁ ପ୍ରକୃତି ଭୋଗର ବର୍ଗ ବା ସାମଗ୍ରୀ ପ୍ରସ୍ତୁତ କରି ପୁରୁଷକୁ ଭୋଗ କରାଇ ଥାଏ । ପୁରୁଷ ପ୍ରକୃତି ପ୍ରସ୍ତୁତ ଭୋଗର ଅପବର୍ଗ ସହିତ ତଦାକାର ହୋଇ ତହିଁରେ ଅନୁଭବ ଜ୍ଞାନ ବା ଚେତନ ଜ୍ଞାନ ଜନ୍ମାଇଥାଏ । ଏହି ଚେତନଜ୍ଞାନ ପ୍ରକୃତିର ଆହ୍ଲାଦ ଓ ଆନନ୍ଦ । ଏଣୁ ପ୍ରକୃତି ଭୋଗ ଓ ଅପବର୍ଗ ରୂପକ ସାମଗ୍ରୀ ପୁରୁଷକୁ ଯୋଗାଇବା ପାଇଁ ପଚିଶ ଭାଗରେ ବିଭକ୍ତ ହୋଇଅଛି ।

ପ୍ରଶ୍ନ : ବିଭାଗଗୁଡ଼ିକର ଗୋଟି ଗୋଟି କରି ଆଲୋଚନା କଲେ ଭଲ ହୁଅନ୍ତା ।

ଠାକୁର : ପ୍ରକୃତିର ପ୍ରଥମ ସାମଗ୍ରୀ ମହତତ୍ତ୍ୱ । କେହି ଏହାକୁ ମହଦ୍ ବ୍ରହ୍ମ, ଜୀବାତ୍ମା, ବୁଦ୍ଧି, ଚିତ୍ତ, ହିରଣ୍ୟଗର୍ଭ ବୋଲି କହିଥାନ୍ତି । ଏହି ସବୁ ଶବ୍ଦ ତତ୍ତ୍ୱରେ ସିନା ଭିନ୍ନ ଭିନ୍ନ ଭାବରେ ସ୍ୱତନ୍ତ୍ର କିନ୍ତୁ ସ୍ୱଭାବ ଓ ଧର୍ମ ଏକ । ନାନା ମୁନିଙ୍କ ନାନା ମତ ଭଳି ଏହାର ନାମ ଅନେକ ଶବ୍ଦରେ ରଚିତ ହେଲେ ମଧ୍ୟ ତତ୍ତ୍ୱ ଏକ । ମହତତ୍ତ୍ୱ ହେଉଛି ବୁଦ୍ଧିର କେନ୍ଦ୍ର । ଏହି କେନ୍ଦ୍ରରେ ଚୈତନ୍ୟ ଜ୍ଞାନର ପ୍ରତିବିମ୍ବ ସ୍ୱରୂପ ଭାବାବେଶ ହୁଏ ଅର୍ଥାତ୍ ମହତତ୍ତ୍ୱ ରୂପୀ ବୁଦ୍ଧି କେନ୍ଦ୍ରରେ ଜ୍ଞାନବିମ୍ବର ଭାବାବେଶ ହୋଇ ଭାବସମୂହର ବିଚାର ହୋଇଥାଏ । ବିଚାର ଶେଷରେ ସିଦ୍ଧ ହୋଇ ନିଶ୍ଚୟ ବୋଧରେ ପରିଣତ ହୁଏ । ଯେଉଁସବୁ ବିଷୟର ବିଚାର ହୁଏ ତାହା ଏହି କେନ୍ଦ୍ରର କାର୍ଯ୍ୟ । ବିଚାରର ଧାରା ନିୟମ ଓ ଜ୍ଞାନରେ ସିଦ୍ଧ ହୋଇ ବ୍ୟବସ୍ଥାପକ ଭାବେ ଯେଉଁ ସିଦ୍ଧାନ୍ତ ହୁଏ, ତାହା ନିଶ୍ଚୟାତ୍ମକ ଫଳ ରୂପେ ଗୃହିତ ହୋଇ କାର୍ଯ୍ୟରେ ପରିଣତ ହୋଇଥାଏ । ଏଣୁ ଏହି କେନ୍ଦ୍ରକୁ ବିଚାରାତ୍ମିକା ଓ ନିଶ୍ଚୟାତ୍ମିକା କୁହାଯାଇଥାଏ ।

ପ୍ରଶ୍ନ : ମହତତ୍ତ୍ୱ ବା ବୁଦ୍ଧି କେନ୍ଦ୍ରରେ କେବଳ ବିଚାର ହୋଇ ନିଶ୍ଚିତ ଅର୍ଥ ବାହାରେ ନା ଆଉ ସବୁ କ'ଣ କାର୍ଯ୍ୟ ହୁଏ ।

ଠାକୁର : ନାଁ ! ଆହୁରି ଅନେକ କାର୍ଯ୍ୟ ହୁଏ ।

ପ୍ରଶ୍ନ : ଆଉ କ'ଣ ସବୁ କାର୍ଯ୍ୟ ହୁଏ ଟିକେ ଶୁଣାନ୍ତୁ ।

ଠାକୁର : ବିଚାର ଓ ନିଶ୍ଚିତ ଅର୍ଥ ବ୍ୟତୀତ ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ ରୂପକ ମହାନ ଫଳ ମଧ୍ୟ ଏହି କେନ୍ଦ୍ରରେ ଗୃହିତ ହୋଇଥାଏ ।

ପ୍ରଶ୍ନ : ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟର ବ୍ୟାଖ୍ୟା କରନ୍ତୁ ।

ଠାକୁର : ଧର୍ମ କହିଲେ ଧରି ରଖିବା । ଯେପରି ଟେପ୍ ରେକର୍ଡ ଫିତା ଶବ୍ଦ ଗୁଡ଼ିକୁ ଧରି ରଖେ ଏବଂ ଦରକାର ପଡ଼ିଲେ ଶବ୍ଦ ଗୁଡ଼ିକୁ ରେକର୍ଡରୁ ପୁନରାୟ ବାହାର କରାଯାଏ । ଏହି କେନ୍ଦ୍ରରେ ଏଭଳି ଏକ ଉପାଦାନ ଅଛି ଯେ କି ବିଚାର ପୂର୍ବକ ନିଶ୍ଚିତ ଅର୍ଥ ବାବଦକୁ ଧରି ସାଇତି ରଖେ ଓ ଦରକାର ପଡ଼ିଲେ ବାହାର କରି ଦର୍ଶାଇ ଦେଇଥାଏ । ମୋଟାମୋଟି ସମସ୍ତ ବିଷୟକୁ ନିଜର ଗର୍ଭରେ ସାଇତି ରଖିବାର କ୍ଷମତା ଅଛି ବୋଲି କେହି କେହି ଏହାକୁ ବିଗତ ଗର୍ଭ ବା ହିରଣ୍ୟ ଗର୍ଭ ବୋଲି କହିଥାନ୍ତି । ଏହି କେନ୍ଦ୍ର ପ୍ରକୃତିର ଗର୍ଭ ଭାବରେ ପୁରୁଷର ଚେତନ ଜ୍ଞାନ ସ୍ୱରୂପ ଯେଉଁ ଜଗତ ବୀଜର ନିକ୍ଷେପ ହୁଏ ତାହାକୁ ଧାରଣ ପୂର୍ବକ ନାନା ରଂଗରେ ଚିତ୍ର, ବିଚିତ୍ର କରି ସାଇତି ରଖେ । ଏଣୁ ଏହି ତତ୍ତ୍ୱକୁ କେହି କେହି ଧର୍ମତତ୍ତ୍ୱ ବୋଲି କହିଥାନ୍ତି ।

ପ୍ରଶ୍ନ : ଜ୍ଞାନ କ'ଣ ?

ଠାକୁର : ଅନୁଭବରେ ଚେତନା ଉଦୟ କରିପାରୁଥିବା ତତ୍ତ୍ୱର ନାମ ଜ୍ଞାନ । ଚୈତନ୍ୟର ଚିନ୍ମୟରୂପୀ ଜଗତ ବୀଜକୁ ଧାରଣ ପୂର୍ବକ ବିଷୟ ଅନୁଭବରେ ଯେଉଁ ଚୈତନ୍ୟ ଉଦୟ ତତ୍ତ୍ୱ ରହିଛି ତାହା ଏହି କେନ୍ଦ୍ରରେ ଜ୍ଞାନ ରୂପେ ଉଦୟ ହୋଇଥାଏ । ସମସ୍ତ ବିଷୟରେ ଅନୁଭବ ଜ୍ଞାନ ଏହି ମହଦ୍ କେନ୍ଦ୍ରରୁ ସଞ୍ଚରି ଥାଏ । ଆଉ ଏହାକୁ କେହି କେହି ଜ୍ଞାନକେନ୍ଦ୍ର ବୋଲି କହିଥାନ୍ତି ।

ପ୍ରଶ୍ନ : ବୈରାଗ୍ୟ କ'ଣ ?

ଠାକୁର : ପ୍ରତ୍ୟେକ ବିଷୟରେ ବିବେକପୂର୍ଣ୍ଣ ସଂଯୋଗର ନାମ ହିଁ ବୈରାଗ୍ୟ ଅଟେ ।

ପ୍ରଶ୍ନ : ବିସ୍ତୃତ ଭାବରେ ବୁଝାଇ କହନ୍ତୁ ।

ଠାକୁର : ବୁଦ୍ଧି କେନ୍ଦ୍ରରୁ ବିବେକର ଉଦୟ ହୋଇଥାଏ । ବୁଦ୍ଧି ହେଉଛି ପ୍ରକୃତିସ୍ଥ ଚେତନ ଜ୍ଞାନର ପ୍ରତିରୂପ, ଏହି ହେତୁରୁ ସେ ଧର୍ମଜ୍ଞାନର ଅଧିକାରୀ ହୋଇ କର୍ତ୍ତୃତ୍ୱ ପଣରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିଥାଏ । ଏହି ସ୍ୱାଧୀନ ଭାବରେ କାର୍ଯ୍ୟ କରଣୀରୁ ସ୍ୱେଚ୍ଛାଚାରିତା ସୃଷ୍ଟି ହୁଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ବାଧା ସ୍ୱରୂପ ବିବେକର ଉଦୟ ହୋଇଥାଏ । ଏହି ଆଲୋଚ୍ୟ ବିବେକ, ବିଷୟଭୋଗର ସିଦ୍ଧ ଅନୁଭବଜ୍ଞାନକୁ ନିୟନ୍ତ୍ରଣ କରି, ବିଷୟ ଭୋଗରେ ବିନିଯୋଗ କରିବାର ପ୍ରେରଣା ଦେଇ ବଳବତ୍ତର ହୋଇଥାଏ ।

ପ୍ରଶ୍ନ : ବିଷୟ ଭୋଗରେ ବିବେକ ବଳବତ୍ତର କିପରି ହୁଏ ?

ଠାକୁର : ବିବେକ ହେଉଛି ଏଭଳି ଏକ ତତ୍ତ୍ୱ ଯେ କି କେବଳ ପ୍ରେରଣାଦାୟକ ଭାବେ ପ୍ରେରଣା ଦେଇ ରହିଯାଏ, ମାତ୍ର ଏହାର ବ୍ୟାପକ କ୍ଷମତା ଓ ବୃହତ୍‌ଶକ୍ତି କେବଳ ମନ୍ଥନରୁ ହିଁ ଉତ୍ପନ୍ନ ହୋଇଥାଏ । ଯଥା : ବାଲ୍‌ଟି ପାଣିରେ ପଡ଼ିଥିବା ସର୍ଫ ପାଉଡରକୁ ଘାଣ୍ଟିଲେ ଫେଣ ହୁଏ ନଚେତ ସର୍ଫ ଜମାଟ ବାନ୍ଧି ରହିଯାଏ । ସେହିପରି ମନ୍ଥନ ନ ହେଲେ ବିବେକର ବ୍ୟାପକ କ୍ଷମତା ସୀମିତ ହୋଇଯାଏ । ପ୍ରତ୍ୟେକ ବିଷୟ ସହିତ ବିବେକର ଏହି ଯଥାଯଥ ସଂଯୋଗର ନାମ ବୈରାଗ୍ୟ ଅଟେ ।

ପ୍ରଶ୍ନ : ଐଶ୍ୱର୍ଯ୍ୟ ସଂପର୍କରେ କୁହନ୍ତୁ ।

ଠାକୁର : ଧର୍ମରୁ ଧାରଣ ଶକ୍ତି, ଜ୍ଞାନରୁ ଅନୁଭବ ଶକ୍ତି, ବୈରାଗ୍ୟରୁ ବିବେକ ଦ୍ୱାରା ପରିଚର୍ଯ୍ୟାର ଶକ୍ତି ମିଳିତ ଭାବରେ ସିଦ୍ଧ ହୋଇ ଯେଉଁ ଫଳ ଫଳେ ତାହାର ନାମ ଐଶ୍ୱର୍ଯ୍ୟ । ଏହି ଐଶ୍ୱର୍ଯ୍ୟରୁ ଫଳ ଗୃହିତ ହୋଇ କର୍ମରେ ପରିଣତ ହୋଇଥାଏ ।

କ୍ରମଶଃ .....

ଓଓଓ

କଂସାରୀ ଭୁଲିଲୁ ସଂସାରୀ ହୋଇଲୁ
ସଂସ୍କାର ତୋଳିଲୁ ନାହିଁ ।
ଦୁର୍ଲଭ ଜନମ ବିଅର୍ଥ କରିଲୁ
ନିଜ ଭାବେ ବୁଡ଼ି ରହି ॥
ଆଗାମୀ କାଲିର ସପନ ଦେଖୁଛୁ
ମେତେ ସୁଖ ଚିନ୍ତା କରି ।
ବୁଝି କି ପାରୁନୁ ଆଜି ଦିନ ଆୟୁ
ଯାଉଛି କାଲିକୁ ସରି ?

*-ଶ୍ରୀଶ୍ରୀଶ୍ରୀ ଠାକୁର*

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



ଜନନୀ ଜଠର ଜରାୟୁ ହିରଣ୍ୟର ଗରଭ ।
ଅବ୍ୟକ୍ତରୁ ବ୍ୟକ୍ତ ହୋଇଣ ସୃଜି ଅଛି ସରବ ।।
ସୃଜି ଅଛି ନାଦ ଶବଦ ଧ୍ୱନି ସୂକ୍ଷ୍ମ ସ୍ଥୂଳରେ ।
ସକଳ ଭିଆଇ ଲୁଚିଛି ପୁଣି ସୃଷ୍ଟି ମୂଳରେ ।।
ସେ ରହସ୍ୟ ଅତି ନିଗମ ଗୂଢ଼ ତତ୍ତ୍ୱ ତାହାର ।
ବାହାର କରନ୍ତି ଠାକୁରେ ସାଧ ନୁହଁ କାହାର ।।
ମଧୁମୟ ସୃଷ୍ଟି ତାଙ୍କର ସ୍ରଷ୍ଟା ପୁରୁଷ ସେହି ।
ଧନ୍ୟ କରିଛନ୍ତି ଆମକୁ ସରଳରେ ତା' ଦେଇ ।।

*ଜନନୀ ଜଠର ତତ୍ତ୍ୱ ଅତୀବ ନିଗମ, ଅତ୍ୟନ୍ତ ନିଗୂଢ଼ । ଏ ତତ୍ତ୍ୱର ଆଦି ଅଛି ସତ୍ୟ, ମାତ୍ର ଏହାର ଅନ୍ତ ନାହିଁ । ଏହା ଅନନ୍ତ, ଅସୀମ, ଅସମାପ୍ତ । ଏହା ଆମ ତୁମ କଥା ନୁହେଁ । ଏହା ପରମପୁରୁଷ ଚରମପାଦ ଠାକୁରଙ୍କର ଶ୍ରୀମୁଖନିଃସୃତ ବାଣୀ । ଏ ତତ୍ତ୍ୱର ଜନକ ସ୍ୱୟଂ ଠାକୁରେ ଏବଂ ଜନନୀ..... ? ହିରଣ୍ୟଗର୍ଭା ସେ ଜନନୀ । ଅବ୍ୟକ୍ତରୁ ସେ ବ୍ୟକ୍ତ ହୋଇ ସଚରାଚର ସକଳ ସେ ହିଁ ସୃଷ୍ଟି କରିଅଛନ୍ତି । ହିରଣ୍ୟଗର୍ଭା ଜନନୀଙ୍କର ଜଠର ଓ ଜରାୟୁର ତତ୍ତ୍ୱ ମଧ୍ୟରେ ସୃଷ୍ଟି ତତ୍ତ୍ୱର ଅସମାହିତ ରହସ୍ୟ ଲୁକ୍କାୟିତ । ଏହା ସାଧାରଣ ନୁହେଁ, ଅସାଧାରଣ ହେଲେ ମଧ୍ୟ ଏହାର ଅନ୍ତରାଳରେ ଛପି ରହିଥିବା ରହସ୍ୟର ଉଦ୍‌ଘାଟନ ସ୍ୱୟଂ ସ୍ରଷ୍ଟା ପୁରୁଷ ହିଁ କରନ୍ତି, ଜଗତର କଲ୍ୟାଣ ଏବଂ ଜୀବର ମଙ୍ଗଳ ନିମିତ୍ତ । 'ଚରମ'ର ଜନ୍ମକାଳଠାରୁ ଏଯାବତ୍ ପ୍ରତିଟି ପୁଷ୍ପର ପ୍ରତିଟି ପାଖୁଡ଼ାରେ ଏହି ଗହନ ତତ୍ତ୍ୱ ନିୟମିତ ଭାବରେ ଧାରାବାହିକ ରୂପରେ ପ୍ରକାଶ ହୋଇ ଆସୁଛି । ସଂପାଦନା ପ୍ରଭୁଙ୍କ ପାଦପଦ୍ମରେ ତେଣୁ ଚିରକୃତଜ୍ଞ ।*

''ଚରମ'' : ଷଷ୍ଠପୁଷ୍ପ : ତୃତୀୟ ପାଖୁଡ଼ା : ଅଷ୍ଟବିଂଶତିତମ ସଂଖ୍ୟା ଅନୁସୃତିରୁ :

## ଜନନୀ, ଜଠର, ଜରାୟୁ

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ

### (୩) ମୈତୀମାୟା ସ୍ନାୟୁ

ଏହି ସ୍ନାୟୁ ତ୍ରିବିଧାତ୍ମକ ଭାବ ତୋଳେ । ଜୀବର ଅଭ୍ୟାସ କର୍ମାନୁସାରେ, ଭାବର ପରିବର୍ତ୍ତନଶୀଳ ଗତିର ତାଳେ ତାଳେ ନିଜର ପ୍ରାଧାନ୍ୟ ବିସ୍ତାରିତ କରି ଚାଲିଥାଏ । ଜାଗ୍ରତର ପ୍ରଥମାବସ୍ଥାରେ ଜୀବର ମନରେ ଅନ୍ୟକୁ ଶ୍ରଦ୍ଧା, ସ୍ନେହ କରିବାର ଭାବର ଦୃଢ଼ତା ସୃଷ୍ଟି କରେ । ସମଭାବାପନ୍ନ ହୋଇ ସମସ୍ତଙ୍କୁ ସମାନ ଭାବରେ ବିଚାରକୁ ନେଇ ସଂପର୍କ ରକ୍ଷା କରିବାକୁ ସଂକଳ୍ପ କରାଏ । ସମୟେ ସମୟେ ନିଜର ଓ ଅନ୍ୟ ବ୍ୟକ୍ତିର/ସମାଜର ସ୍ୱାର୍ଥରକ୍ଷା ପାଇଁ ଯତ୍ନବାନ ହୁଏ । କିଛିଦିନ ପରେ ଯଦି କୌଣସି କାରଣରୁ ଅଧିକ ଅର୍ଥ ଉପାର୍ଜନ ହୋଇ କିଛି ଅର୍ଥ ଗଚ୍ଛିତ ହୋଇଯାଏ, ତେବେ ତା'ର ଭାବର ପରିବର୍ତ୍ତନ ଆସେ । ଶରୀରରେ ତମଗୁଣର ଉଦ୍ରେକ ହୁଏ ।

ତାହାର ପ୍ରଭାବରେ ଏକ **ନିର୍ଦ୍ଦିଷ୍ଟ** ପରିମାଣର ଅର୍ଥ/ଧନ ଆୟତ୍ତ କରି ଗଚ୍ଛିତ କରିବାର ସଂକଳ୍ପ ମନରେ ଦୃଢ଼ ହୋଇଯାଏ । ତଥାପି ମନରେ ଗତାନୁଗତିକ ସରଳ ବିଶ୍ୱାସ ରହିଥାଏ । କିନ୍ତୁ ତମଗୁଣର ପ୍ରଭାବ ବୃଦ୍ଧି ହେବାକୁ ଲାଗିଲେ ଶୈତାନୀ ସ୍ନାୟୁ ମଧ୍ୟରେ ସୂକ୍ଷ୍ମରେ ଜଡ଼ି ହୋଇ ରହିଥିବା ''ଶୁରିକା କୋଷ'', ''ମୈଭିହ୍ୟ କୋଷ'', ''ଥୁଙ୍ଗାୟୀ କୋଷ'', ''ଗୌଧ୍ୱାନି କୋଷ'' ଓ ''ହୁଣ୍ୟବାୟା କୋଷ'' ମାନେ ଜାଗ୍ରତ ହୋଇ ସକ୍ରିୟ ହୋଇଯାଆନ୍ତି । ପରିଣାମରେ ଜୀବ ମଧ୍ୟରେ ସ୍ୱାର୍ଥ ଲୋଭର ମାତ୍ରା ବୃଦ୍ଧି ପାଏ ଓ ସଦ୍‌ଗୁଣ ହ୍ରାସ ପାଇଯାଏ । ସେତେବେଳେ ସ୍ନାୟୁର ସମସ୍ତ ଶୈତାନୀ ଗୁଣ ପ୍ରକାଶ ପାଏ । ଫଳରେ ଜୀବର ମନରେ ସ୍ଥୂଳ ଲକ୍ଷ୍ୟ ସ୍ୱାର୍ଥ ହାସଲ କରିବାର ସଂକଳ୍ପ ଦୃଢ଼ ହୋଇଯାଏ । ଏହି ଲକ୍ଷ୍ୟ ପୂର୍ଣ୍ଣ କରିବା ପାଇଁ ସେ ଅସତ୍, ଛଳନାପୂର୍ଣ୍ଣ କଥା କହି ଅନ୍ୟର ଧନ ଲୁଣ୍ଠନ କରେ । ଜମିଜମା ହସ୍ତାନ୍ତର କରି, କରାଇବା ପାଇଁ ନାନାଦି ଚକ୍ରାନ୍ତ କରିଥାଏ । ନିଜର କୌଶଳ ପ୍ରୟୋଗ କରି ମାୟା ଆଲୋଡ଼ନ ଦ୍ୱାରା ଅନ୍ୟକୁ ପଥର ଭିକାରୀ କରିଦିଏ । ନିଜକୁ ସଦ୍‌ଗୁଣର ଅଧିକାରୀ ଭାବରେ ପରିଚୟ ଦେବାପାଇଁ ସମୟେ ସମୟେ କିଛି ଅର୍ଥ ଦାନ କରିଥାଏ । କିନ୍ତୁ ଯେତିକି ଦାନ କରେ ତା'ର ଅନେକ ଗୁଣ ଉପାର୍ଜନ କରିବାର କୌଶଳ ଚିନ୍ତା କରୁଥାଏ । ବାରମ୍ବାର ଏହି କ୍ରମ ଅଭ୍ୟାସ ଦ୍ୱାରା, ତା'ର ସମସ୍ତ ସୁଗୁଣ ଲୋପ ପାଇଯାଏ ଏବଂ ଛଳନାର ମୁଖା ଅପସରି ଯାଇ ଅସଲ ଚରିତ୍ର ଜଣା ପଡ଼ିଯାଏ । ସେତେବେଳେ କେବଳ ଯେ ସେ ନିନ୍ଦିତ ହୁଏ ତା ନୁହେଁ, ତା'ର ସମସ୍ତ ଅର୍ଥ, ଐଶ୍ୱର୍ଯ୍ୟ ନାଶ ହୋଇ ଅନ୍ୟକୁ ସଜାଇ ଥିବା ଭିକାରୀର ଦୁର୍ଦ୍ଦଶା ପ୍ରାପ୍ତ ହୁଏ ।

ଯଦି ଧନଦାନ କରୁଥିବା ବ୍ୟକ୍ତିର ସୂକ୍ଷ୍ମ ''ଥୁଙ୍ଗାୟୀ କୋଷ'' ସକ୍ରିୟ ଥାଏ, ତେବେ ସେ ବ୍ୟକ୍ତି ଯେତେ ଧନ ବିତରଣ କଲେ ମଧ୍ୟ ଦରିଦ୍ର ହେବ ନାହିଁ । କିନ୍ତୁ ଯଦି ପ୍ରାରବ୍ଧ କର୍ମରୁ କିମ୍ବା ଉପସ୍ଥିତ ଜନ୍ମର କୁଚିନ୍ତା, କୁଭାବ, କୁକର୍ମ ପ୍ରଭାବରୁ ଏହି ''ଥୁଙ୍ଗାୟୀ କୋଷ'' ନିଷ୍କ୍ରିୟ ହୋଇଯାଏ, ତେବେ ଦାରିଦ୍ର୍ୟ ଭୋଗ କରିବାକୁ ବାଧ୍ୟ ହେବ । ବାରମ୍ବାର ଅନ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ସ୍ୱାର୍ଥ ଚିନ୍ତା କରିବା, ଛଳନାତ୍ମକ ଭାବରେ ମାୟା ଆଲୋଡ଼ନ କରି ଅନ୍ୟର ଅର୍ଥ ଲୁଣ୍ଠନ କରିବା, ଅନ୍ୟର ଜମିଜମା ସମ୍ବନ୍ଧୀତ ବିବାଦରେ ନିଜକୁ ସାମିଲ କରି ସେମାନଙ୍କୁ ଲୁଣ୍ଠନ କରିବା, ଅନ୍ୟ ଜମିଜମାକୁ କୌଶଳପୂର୍ଣ୍ଣ ଭାବରେ ନିଜର ଦଖଲକୁ ଆଣି ଅର୍ଥ ଉପାର୍ଜନ କରିବା ଆଦି ଅସତ୍‌ପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ରହିଲେ, ଏହି ''ଥୁଙ୍ଗାୟୀ କୋଷ'' ଧୀରେ ଧୀରେ ନିଷ୍କ୍ରିୟ ହୋଇଯିବ ଏବଂ ବ୍ୟକ୍ତି ଦରିଦ୍ର ହୋଇଯିବ ।

ଏ ସମସ୍ତ ବିପର୍ଯ୍ୟୟରୁ ରକ୍ଷା ପାଇବାର ଉପାୟ ଅଛି । ବ୍ୟକ୍ତିକୁ ଶ୍ରଦ୍ଧାର ସହ ଅନ୍ୟକୁ ଭଲ ପାଇବାର ଅଭ୍ୟାସ କରିବାକୁ ହେବ । ଯେତେ କୁଚିନ୍ତା ଆସିଲେ ମଧ୍ୟ ତାହାକୁ ଭିତରେ ଚାପି ରଖି ବାହ୍ୟ ଆଚରଣରେ ସରଳ, ନମନୀୟ, ସତ, ଭଦ୍ରଭାବ ଦେଖାଇବାର ଅଭ୍ୟାସରେ ନିଜକୁ ସର୍ବଦା ଜଡ଼ାଇ ରଖିବାକୁ ହେବ । ଏ ସମସ୍ତ ଆଚରଣ ସାଙ୍ଗକୁ ବୁଦ୍ଧି, ବିବେକ ଜ୍ଞାନର ସଫଳ ପ୍ରୟୋଗ କରିବାକୁ ପଡ଼ିବ । ଉକ୍ତ ଅଭ୍ୟାସ ପ୍ରଥମ ଅବସ୍ଥାରେ କଷ୍ଟ ଜଣାପଡ଼ିଲେ ମଧ୍ୟ ଶେଷରେ ନିଶ୍ଚିତ ଭାବରେ ସରଳ ବୋଧ ହେବ ଏବଂ ଏହି ବାହ୍ୟ ଆଚରଣ ଭାବ ସ୍ୱତଃ ଅନ୍ତଃକରଣକୁ ପ୍ରବେଶ କରି ଶୋଧନ କରାଇବ ଓ ସିଦ୍ଧାନ୍ତ ସତ୍ୟରେ ପହଞ୍ଚିବ, ଯଦି ବ୍ୟକ୍ତି ସଦ୍‌ଗୁରୁ ଶରଣାପନ୍ନ ହୋଇ ଶ୍ରୀଗୁରୁ ପ୍ରଦତ୍ତ କର୍ମଧାରା ଶ୍ରଦ୍ଧା, ନିଷ୍ଠା, ଏକାଗ୍ରତା, ବିଶ୍ୱାସ ଓ ପ୍ରେମର ସହ କରୁଥାଏ, ତେବେ ତା' ପକ୍ଷେ ଉପର ଆଲୋଚିତ ଅଭ୍ୟାସ କର୍ମ ଆଦୌ କଷ୍ଟକର ହେବ ନାହିଁ । ଖୁବ୍ ଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚି ଏକ ଶୁଦ୍ଧ, ପବିତ୍ର ଜୀବନର ଅଧିକାରୀ ହୋଇ ଜନ୍ମ ସାର୍ଥକ କରିବ ।

**କ୍ରମଶଃ....**

# କେଶବ କୈବଲ୍ୟ କଣିକା

**ଦୁଃଖ**, କଷ୍ଟର ଦ୍ୱାହି ଦେଇ ଗୁରୁ ତ୍ୟାଗ କରିବା ଶିଷ୍ୟର ଲକ୍ଷଣ ନୁହେଁ । ଦୁଃଖ, କଷ୍ଟ ତୁମ ପରିବାର ବା ନିଜର ସମସ୍ୟା, ଯେଉଁଗୁଡ଼ିକ ସଂପୂର୍ଣ୍ଣ ଅଳୀକ ଏବଂ କ୍ଷଣସ୍ଥାୟୀ ଅଟେ । କିନ୍ତୁ ଗୁରୁଙ୍କ ସହ ତୁମର ସମ୍ପର୍କ ଦେହବାଦ, ପାର୍ଥିବବାଦର ଅନେକ ଉର୍ଦ୍ଧ୍ୱରେ । ତା ସହିତ ପାରିବାରିକ ସମସ୍ୟାର କୌଣସି ସମ୍ପର୍କ ନାହିଁ । ସେହି ଦ୍ୱାହିରେ ଧର୍ମଧାରା ତ୍ୟାଗ କରି ଦେଲେ ସବୁଦିନ ପାଇଁ ଏହି ଜନ୍ମ, ମୃତ୍ୟୁ ଚକ୍ରରେ ରହିଯିବ । ମାତ୍ର ସମସ୍ତ ପ୍ରତିରୋଧ ସତ୍ତ୍ୱେ ଧାରା ପାଳନ କରି ଚାଲିଲେ ଲକ୍ଷ୍ୟ ସ୍ଥଳରେ ନିଶ୍ଚୟ ପହଞ୍ଚିବ ।

❋

**ଅନେକ** ସମୟରେ ଦ୍ୱନ୍ଦ୍ୱ ଉପସ୍ଥିତ ହୁଏ ଯେ, ଧର୍ମଧାରା ଗ୍ରହଣ କରିବା ପରେ ଦୁଃଖ, ଯନ୍ତ୍ରଣା, ଦାରିଦ୍ର୍ୟତା ବୃଦ୍ଧିପାଏ । ସେତେବେଳେ ଧର୍ମଧାରା ନେଇ ନ ଥିବା ବ୍ୟକ୍ତିର ଅବସ୍ଥା ସହ ନିଜକୁ ତୁଳନା କରି ବିକାରଗ୍ରସ୍ତ ହୋଇଯାଏ । ଏପରି ଭାବ ଆଦୌ ଠିକ୍ ନୁହେଁ । ତୁମର ଯେଉଁ ଅବସ୍ଥା ହୋଇଛି, ଧର୍ମଧାରା ଗ୍ରହଣ କରି ନ ଥିଲେ ମଧ୍ୟ ହୋଇଥାନ୍ତା । କେବଳ ଧର୍ମଧାରା ନେଇଯାଇଛ ବୋଲି ତାକୁ ସଂଯୋଗ କରି ଦେଉଛ । ବରଂ ଧର୍ମଧାରା ନେଇଥିବାରୁ ଦୁଃଖ ଭୋଗ ପର୍ଯ୍ୟାୟ ଅପେକ୍ଷାକୃତ କମ୍ ହେଉଅଛି ।

❋

**ସାଧକ** ଶିଷ୍ୟର ଧ୍ୟାନ, ପ୍ରାର୍ଥନା ତଥା କର୍ମଯୋଗ ଠିକ୍ ହେଉଛି କି ନାହିଁ, ତାହା ସେ ଜାଣିପାରେ ନାହିଁ । କିନ୍ତୁ ଗୁରୁ ସୂକ୍ଷ୍ମ ଦୃଷ୍ଟିରେ ତୀକ୍ଷ୍ଣ ନଜର ରଖିଥାଆନ୍ତି ଏବଂ ଯଥା ସମୟରେ ତ୍ରୁଟି ସଂଶୋଧନ କରାଇ ପରମାର୍ଥ ପଥରେ ଆଗେଇ ନିଅନ୍ତି । ତେବେ ଭୁଲ୍, ଠିକ୍ ଭାବ ମନକୁ ନ ଆଣି ଗୁରୁ ଆଜ୍ଞା ପାଳନ କରିଯିବା ହିଁ ପ୍ରକୃତ ସାଧନା ।

❋

**ସୃଷ୍ଟିରେ** ସ୍ରଷ୍ଟାଙ୍କ ଆଶୀର୍ବାଦ ସମଭାବରେ ଆସୁଅଛି । କିନ୍ତୁ ଆଧାରର ଯୋଗ୍ୟତା ଉପରେ ତାହାକୁ ଗ୍ରହଣ ଓ ଉପଲବ୍ଧି କରିବା ନିର୍ଭର କରୁଛି ।

❋

**ଗୁରୁଦେବ** ବା ଇଷ୍ଟଦେବଙ୍କର ଶରୀର ବା ପାଦର ଚିତ୍ର ହଠାତ୍ ଧ୍ୟାନଚକ୍ଷୁକୁ ଆସେ ନାହିଁ । ଏଥିପାଇଁ ଏକାଗ୍ରତାର ଏକ ନିର୍ଦ୍ଦିଷ୍ଟ ସ୍ତର ଅଛି । ସେହି ଅବସ୍ଥାରେ ପହଞ୍ଚିବା ପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ । କିନ୍ତୁ ହତୋତ୍ସାହ ହେବାର କୌଣସି କାରଣ ନାହିଁ ।

❋

**ଅନେକ** ସମୟରେ ପ୍ରଶ୍ନ ଆସେ, ବ୍ୟକ୍ତି ଅନେକ କଥା ଚିନ୍ତା କରି ଆସିଥିଲେ ମଧ୍ୟ ଗୁରୁ ବା ଇଷ୍ଟଙ୍କ ସମ୍ମୁଖରେ ପହଞ୍ଚିଗଲେ ତା'ର କିଛି ମନେ ପଡ଼େ ନାହିଁ । ତା'ର କାରଣ ହେଉଛି, ଗୁରୁ ବା ଇଷ୍ଟ ହେଉଛନ୍ତି ପୂର୍ଣ୍ଣ ସତ୍ତ୍ୱ ଗୁଣର ପ୍ରତୀକ । ତେଣୁ ବ୍ୟକ୍ତିର ସ୍ଥୂଳ ଉପସ୍ଥିତିରେ ତା'ର ଶରୀରସ୍ଥ ସତ୍ତ୍ୱ ଆଧାର ସୂକ୍ଷ୍ମରେ ଗୁରୁ/ଇଷ୍ଟଙ୍କ

ଅଙ୍ଗରେ ସଂଯୋଗ ହୋଇଯାଏ । ଫଳରେ ସତ୍ତ୍ୱ ସହିତ ସତ୍ତ୍ୱ ମିଶି ଅନ୍ୟ ସମସ୍ତ ଭାବ୍, ଗୁଣକୁ ଗୌଣ, ନିଷ୍କ୍ରିୟ କରିଦିଏ । ଯା ଫଳରେ ବ୍ୟକ୍ତି ଯେତେ ଦୁଃଖରେ ଆସିଥିଲେ ମଧ୍ୟ ପରମ ଆନନ୍ଦ ଅନୁଭବ କରେ ।

❋

ବ୍ୟକ୍ତି ଭାବେ, ସେ ଯାହା କଲେ ମଧ୍ୟ ତା'ର ଭାବ ଈଶ୍ୱର ଗ୍ରହଣ କରିବେ । ଏହା ଠିକ୍ । କିନ୍ତୁ ସେହି ସମୟରେ ବ୍ୟକ୍ତି ସ୍ମରଣ ରଖିବା ଉଚିତ ଯେ, ପ୍ରତ୍ୟେକ ଭାବର ଫଳ ସେହିପରି ପୃଥକ୍ ପୃଥକ୍ ଭାବରେ ଭୋଗ କରିବାକୁ ହେବ । ସମସ୍ତ ଭାବକୁ ସେ ଗ୍ରହଣ କରିବା ଯେପରି ସତ୍ୟ, ସେହି ଭାବାନ୍ତର୍ଗତ କର୍ମଫଳ ମଧ୍ୟ ଦାନ କରିବା ସେହିପରି ସତ୍ୟ ।


❋

ଭାବ, ଭକ୍ତି, ପ୍ରେମ, ବିଶ୍ୱାସ ପାଇଁ କୌଣସି ଅନୁଷ୍ଠାନର ଆବଶ୍ୟକ ନାହିଁ । ଏହା ସତ୍ୟ । କିନ୍ତୁ ଏହି ଅବସ୍ଥା ପ୍ରାପ୍ତ ହେବା ପାଇଁ ଶରୀର ଓ ମନକୁ ଶୃଙ୍ଖଳିତ କରି ଶୁଦ୍ଧତା ଆଣିବା ପାଇଁ ଗୁରୁବାଦ ଅନ୍ତର୍ଗତ ସଂଘୀୟ ବ୍ୟବସ୍ଥା ପ୍ରୟୋଜନ । କାରଣ ବ୍ୟକ୍ତିକୁ ମାର୍ଜିତ କରାଇ ତାକୁ ଊର୍ଦ୍ଧ୍ୱମୁଖୀ କରାଇବାର ଲକ୍ଷ୍ୟରେ ଧର୍ମକ୍ଷେତ୍ର, ଗୁରୁକ୍ଷେତ୍ର, ସଂଘର ସୃଷ୍ଟି ହୋଇଥାଏ ।

❋❋❋

ଅଭାବେ ମନକୁ ନ କର ଊଣା ।
ବୃଥା ଚିନ୍ତାରେ ତୁ ନ ହୁଅ ବଣା ॥
ଭାବ ତୋ ଭିତରେ ଲୁଚି ରହିଛି ।
ଭକତି ପଥକୁ ଜଗି ଚାହିଁଛି ॥
ପଦ୍ମପାଦଠାରେ ଭରସା କଲେ ।
ଆପେ ସେ ଉଦୟ ହୋଇବ ଭଲେ ॥

- ଶ୍ରୀଶ୍ରୀଶ୍ରୀ ଠାକୁର



# କଲ୍ୟାଣ ଦେଲି ମୋତେ

ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ତାଙ୍କରି ସୂକ୍ଷ୍ମ କଲ୍ୟାଣର ସ୍ଥୂଳ ପ୍ରତିପ୍ରକାଶ ହେଉଛି ନିତ୍ୟ ଆଲୋଚ୍ୟ ସୃଷ୍ଟି ଏବଂ ତଦନ୍ତର୍ଗତ ସମସ୍ତ ବିଭବ ଓ ସମ୍ଭାର । ଜଳ, ସ୍ଥଳ, ଅନଳ, ଆକାଶ, ବାୟୁଠାରୁ ଆରମ୍ଭ କରି ଅମୃତ ଏବଂ ବିଷ ପର୍ଯ୍ୟନ୍ତ ପ୍ରତ୍ୟେକ ତାଙ୍କରି କଲ୍ୟାଣ କୈବଲ୍ୟ । ଏ ସମସ୍ତ ପ୍ରାକୃତିକ ବିଭବ ସୃଷ୍ଟି କରିବା ପାଇଁ ତାଙ୍କୁ କହି ନଥିଲେ । ମାତ୍ର ଲୀଳା ସଂରଚନ ଲକ୍ଷ୍ୟରେ ଜୀବ, ଜଗତ ସୃଷ୍ଟି କରାଇ ସେମାନଙ୍କୁ ସମସ୍ତ ଉପଭୋଗ ମଧ୍ୟରେ ଆନନ୍ଦରେ, ସୁଖରେ ବଞ୍ଚାଇ ରଖିବା ପାଇଁ ସେ ଏଗୁଡିକୁ ସୃଷ୍ଟି କରିଥିଲେ । ମାତ୍ର ସମୟର ଅବକ୍ଷୟ ଅବସ୍ଥାରୁ ଜୀବ ତାଙ୍କର ଏହି କଲ୍ୟାଣକୁ ବୋଧ ମଧ୍ୟରେ ରଖି ପାରିନାହିଁ । ତେଣୁ ସ୍ୱୟଂ ନର ରୂପରେ ଅବତୀର୍ଣ୍ଣ ହୋଇ ସେହି କଲ୍ୟାଣଧାରାକୁ ସ୍ମରଣ କରାଇ ଚାଲିଛନ୍ତି ଏହି ସୂତ୍ର ମାଧ୍ୟମରେ ।।

ସବୁତ କରିଛ ଛୁଟାଇ ଦେଉଛ
କଲ୍ୟାଣ କରି ମୋତେ ।
ତଥାପି କାହିଁକି ଅବୁଝା ହେଉଛି
ବୁଝି ପାରୁ ନାହିଁ ସତେ ।।
ଧାରାର ଅଭାବେ ଯଦି ଓ ପ୍ରମାଦ
କୃପାକର ତେବେ ସାଇଁ ।
ତୁମରି ମଙ୍ଗଳ ଇଚ୍ଛାରେ ଚାଲିଚୁଁ
ଧାରାରେ ଯାଏ ମୁଁ ବହି ।।

ଚରମ ରେ ଧନ ମୋର !

ତୁହି ପରା ଅଟୁ ମୋର ଶଙ୍ଖାଳି ।
କେଉଁ କଥା ମନେ ହେଉଛୁ ଭାଳି ?
ଅଲୌକିକ ଭାବେ ଫଳ ଚାହୁଁଛୁ ।
ଲୌକିକ ଆଚାରେ ବାନ୍ଧି ହେଉଛୁ ॥
ଦିନକର ଦିନେ କିରଣ ଢାଳେ ।
ରାତ୍ରିରେ ଚନ୍ଦ୍ରମା ଆଲୋକ ଜାଳେ ॥
କେଉଁ ବ୍ୟକ୍ତି ତାଙ୍କୁ ଜଳାଉ ଅଛି ?
ଭାବିଛୁ କି କେବେ ମନରୁ ଇଚ୍ଛି ?
ତାଙ୍କ ଆଲୋକ କି ବିଷମ ହୁଏ ?
ଭଲ, ମନ୍ଦ ଭାବ ବସ୍ତୁରେ ଥାଏ ।
ତୁହେଁ କି ଧନ ଏ ଅଲୌକିକତା ?
ପ୍ରକୃତି ରୂପରେ ଚରମ ପିତା ।
କେବଳ ତୋହର ଚଳିବା ପାଇଁ ।
ବାୟୁ, ଅଗ୍ନି, ଜଳ ଆଣିଲେ ବାହି ॥
ଖାଇବା, ପିଇବା, ଚଳିବା ଦ୍ରବ୍ୟ ।
ଆଉ ଯେତେ ଭୋଗ ହେବାକୁ ଯୋଗ୍ୟ ॥
ଆଣି କି ଥିଲୁ ତୁ ତୋର ସଙ୍ଗରେ ?
ନେବୁ କି ଯେବେ ତୁ ଯିବୁ ସାଥିରେ ?
କିଏ ରଖିଥିଲା ଏଠି ସାଇତି ?
ଭାବିବୁ ନିରୋଳା କରିଣ ମତି ॥
ଯାହା ତୋର ତୁହେଁ ତା ପାଇଁ ଚିନ୍ତ ।
ଭାବର ସାଗରେ ଅଭାବ ହେତୁ ॥
ବୃଥା ଚିନ୍ତା ତେଜି କର୍ମ କରିଯା ।
କର୍ମ ଶେଷେ ପଦ୍ମପାଦ ଲଭିଯା ॥

ତୋର ନିରାକାଂକ୍ଷୀ ପିତା.......

# ନୀଳଚକ୍ର
## ଚରମର ସଂକେତ

### ଧାରାଗ୍ରହଣ ପରେ

'ଚରମ' : ଷଷ୍ଠପୁଷ୍ପ : ତୃତୀୟ ପାଖୁଡ଼ା : ଅଷ୍ଟବିଂଶତିତମ ସଂଖ୍ୟାର ଅନୁସୃତିରୁ ......

ଗତ ସଂଖ୍ୟାରେ ତୁମମାନଙ୍କ ଅଭ୍ୟାସ କର୍ମଧାରା କରିବାର ପ୍ରାଥମିକ ବିଧିମାନ ସଂକ୍ଷେପରେ ବତାଇ ଦିଆଯାଇଛି । ପ୍ରତିଦିନ ଏହି କର୍ମଧାରା ବିଧିବଦ୍ଧ ଭାବରେ ଅଭ୍ୟାସ କରୁଁ କରୁଁ କିଛି ସମସ୍ୟା, ସନ୍ଦେହ ବା ଅସୁବିଧା ଉପୁଜିଲେ, ଆଶ୍ରମକୁ ଆସି ଆଚାର୍ଯ୍ୟ, ପୂଜାଚାର୍ଯ୍ୟ, ସନାତନ ଆଧାତ୍ମିକ ବିଦ୍ୟା ନିକେତନର ଅଧକ୍ଷଙ୍କ ସହିତ ପରାମର୍ଶ କରି ତୁମେ ସେ ସବୁର ସମାଧାନ ସହଜରେ ପାଇପାରିବ । ଏହାଛଡ଼ା ସୁବିଧା ସୁଯୋଗ ଦେଖି ଠାକୁରଙ୍କୁ ମଧ ପଚାରି ବୁଝି ଯାଇପାରିବ । ମୂଳ କଥା ହେଉଛି, ଲକ୍ଷ୍ୟ ସ୍ଥିର ରଖି ମନପ୍ରାଣ ଦେଇ ଶ୍ରଦ୍ଧା ଓ ବିଶ୍ୱାସର ସହିତ ନିଜର ମଙ୍ଗଳ ପାଇଁ ଅଭ୍ୟାସ କର୍ମଧାରାରେ ଲାଗି ପଡ଼ିବା ।

ଧରାଧାମରେ ମଣିଷ ଦେହ ଧରି ଜନ୍ମ ହେଲେ, କର୍ମଫଳ ଭୋଗ କରିବାକୁ ହୁଏ । କର୍ମଫଳ ଅନୁସାରେ ଜୀବ ପାଇଁ ପରଂବ୍ରହ୍ମ ସବୁ ଖଞ୍ଜି ଦେଇଛନ୍ତି । ସେଥିପାଇଁ ବ୍ୟଗ୍ର ବା ବିଚଳିତ ହେବା ଦରକାର ନାହିଁ । ତୁମର ଏକମାତ୍ର କର୍ମ ଧାରା ଅଭ୍ୟାସ କରିବା । ଏଠାରେ ଠାକୁରଙ୍କର ବାଣୀଟିଏ ଉଲ୍ଲେଖ କରାଯାଉଛି ।

''କରମ ଫଳକୁ ଭୟ ନ କର ।
ଧାରାଧରି ଧରା ଧରମ କର ।।
ଅନ୍ତର ମନରେ ଲଗାଅ ଭାବ ।
ତେବେ ମିଳିଯିବ ତାହାରି ଠାବ ।।''

ଅର୍ଥାତ୍, କର୍ମଫଳକୁ ଭୟ କରିବାର କୌଣସି କାରଣ ନାହିଁ । ସେହି କର୍ମଫଳ ବିପାକରୁ ରକ୍ଷା ପାଇବା ପାଇଁ ଧାରା ଦିଆଯାଇଛି । ଧାରାଧରି ସଂସାରର ଯାବତୀୟ କର୍ମ କରିବା ସହିତ ଅଭ୍ୟାସ କର୍ମଧାରା ପ୍ରତିଦିନ ବିଧିବଦ୍ଧ କରିବା ଉଚିତ । ମନର ଅନ୍ତରତମ ପ୍ରଦେଶରେ ଭାବ ଲଗାଇ ସଂସାର ପଥରେ ଚଳିଲେ, ତାଙ୍କୁ ଠାବ କରିବାରେ କୌଣସି ଅସୁବିଧା ନାହିଁ । ଠାକୁରଙ୍କର ଏହି ବାଣୀରେ ନିଷ୍ଠା, ବିଶ୍ୱାସ, ଭାବ, ଭକ୍ତିର ସହିତ ଧାରା ଅଭ୍ୟାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ସେହିପରି ଅନ୍ୟ ଗୋଟିଏ ବାଣୀରେ ଠାକୁରେ କହନ୍ତି :

''କର୍ମଯୋଗ ଧର୍ମଧାରା ମାନିଲେ ।
ଗୁରୁ ଆଜ୍ଞା ମାନି ପଥେ ଚଳିଲେ ।

ଗୁରୁକୃପା ମିଳେ ଜାଣରେ ଧନ ।
ସନ୍ତୁଷ୍ଟ କରୁ ତୁ ଶ୍ରୀଗୁରୁ ମନ ।।''

ଶ୍ରୀଗୁରୁସ୍ୱାମୀଙ୍କୁ ସନ୍ତୁଷ୍ଟ କରି ତାଙ୍କରି କୃପା ପାଇବା ପାଇଁ ଗୁରୁଙ୍କର ଆଜ୍ଞାନୁସାରେ ସଂସାର ପଥରେ ଚାଲିବାକୁ ହେବ ଓ କର୍ମଯୋଗ ଏବଂ ଧର୍ମଧାରା ମାନି ଅଭ୍ୟାସ କରିବାକୁ ହେବ । ଶ୍ରୀଗୁରୁସ୍ୱାମୀ ସନ୍ତୁଷ୍ଟ ହେଲେ, ଜୀବର କ'ଣ ଲାଭ ହେବ, ତାହା ମଧ ଠାକୁରଙ୍କର ଅନ୍ୟ ଏକ ବାଣୀରେ ପ୍ରକାଶ ପାଇଛି -

''ଶ୍ରୀଗୁରୁ ସନ୍ତୁଷ୍ଟ ହୋଇବେ ଯେବେ ।
ହାତ ଧରି ବାଟ କଢ଼ାଇ ନେବେ ।।''

ଶ୍ରୀଗୁରୁସ୍ୱାମୀଙ୍କୁ ସନ୍ତୁଷ୍ଟ କରି ପାରିଲେ, ସେ ସର୍ବଦା ପାଖେ ପାଖେ ରହି ହାତ ଧରି ଆମର କଲ୍ୟାଣକର ପଥରେ ଆମକୁ ନିଶ୍ଚୟ ଚଳାଇନେବେ । ଏହା ଫଳରେ ଏ ସଂସାର ରୂପକ ଗହନ ବନରେ ବାଟବଣା ହେବାର ଆଶଙ୍କା ଆଉ ରହିବ ନାହିଁ । ଲକ୍ଷ୍ୟଚ୍ୟୁତ, ପଥଭ୍ରଷ୍ଟ, ଯୋଗଭ୍ରଷ୍ଟ ନ ହୋଇ ଆମେ 'ଆମର ଲକ୍ଷ୍ୟ : ଚରମପ୍ରାପ୍ତି' ପଥରେ ନିର୍ବିଘ୍ନରେ ଆଗେଇ ଯାଇ ପାରିବା । ତେଣୁ ଠାକୁରେ ସ୍ପଷ୍ଟ କହିଛନ୍ତି :

''କରମ ଧାରାରେ ଧରାରେ ଚଳି ।
ଅନ୍ତିମେ ଚରମେ ଯିବୁରେ ମିଳି ।।''

ଏହି ପୃଥିବୀରେ ମଣିଷ ଦେହଧରି ସଂସାର ପଥରେ କର୍ମଧାରା ଅଭ୍ୟାସଯୋଗ ସହିତ ଆଗେଇଲେ ହିଁ ଶେଷକୁ ଚରମପ୍ରାପ୍ତି ଅବଶ୍ୟ ସୁନିଶ୍ଚିତ । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ମାତ୍ର ସଂସାର ପଥ ବଡ଼ କୁଟିଳ । ଏ ପଥରେ ପଦେ ପଦେ ଆପଦ ବିପଦ ପୂରି ରହିଛି । ଏ ପ୍ରକାର ସାଂସାରିକ ଆପଦ ବିପଦରୁ, କର୍ମବିପାକରୁ ରକ୍ଷା ପାଇବା ପାଇଁ ସିଦ୍ଧକବଚ ହେଉଛି ଧର୍ମଧାରା । ଧର୍ମଧାରା ଛାଡ଼ି ଦେଲେ ରକ୍ଷା କରିବ କିଏ ? ତେଣୁ, ଠାକୁରଙ୍କର ବାଣୀଟିଏ ଏଠାରେ ମନେ ରଖିବା ଉଚିତ :

''କର୍ମଯୋଗ ଧର୍ମଧାରା ତୁ ଛାଡ଼ି,
ଅମଡ଼ା ବାଟରେ ଯାଉଛୁ ମାଡ଼ି ।
ପଥେ ଜଗି ଅଛି କାଳ ଛଞ୍ଚାଣ,
ଝାମ୍ପି ନେଇଯିବ ତତ୍‌କ୍ଷଣେ ଜାଣ ।।''

ଧର୍ମଧାରା ଓ ଅଭ୍ୟାସ କର୍ମଯୋଗ ସକଳ ବିପଦରୁ ରକ୍ଷା କରିବା ପାଇଁ ସମର୍ଥ । ତାହା ନ କଲେ, କେତେବେଳେ ଅକସ୍ମାତ୍ କି ପ୍ରକାର ଦୁଃସାଧ୍ୟ ବିପଦ ଯେ ଆସି ହାବୁଡ଼ି ଯିବ, ତାହା କଳନା କରିବା ଦୁଷ୍କର । ଧାରାଗ୍ରହଣ ବା ସନ୍ଦେଶପତ୍ର ଗ୍ରହଣ ଦିନର ସଂକଳ୍ପକୁ ଠାକୁରେ ବଡ଼ ସୁନ୍ଦର ଭାବରେ ଚେତାଇ ଦେଇ କହୁଛନ୍ତି-

''କିରେ ! ପାଶୋରି ଗଲୁ କି ପ୍ରଥମ ଦିନ ?
ହେଜ୍ଃ ସଂକଳପ କରିଥିଲୁ ଯା' ଧନ !!''

କର୍ମଧାରା ଓ ପ୍ରତିଦିନର ଅଭ୍ୟାସ କର୍ମଯୋଗ ପ୍ରତ୍ୟେକଙ୍କର ଅବଶ୍ୟ କରଣୀୟ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଠାକୁରେ କହନ୍ତି :

''କର୍ମଧାରା କର ନିଷ୍ଠାର ସହ ।
ସବୁ ଶୁଭ ମଣି ସନ୍ତୋଷେ ରହ ।।''

ଏବଂ

''ଆମେ କରୁଁ ସବୁ ଆମ କରଣୀ ।
କର୍ମଯୋଗ କରି ଭୋଗ ଧରଣୀ ।।''

**ଯେପରି** ଔଷଧ ସେବନ କଲେ, ଶରୀର ମଧ୍ୟରେ ରାସାୟନିକ ପ୍ରକ୍ରିୟା ଦ୍ୱାରା ସମସ୍ତ ବିଷ ବାହାରକୁ ବାହାରି ଆସେ ଓ ତପ୍‌ରେ ଶରୀର ସୁସ୍ଥ ଓ ସବଳ ହୋଇଥାଏ, ସେହିପରି କର୍ମଯୋଗ ଓ ଧର୍ମଧାରା ଅଭ୍ୟାସ କଲେ, ଆମର ସକଳ କର୍ମଫଳ ଭୋଗ ପ୍ରକ୍ରିୟା ଆରମ୍ଭ ହୋଇଯାଇ ଆମ୍ଭମାନଙ୍କୁ ନାନାଦି ଯନ୍ତ୍ରଣା ଦେଇଥାଏ । ପର୍ଯ୍ୟାୟ ଭୋଗ ଶେଷରେ ଆମ୍ଭେମାନେ ପୁଣି ସୁସ୍ଥ ସୁନ୍ଦର ହୋଇଯାଉଁ । ତେଣୁ ଧାରାଧରି କୌଣସି ଶାରୀରିକ ବା ମାନସିକ ଝଞ୍ଜାଳରେ ପଡ଼ିଲେ, ଠାକୁରଙ୍କୁ ଦୋଷ ଦେବା ଅନୁଚିତ । ଠାକୁରେ ସୂକ୍ଷ୍ମତଃ ଆମ୍ଭର ମଙ୍ଗଳ ବିଧାନ କରି କଲ୍ୟାଣ ହିଁ କରନ୍ତି । ସେ ପରା ସର୍ବ ମଙ୍ଗଳମୟ ! କଲ୍ୟାଣକର !! କାହାକୁ କେତେବେଳେ କେଉଁ ସୂତ୍ରରେ ସେ କୁପଥରୁ ସୁପଥକୁ ନେଇ ଯାଆନ୍ତି, ତାହାର ସୂତ୍ର କେବଳ ତାଙ୍କୁ ହିଁ ଜଣା । ଆମେ ତାଙ୍କ ଉପରେ ଅଟଳ ବିଶ୍ୱାସ ରଖି ତାଙ୍କ ନିର୍ଦ୍ଦେଶିତ ପଥ (କର୍ମଧାରା) ରେ କେବଳ ଚାଲିବା । ଯାହା ବି ଘଟୁନା କାହିଁକି ତାଙ୍କୁ ଦୋଷ ଦେବା ନାହିଁ । ଦେଖିବା ଓ ଅନୁଭବ କରିବା ସେ କିପରି ସୁନ୍ଦର ଭାବରେ ଆମ ମନରେ ସନ୍ତୋଷ ଓ ଶାନ୍ତି ଭରି ଦେଉଛନ୍ତି । ଶେଷରେ ଠାକୁରଙ୍କର ବାଣୀଟିଏ ସ୍ମରଣ କର -

''ଝଞ୍ଜାଳରେ ଜଳି ଗଲେ ବି ଗୁରୁଙ୍କୁ ନ ଦିଅ ଦୋଷ ।
ସୂକ୍ଷ୍ମସତ୍ତା ସୂକ୍ଷ୍ମରେ ତୋର ଭରି ଦେବ ସନ୍ତୋଷ ।''

କ୍ରମଶଃ...

ଜନ୍ମ ଜନ୍ମାନ୍ତର ସାଧନା ବଳେ ।
ମନୁଷ୍ୟ ହୋଇଲୁ ଏ ମହୀ ତଳେ ।।
ପଶୁତ୍ୱ ଆବୋରି ବେଳ କାଟିଲୁ ।
ସବୁ ପୁଣ୍ୟ ଫଳ ଉଜାଡ଼ି ଦେଲୁ ।।
-ଶ୍ରୀଶ୍ରୀଶ୍ରୀଠାକୁର

# ଗତସଂଖ୍ୟାରେ 'ବୋହୂବାଳ ଅବଳା'ର ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା

(ମହାପୁରୁଷ ଅଚ୍ୟୁତଙ୍କର ସାରସ୍ୱତ ସମ୍ଭାର ସମ୍ଭୂତ କ୍ଷୁଦ୍ର କବିତାଗୁଡ଼ିକ ପ୍ରାୟ ସଂକେତ ଧର୍ମୀ, ପିଣ୍ଡତତ୍ତ୍ୱ ଜ୍ଞାନଗର୍ଭକ ଏବଂ ଯୋଗସାଧନା ମାର୍ଗ ସମ୍ବଳିତ । 'ଚରମ' - ଯୁଗଧର୍ମୀ ଆଧ୍ୟାତ୍ମିକ ପତ୍ରିକାର ଜନ୍ମକାଳରୁ ସମୟ (୧୯୯୩ ମସିହା କୁମାରପୂର୍ଣ୍ଣିମା ତିଥି)ରୁ ଆଜି ପର୍ଯ୍ୟନ୍ତ ପ୍ରତିଟି ସଂଖ୍ୟାରେ ମହାପୁରୁଷଙ୍କ ଲେଖନୀ ନିଃସୃତ ବିଭିନ୍ନ ରୁଚିର ବିଭିନ୍ନ ସ୍ୱାଦୁର କବିତା/କବିତାଂଶ ଉଦ୍ଧୃତ ହୋଇ ନିୟମିତ ଭାବରେ 'ଚରମ'ର ପବିତ୍ର ପୃଷ୍ଠା ମଣ୍ଡନ କରି ଅଚ୍ୟୁତଙ୍କ ଲେଖନୀ ଉଦ୍ଧୃତାଂଶର ସରଳ ସହଜ ବୋଧଗମ୍ୟ ବ୍ୟାଖ୍ୟା ମଧ୍ୟ ପତ୍ରସ୍ଥ କରାଯାଉଅଛି । ପଞ୍ଚଦଶ ଶତାବ୍ଦୀ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟ ସହିତ ସହୃଦୟ ପାଠକ/ପାଠିକା, ଗ୍ରାହକ/ଗ୍ରାହିକାମାନଙ୍କୁ ପରିଚିତ କରାଇବା ସହିତ ପରମାର୍ଥିକ ଜୀବନଲାଭରେ ସେମାନଙ୍କୁ ସଦୟ ସହାୟତା କରିବା ଏ ସ୍ତମ୍ଭରେ ଆମର ଲକ୍ଷ୍ୟ ।)

ଉଦ୍ଧୃତ କବିତାରେ ଜୀବର ପ୍ରକୃତିକୁ ବୋହୂ ବୋଲି କୁହାଯାଇଛି । ବ୍ରହ୍ମଙ୍କର ଚତୁଃପାର୍ଶ୍ୱରେ ପ୍ରକୃତିଗଣ ପରିବେଷ୍ଟନ କରି ରହିଛନ୍ତି ।

ବାଳ ଅବଳାର ଅର୍ଥ ଅନିୟମିତ କାଳ । କିନ୍ତୁ ବାର, ଘଡ଼ି, ସନ୍ଧି, ପ୍ରହର, ଦିନ, ମାସ, ଋତୁ, ବର୍ଷ ଆଦିର ବହୁ ଊର୍ଦ୍ଧ୍ୱରେ ଶକଟକ ବ୍ରହ୍ମ ଅବସ୍ଥିତ । ଜୀବର ପ୍ରକୃତିଗଣ କିନ୍ତୁ କାଳର ପର୍ଯ୍ୟାୟକ୍ରମରେ ନିୟମିତତା ରକ୍ଷା କରିପାରନ୍ତି ନାହିଁ । ତେଣୁ ବୋହୂ ବା ଜୀବର ପ୍ରକୃତି ଅନିୟମିତ କାଳ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦ ଉଲ୍ଲେଖ କରି ଅଛନ୍ତି ।

ଖେଳଇ ବାର ଜଣର - ବାର ଆଙ୍ଗୁଳି ପ୍ରଶ୍ୱାସ ପବନ ଭିତରେ ଜୀବର ପ୍ରାଣ ଖେଳୁଥାଏ ବା କ୍ରୀଡ଼ା କରୁଥାଏ । ଅର୍ଥାତ୍ ଜୀବର ନିଃଶ୍ୱାସ ପବନ ନାସାପୁଟ ଠାରୁ ବାର ଆଙ୍ଗୁଳ ଦୂର ପର୍ଯ୍ୟନ୍ତ ଅତି ବେଶିରେ ନିର୍ଗତ ହୁଏ ।

ବାର ଜଣ ଛାଡ଼ି ତେରକୁ ଗମିଲେ - ନିଃଶ୍ୱାସ ପବନ ନାସାପୁଟଠାରୁ ବାର ଆଙ୍ଗୁଳିରୁ ସାମାନ୍ୟ ଅଧିକ ମାତ୍ର ହେଲେ, ବୋହୂର ପଡ଼ିବ କାଳ - ଜୀବର ପ୍ରାଣ ନାଶ ହେବ ।

ଏ ବାର ଭିତରେ ପୁରୁଷ ଖେଳଇ - ପ୍ରଶ୍ୱାସ ବାର ଆଙ୍ଗୁଳି ମଧ୍ୟରେ ପୁରୁଷ ଅର୍ଥାତ୍ ଶବ୍ଦବ୍ରହ୍ମ ଖେଳ କରୁଥାଏ । ଏହାକୁ ପରମାର୍ଥ କୁହାଯାଏ ।

ସେ ବାରେ ଖେଳଇ ବୋହୂ - ନିଃଶ୍ୱାସ ବାର ଆଙ୍ଗୁଳ ମଧ୍ୟରେ ବୋହୂ ବା ପ୍ରକୃତି ଅର୍ଥାତ୍ ଜୀବ ପ୍ରକୃତି ଖେଳେ । ଏହାକୁ ଇନ୍ଦ୍ରିୟଗଣ କୁହାଯାଏ ।

ବୋହୂ ପୁଅ ଦୁହେଁ ଓଲଟ ପାଲଟ - ଶବ୍ଦବ୍ରହ୍ମ ଓ ଜୀବ ପ୍ରକୃତି ଯଥାକ୍ରମେ ପ୍ରଶ୍ୱାସ ପବନ ଓ ନିଃଶ୍ୱାସ ପବନର ଗତାଗତ ସହିତ ସମତାଳରେ କ୍ରୀଡ଼ା କରୁଅଛନ୍ତି ।

ବାରଣ ନ ଯାଇ କେହୁ - ଏହି ନିଃଶ୍ୱାସ ପ୍ରଶ୍ୱାସର ଗତାଗତକୁ କେହି ବାରଣ କରିପାରନ୍ତି ନାହିଁ । ଏହା ସ୍ୱତଃ ଚଳପ୍ରଚଳ କରୁଥାଏ ।

ବାହାରକୁ ବାର ଭିତରକୁ ବାର - ନାସାପୁଟଠାରୁ ବାହାରକୁ ନିଃଶ୍ୱାସ ପବନ ବାର ଆଙ୍ଗୁଳି ପର୍ଯ୍ୟନ୍ତ ଓ ଭିତରକୁ ପ୍ରଶ୍ୱାସ ପବନ ବାର ଆଙ୍ଗୁଳି ପର୍ଯ୍ୟନ୍ତ ପ୍ରବାହିତ ହେଉଥାଏ । ଏହାକୁ ପ୍ରାଣବାୟୁ କୁହାଯାଏ ।

ବାର ବତିଶରେ ଘର-ବାର ବୋଇଲେ, ବାର ଆଙ୍ଗୁଳି ପର୍ଯ୍ୟନ୍ତ ପ୍ରବାହିତ ପ୍ରାଣବାୟୁ ଏବଂ ବତିଶରେ ଘର ବୋଇଲେ, ବତିଶ କଳା ଅର୍ଥାତ୍ ଚନ୍ଦ୍ରକଳା ୧୬ + ସୂର୍ଯ୍ୟକଳା ୧୨ + ଉର୍ମି+ଧୂର୍ମ+ଜ୍ୟୋତିଃ+ଜ୍ୱାଳା = ୩୨ କଳା । ବାର ଆଙ୍ଗୁଳି ପର୍ଯ୍ୟନ୍ତ ପ୍ରବାହିତ ପ୍ରାଣବାୟୁ ଯଥାକ୍ରମରେ ବାମ ନାସା ରନ୍ଧ୍ରରେ ୧୬କଳା ଓ ଦକ୍ଷିଣ ନାସା ରନ୍ଧ୍ରରେ ୧୬ କଳା ପ୍ରବାହିତ ହୁଏ ।

ଅକାରଣ ବୋହୂ ବାରଣ ନ ଯାଇ - ଜୀବ ପ୍ରକୃତି ବିନା କାରଣରେ କୌଣସି ବାରଣ ଅର୍ଥାତ୍ ବିଧି ନିଷେଧ ମାନେ ନାହିଁ । ପ୍ରକୃତି ଇନ୍ଦ୍ରିୟଗଣଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଜୀବ ଗୁରୁବରଣ କରି କର୍ମଯୋଗ ଓ ଧର୍ମଧାରା ଅଭ୍ୟାସ କର୍ମରେ ରହିବା ଆବଶ୍ୟକ । ଏହି କାରଣ ବ୍ୟତୀତ ପ୍ରାଣାୟମ ସାଧନା ସମ୍ଭବ ନୁହେଁ । ଫଳତଃ ପ୍ରତି ମୁହୂର୍ତ୍ତରେ ଜୀବର ପ୍ରାଣହାନି (ଆୟୁଷହାନି) ଘଟୁଥାଏ ।

କଳା ବାର ବାର ଘର - ଜୀବର ପ୍ରକୃତି ଏହି ବାର ଆଙ୍ଗୁଳି ନିଃଶ୍ୱାସ ପବନ ଏବଂ ସେହି ବାର ଆଙ୍ଗୁଳି ପ୍ରଶ୍ୱାସ ପବନର ଗତାଗତ ସହିତ ତାଳ ଦେଇ ଏହି ଘର ବା ପିଣ୍ଡ ଅର୍ଥାତ୍ ଶରୀରକୁ ରକ୍ଷା କରୁଅଛି ।

ପୁଅକୁ ବୟସ ଶହେ ଷାଠିଏ ଯେ - ମହାପୁରୁଷ ଅଚ୍ୟୁତଙ୍କ ରଚିତ ଚଉରାଶୀଯନ୍ତ୍ର ପୋଥିର ମନ୍ତ୍ରଯନ୍ତ୍ର ଲିଖନରେ ଏହାର ମହିମା ବର୍ଣ୍ଣିତ ହୋଇଅଛି । ସଂକ୍ଷେପରେ ଏଠାରେ ତାହା ବୁଝାଇ ଦିଆଯାଉଛି ।

ହରେ ରାମ କୃଷ୍ଣ - ତିନି ନାମ ଷଡ଼ ଅକ୍ଷର । ହରେ ରାମ ହରେ କୃଷ୍ଣ - ଚାରି ନାମ ଆଠ ଅକ୍ଷର । ହରେ ରାମ ହରେ ରାମ ରାମ ରାମ ହରେ ହରେ - ଆଠ ନାମ ଷୋଳ ଅକ୍ଷର । ପୁଣି ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ - ଆଠ ନାମ ଷୋଳ ଅକ୍ଷର । ମହାମନ୍ତ୍ର ମୋଟ ବତିଶ ଅକ୍ଷର । ମନ, ବିମନ, କୁମନ, ସୁମନ ଓ ଅମନ ଯନ୍ତ୍ରରେ ଏହି ବତିଶ ଅକ୍ଷର ବସିଲେ ୩୨x୫=୧୬୦ ହେବ । ମହାପୁରୁଷ ଏହାକୁ ଲକ୍ଷ୍ୟ କରି ପୁଅକୁ ବୟସ ଶହେ ଷାଠିଏ ବୋଲି କହିଅଛନ୍ତି । ପିଣ୍ଡରେ ପୁରୁଷ ଅର୍ଥାତ୍ ଭିତର ବାର ଆଙ୍ଗୁଳି ମଧ୍ୟରେ ପ୍ରଚଳିତ ପ୍ରଶ୍ୱାସ ପ୍ରାଣବାୟୁକୁ ଏହି ସୂତ୍ରରେ ପ୍ରାଣାୟାମ ମାଧ୍ୟମରେ ଅନୁଭବ କରି ହୁଏ ।

ବୋହୂ ତ ଷୋଳ ବୟସୀ - ମହାମନ୍ତ୍ରର ଷୋଳ ନାମକୁ ସାଙ୍କେତିକ ଭାଷାରେ ମହାପୁରୁଷ ନିର୍ଦ୍ଦେଶ କରୁଅଛନ୍ତି । ପୂର୍ବୋକ୍ତ ମତରେ ମହାମନ୍ତ୍ର ଦ୍ୱାରା ନାସାପୁଟରୁ ବାର ଆଙ୍ଗୁଳି ମଧ୍ୟରେ ପ୍ରଚଳିତ ନିଃଶ୍ୱାସ ପ୍ରାଣବାୟୁକୁ ଏହି ସୂତ୍ରରେ ପ୍ରାଣାୟାମ ମାଧ୍ୟମରେ ଅନୁଭବ କରିହୁଏ ।

ପଚିଶ ଭେଣ୍ଡିଆ ଘେନି କରି ବୋହୂ - ଏଠାରେ ପଚିଶ ପ୍ରକୃତିକୁ ସଙ୍କେତ କରାଯାଉଛି । ଖେଳ କରୁଥାଇ ବସି-ଜୀବ ପଚିଶ ପ୍ରକୃତିକୁ ଧରି ପିଣ୍ଡ ମଧ୍ୟରେ କ୍ରୀଡ଼ା କରୁଥାଏ ।

ବୋହୂ ମୋର ଧନ ବୋହୂ ମୋ ଜୀବନ ବୋହୂ ଲାଗି ଏତେ ସରି - ଜୀବର ନିଃଶ୍ୱାସ ପ୍ରଶ୍ୱାସ ପ୍ରଚଳିତ ହେଉଥିବାରୁ ଜୀବ ପ୍ରକୃତିକୁ ଧରି ଜୀବନ ଧାରଣ କରି ରହିଅଛି । ଏହାକୁ ତେଣୁ ପ୍ରାଣବାୟୁ ଆଖ୍ୟା ଦିଆଯାଇଅଛି । ପୁଣି, ସେହି ଜୀବ ପ୍ରକୃତି ବା ଇନ୍ଦ୍ରିୟ ପାଇଁ ସଂସାରରେ ମାୟା ମୋହରେ ପଡ଼ି ଏତେ ହନ୍ତସନ୍ତ ହେଉଅଛି ।

ଭଣିତା ପାଦରେ ମହାପୁରୁଷ ଅଚ୍ୟୁତ ନିରାକାର ବ୍ରହ୍ମଙ୍କଠାରେ ଆତ୍ମସମର୍ପଣ ସହିତ ତାଙ୍କୁ ଏହି ସଂସାର ସାଗରର ଅଗାଧଜଳରୁ ଉଦ୍ଧାର କରିବା ପାଇଁ ପ୍ରାର୍ଥନା କରୁଅଛନ୍ତି ।

ପିତାମାତା କ୍ଲେଶ କାରଣ ଯେହୁ । ମରତେ ନରକ ଭୋଗଇ ସେହୁ ॥
କେହି ତା'ର ସାହା ହୁଅନ୍ତି ନାହିଁ । ଜୀବନ ତାହାର ଅସାର ହୋଇ ॥
- ଶ୍ରୀଶ୍ରୀ ଠାକୁର

# 'ଚରମ' ୨୮ଶ ସଂଖ୍ୟାରେ ପ୍ରକାଶିତ ଗଳ୍ପାଂଶର ମୀମାଂସା ଖଣ୍ଡ :

ନରଦେହରେ ଜୀବାତ୍ମା ଓ ପରମାତ୍ମା ମିଳନ ହେଲେ, ତାହାଙ୍କୁ ନାରାୟଣ କୁହାଯାଏ । ସେହିପରି ଶବ୍ଦ, ନାଦ, ଧ୍ୱନି ମିଶ୍ରିତ ହୋଇ ଯୋଗକର୍ମ ସୂତ୍ରରେ ଯୋଗୀର ଅନୁଭବରେ ଆସିବା ଅବସ୍ଥାକୁ ନାରଦ କୁହାଯାଏ । ସତ୍ତ୍ୱ ଓ ରଜ ମିଶ୍ରିତ ଆସୁରିକ ଅହଂଭାବକୁ ପର୍ଶୁରାମ ବୋଲି ଏଠାରେ କୁହାଯାଇଅଛି । ଶିବଲୋକ ହେଉଛି ଜ୍ଞାନଲୋକ । ଧରାପୃଷ୍ଠକୁ ଯେତେ ଜ୍ଞାନତତ୍ତ୍ୱାଦି ଆସିଅଛି, ସେ ସମସ୍ତ ଅବ୍ୟକ୍ତଙ୍କଠାରୁ ବ୍ୟକ୍ତ ହୋଇ ଶିବଲୋକ ଦେଇ ଆସିଅଛି । ଯୋଗୀର କଣ୍ଠଦେଶରେ ଥିବା ଉର୍ଜ୍ଜରୀ ସ୍ନାୟୁକୋଷକୁ ଏଠାରେ ଶିବଲୋକର ଦ୍ୱାରଦେଶ ବୋଲି କଥିତ ହୋଇଅଛି । ଉର୍ଜ୍ଜରୀ ସ୍ନାୟୁକୋଷରୁ ସୃଷ୍ଟି ହେଉଥିବା ବିଦ୍ୟା, ବୁଦ୍ଧି ଓ ଜ୍ଞାନ ଶକ୍ତିକୁ ପିଣ୍ଡତତ୍ତ୍ୱ ମତରେ ଗଣେଶ କୁହାଯାଇଛି । ଜ୍ଞାନର 'ଇନ୍ଦ୍ରେକଃ ସ୍ନାୟୁ କୋଷଭାବ'କୁ ଗଣେଶ ବୋଲି ବୁଝାଯାଏ । ଏହାଦ୍ୱାରା ୧୦୮ ପ୍ରକାର ବିଦ୍ୟା ଅନୁଭୂତ ହୁଏ । ଯୋଗୀ ଯୋଗମାର୍ଗର ଏହି ସୋପାନରେ ପହଞ୍ଚିଲେ, ଷଡ଼ଚକ୍ର ପୃଥକୀକରଣ ହୋଇଥାଏ । ସେହି ମଣ୍ଡଳୀୟ ଜ୍ଞାନରୁ ପ୍ରତ୍ୟେକ ସ୍ତରର ବିଦ୍ୟା ଓ ବୁଦ୍ଧି ଜ୍ଞାନାଲୋକରେ କର୍ମଧାରା ନେଇ ପ୍ରାପ୍ତ ହୁଏ । ଗଣେଶ ମଣ୍ଡଳର ନାମ ହେଉଛି 'ବୃହିକଃ ଚକ୍ର' । ତ୍ରିଗୁଣରୁ ଏହାର ତିନୋଟି ବୃହତିଶକ୍ତି ଥାଏ । ତହିଁରୁ ଯଥାକ୍ରମେ ଯଥା ପର୍ଯ୍ୟାୟରେ ୧୦୮ ବିଦ୍ୟା/ଜ୍ଞାନ ଗଣେଷ ଶକ୍ତିରେ ଅନୁଭୂତ ହୁଏ । ନିମ୍ନରେ ତାହା ଦର୍ଶାଇ ଦିଆ ଯାଇଅଛି :

**ଗଣେଶ ମଣ୍ଡଳ**
**(ବୃହିକଃ ଚକ୍ର)**

**ନିର୍ମାଲ୍ୟ ଶୁଧଃ** — **ବିଭୁତ** — **କୈବଲ୍ୟ**

**୩୬ ବିଦ୍ୟା + ୩୬ ବିଦ୍ୟା + ୩୬ ବିଦ୍ୟା = ୧୦୮ ଜ୍ଞାନ**

ପିଣ୍ଡତତ୍ତ୍ୱ ଯୋଗମତରେ ଏହାର ସରଳୀକରଣ କରି ମୀମାଂସା ଦେବା ପାଇଁ ପ୍ରଥମେ ପିଣ୍ଡକୁ ବୁଝିବା ଆବଶ୍ୟକ ମନେ ହୁଏ । ଜୀବପିଣ୍ଡରେ ପ୍ରକୃତି ଓ ମାୟା ଭରି ରହିଛି । କାରଣ ଜୀବପିଣ୍ଡ ହିଁ ମାୟାରେ ଗଢ଼ା, ତେଣୁ ମାୟା ଶରୀର ଅଟେ । ଏହି ଶରୀର ମୌଳିକ ଭାବରେ ଜଡ଼ ବା ଶବ ସ୍ୱରୂପ । ଏହା ପ୍ରଥମରୁ ହିଁ ଜଡ଼/ଶବ ଓ ଶେଷ ବା ଅନ୍ତିମରେ ମଧ୍ୟ ସେହି ଜଡ଼/ଶବ ପାଲଟିଯାଏ । ଶବ ବା ଜଡ଼ ପିଣ୍ଡରେ ଆତ୍ମା ବା ବ୍ରହ୍ମ ପ୍ରବେଶ କଲେ, ଅର୍ଥାତ୍ ଶିବ ବିଜେ ହେଲେ, ଏହାର ଅଂଗପ୍ରତ୍ୟଙ୍ଗ ଓ ଅବୟବ ସବୁ କାର୍ଯ୍ୟକ୍ଷମ ହୁଏ । ପୁଣି ଶିବ (ଆତ୍ମା/ବ୍ରହ୍ମ)ରୁ ବୁଦ୍ଧି, ବୁଦ୍ଧିରୁ ଜ୍ଞାନ ଓ ବିଜ୍ଞାନ, ଜ୍ଞାନବିଜ୍ଞାନରୁ ବିବେକର ଉଦ୍‌ଭବ ହୋଇଥାଏ । ଖର, ବିଚକ୍ଷଣ, ତୁରୁତୁରିଆ, ଚତୁର, ଧୂର୍ତ୍ତ ଆଦି ଇନ୍ଦୁର ବା ମୂଷିକ ଭାବ ସ୍ୱଭାବ ଜୀବର ପିଣ୍ଡରେ ଉଦ୍‌ଭବ ହେଉଥିବା ଜ୍ଞାନ ବିଜ୍ଞାନ ଓ ବିବେକକୁ ଡାକି ରଖିଥାଏ । ଧୂର୍ତ୍ତ ଓ ଚତୁର ସ୍ୱଭାବ ବ୍ୟାପକ ଓ ବିସ୍ତୃତ । ଏହା ମୂଷିକର ଲାଙ୍ଗୁଳ ପରି ଲମ୍ବା । ଗଣେଶଙ୍କର ବାହନ ମୂଷିକ ବୋଲି କଳ୍ପନା କରାଯାଇଥିବାର ପ୍ରଚ୍ଛନ୍ନରେ ଏହି ତତ୍ତ୍ୱ ନିହିତ । ପରମପୁରୁଷ ଚରମପାଦ ଠାକୁରଙ୍କର ବାଣୀଟିଏ 'ଅଧର ପୀୟୁଷ'ରୁ ଏଠାରେ ଉଦ୍ଧାର କଲେ ଯଥାର୍ଥ ଓ ପ୍ରାସଙ୍ଗିକ ହେବ ।

'ମତିମୂଷା ତୋର ଅତି ଚତୁର ।
ବିବେକ ଗଣେଶ ତହିଁ ସବାର ॥'

ଜୀବର ମନ ବା ମତି ରୂପକ ମୂଷିକ ଅତି ଚତୁର । ଏହା ମୂଷିକ ପରି ଅତ୍ୟନ୍ତ ଚଞ୍ଚଳ ଓ ତୁରୁତୁରିଆ । ତା'କୁ ଅଙ୍କୁଶ ଦେଇ ଶାସନ ଓ ସଂଯତ କରିବା ପାଇଁ ବିବେକ ଶକ୍ତି ଲୋଡ଼ା । ତେଣୁ ପୁରାଣରେ ମୂଷିକ ବାହନ ଉପରେ ଗଣେଷ ସବାର ହୋଇଥିବା କଥା ଉଲ୍ଲେଖ ଅଛି ।

ଗଣେଶ ବିଦ୍ୟାବୁଦ୍ଧି ଓ ଜ୍ଞାନଶକ୍ତିର ଆଧାର । 'ବିଦ୍ୟା ଦଦାତି ବିନୟଂ' । ଗଣେଶ ଆସୁରିକ ଅହଂଭାବର ପ୍ରତୀକ ପର୍ଶୁରାମଙ୍କୁ ବିନୟର ସହିତ ବାରଣ କଲେ । ବିନୟଭାବକୁ ଅହଂକାର ହେୟଜ୍ଞାନ କରି ଖାତିର କରେ ନାହିଁ । ଫଳରେ ପିଣ୍ଡ ମଧ୍ୟରେ ଅହଂଭାବ ଓ ବିନୟଭାବର ସଂଘର୍ଷ ହୁଏ । ପରଶୁ ରଜଗୁଣସମ୍ପନ୍ନ ଅହଂକାର ଅଟେ । ସତ୍ତ୍ୱ ଓ ତମଗୁଣ ମିଶ୍ରିତ ସୁଲଭ ଅବସ୍ଥାକୁ କାର୍ତ୍ତିକେୟ କୁହାଯାଏ । ଯୋଗୀର ଜ୍ଞାନମାର୍ଗରେ ଏହା ଶୁଯୋଚ୍ୟ ଚୈତନ୍ୟ ଅବସ୍ଥା ଅଟେ । ଆସୁରିକ ଅହଂଭାବ ଜୀବ ମଧ୍ୟରେ ଥରେ ଉଦ୍ରେକ ହେଲେ ତାହା ସ୍ଥାନ କାଳ ପାତ୍ର ନିର୍ବିଶେଷରେ ବିନୟ ଓ ଜ୍ଞାନ ଚୈତନ୍ୟର ବାଣୀ ଶୁଣେ ନାହିଁ । ସେହିପରି ସ୍ଥୂଳରେ ଅହଂଭାବ ଅନୁରୋଧ ଓ ଉପଦେଶ ମଧ୍ୟ ଶୁଣେ ନାହିଁ । ପର୍ଶୁରାମଙ୍କ ଏହି ଗଳ୍ପାଂଶରେ ଠିକ୍ ସେହି ଅବସ୍ଥା ପହଞ୍ଚି ଯାଇଛି । ଅହଂଭାବ ପ୍ରବଳ ହେଲେ, ଯେତେବେଳେ ସତ୍ତ୍ୱ ଓ ରଜମିଶ୍ରିତ ଅହଂଭାବ ଜୀବର କଣ୍ଠଦେଶରେ ପହଞ୍ଚିଯାଏ, ସେତେବେଳେ ଜୀବଠାରୁ ବିଦ୍ୟାବୁଦ୍ଧି ପୃଥକ୍ ହୋଇଯାଏ । ଏହି ତତ୍ତ୍ୱକୁ ଏଠାରେ ପର୍ଶୁରାମ ଅତ୍ୟନ୍ତ କ୍ରୋଧରେ ଗଣେଶଙ୍କୁ ଧରି ଦୂରକୁ ଫିଙ୍ଗିଦେବା କଥା କୁହାଯାଇଅଛି । ଧର୍ମଦେବତାଙ୍କୁ ସାକ୍ଷୀ ରଖିବାର ତତ୍ତ୍ୱ ହେଉଛି, ଯୋଗୀର ଗଣେଶରୂପକ ଜ୍ଞାନକ୍ଷରିତ ହେଲେ, ଧର୍ମଦେବତା ବା ଧାରଣଶକ୍ତି (ଧୃତି) ପୂର୍ଣ୍ଣଭାବରେ ଶୈଥିକ ସ୍ନାୟୁରେ ପହଞ୍ଚିଯିବା । ବ୍ରାହ୍ମଣ ଓ ଅଭ୍ୟାଗତ ବୋଲି ଗଣେଶ ପର୍ଶୁରାମଙ୍କୁ କହିବା ତତ୍ତ୍ୱ ହେଉଛି - ରଜମିଶ୍ରିତ ଅହଂଭାବରୁ ଯୋଗୀ ଚେତାପୁରୁଷ ସ୍ତରକୁ ଆସି ସମାଧିସ୍ଥଜ୍ଞାନ ଓ ବ୍ରହ୍ମକୁ ଅନୁଭବ କରିବା । ପିଣ୍ଡମତରେ ତିନିଭୁବନ ହେଉଛି - କଣ୍ଠଦେଶରୁ ଉପରକୁ ସ୍ୱର୍ଗ, ଆଣ୍ଠୁଠାରୁ ପାଦ ପର୍ଯ୍ୟନ୍ତ ପାତାଳ ଏବଂ ଅନ୍ୟ ସମସ୍ତ ଅଂଶ ମର୍ତ୍ତ୍ୟ । ପିଣ୍ଡ ମଧ୍ୟରେ ଜ୍ଞାନ ଉଜ୍ଜ୍ୱଳ ହେଲେ (ଗଣେଶ କ୍ରୁଦ୍ଧିତ ହେଲେ) ଅହଂକାର (ପର୍ଶୁରାମ) ତିନି ଭୁବନରେ ଅର୍ଥାତ୍ ଆପାଦମସ୍ତକ ଶରୀରରେ କେଉଁଠି ହେଲେ ରହିପାରିବ ନାହିଁ । ତଥାପି ଜ୍ଞାନଶକ୍ତିକୁ ଅହଂଭାବ ବେଖାତିର କରେ । ଚକ୍ରଭେଦ ଅବସ୍ଥାରେ କୁଣ୍ଡଳିନୀ ଯୋଗ ମାର୍ଗରେ ଯୋଗୀ ହୃଦ ଓ ତତ୍ପରେ କଣ୍ଠଚକ୍ରରେ ପହଞ୍ଚିଲେ, ଜୀବାତ୍ମା ଚେତାଘଟରେ ଦର୍ଶନ ଦିଅନ୍ତି । ଏହି ତତ୍ତ୍ୱକୁ ଗଳ୍ପାଂଶରେ ପର୍ଶୁରାମ ମନ ମଧ୍ୟରେ ଶିବ ଓ ବିଷ୍ଣୁଙ୍କୁ ସ୍ମରଣ କରିବା ଭାବରେ ପ୍ରକାଶ କରାଯାଇଅଛି । ଗଣେଶଙ୍କ ହସ୍ତର ଅର୍ଥ ବିଭୂତିକଃ କର୍ମର ବ୍ରହ୍ମାଣ୍ଡସୂତ୍ରରେ ବିସ୍ତୃତ ଜ୍ଞାନ ଓ ବୁଦ୍ଧିର ପ୍ରତୀକ । ତେଣୁ ଯୋଗୀ ସ୍ୱଇଚ୍ଛାରେ ଏହି ଜ୍ଞାନ ଓ ବୁଦ୍ଧିକୁ ବହୁଦୂର ପର୍ଯ୍ୟନ୍ତ ଲମ୍ବାଇ ପାରେ । ଗଳ୍ପାଂଶରେ ଏହି ତତ୍ତ୍ୱକୁ ଗଣେଶଙ୍କର ହସ୍ତ କୋଟିଏ ଯୋଜନ ପର୍ଯ୍ୟନ୍ତ ବିସ୍ତୃତ ହେଲା ବୋଲି ଉଲ୍ଲେଖ ଅଛି । ବିଭୂତକ ସ୍ନାୟୁକୋଷରୁ ରଜ୍ୟକନ୍ତ ସ୍ନାୟୁ ପର୍ଯ୍ୟନ୍ତ ଦୂରତ୍ୱକୁ ଯୋଜନ ଶକ୍ତି ବୋଲାଯାଏ । ପର୍ଶୁରାମଙ୍କୁ ଆକାଶମାର୍ଗରେ ବୁଲାଇବାର ତାତ୍ତ୍ୱିକ ଅର୍ଥ ହେଉଛି - ଯୋଗୀ ସମାଧି ସ୍ତରରେ ପହଞ୍ଚିଲେ ସ୍ଥିତପ୍ରାଜ୍ଞ ହୋଇଯାଏ, ସେତେବେଳେ ଶୁଦ୍ଧଜ୍ଞାନର ଔଜ୍ଜ୍ୱଲ୍ୟରେ ଅହଂକାର ହାଲୁକା ହୋଇ ଉଡ଼ିଯାଏ । ଯୋଗାରୂଢ଼ ଯୋଗୀର ସମାଧି ଅବସ୍ଥାରେ ଏହା ସୂକ୍ଷ୍ମ ଓ କାରଣରେ ଅନୁଭୂତ ହୁଏ ।

ଗଣେଶ ଅର୍ଥାତ୍ ଜ୍ଞାନ ସିଦ୍ଧି ବୁଦ୍ଧି, ବିଭୂତିକଃ କର୍ମ ଜ୍ଞାନ ଓ ବୁଦ୍ଧିକୁ ବ୍ରହ୍ମାଣ୍ଡସୂତ୍ରରେ ପିଣ୍ଡତତ୍ତ୍ୱ ମତରେ ବିଭୂତକ ସ୍ନାୟୁ କୋଷରୁ ରଜ୍ୟକନ୍ତ ସ୍ନାୟୁ ପର୍ଯ୍ୟନ୍ତ ଲମ୍ବାଇ ପର୍ଶୁରାମ ଅର୍ଥାତ୍ ସତ୍ତ୍ୱ ଓ ରଜ ମିଶ୍ରିତ ଆସୁରିକ

ଅହଂଭାବକୁ ସପ୍ତଦୀପ, ସପ୍ତସାଗରରେ ବୁଲାଇଲା । ବ୍ରହ୍ମାଣ୍ଡ ସୂତ୍ରରେ ପିଣ୍ଡମତରେ ଯୋଗୀର ଜ୍ଞାନମୟ କୋଷସ୍ଥ ଜ୍ଞାନମାର୍ଗରେ ସପ୍ତଦୀପ ହେଉଛି - (୧) ଶୁଦ୍ଧୈକଃ, (୨) ଗଣ୍ଡୈକଃ ପ୍ରଦା (୩) ରୁନ୍ଧିକଃ, (୪) ବିପ୍ରାନ୍ଧିକଃ, (୫) କିତ୍ରୁକଃ, (୬) ଶଦ୍ଦୃକଭଃ, ଏବଂ (୭) ନିଦ୍ଦୃସ୍ଥାୟଃ । ସପ୍ତସାଗର ହେଉଛି (ଜ୍ଞାନମାର୍ଗରେ) (୧) ଇଶୋଧ୍ୱଜ, (୨) ଉଦ୍ଭୋମ୍ୟକ, (୩) ଅନନ୍ତକୁଞ୍ଜ, (୪) ରଧୋତ୍ତୃୟଂ, (୫) ଐଶ୍ୱନ୍ତ୍ରୟ, (୬) ଓନ୍ତକମ୍ଭ ଏବଂ (୭) ବାଣୈରିୟ । ଭୂଲୋକ ହେଉଛି କୁଳ, ଭୁବଲୋକ ଉତଃ, ସ୍ୱର୍ଗଲୋକ ଆରୈକ (ବୈକୁଣ୍ଠ), ତପଲୋକ ତୂର୍ଯ୍ୟତ୍ରକ, ଜନଲୋକ ସୃକ୍ଷବୁ, ଧ୍ରୁବଲୋକ ଭୁନ୍ଧିକ ଆଦି ଜ୍ଞାନମଣ୍ଡଳୀୟ ଚକ୍ରରେ ବୁଲାଇ ସମୁଦ୍ର ଅର୍ଥାତ୍ ଶ୍ରୁତିକାର୍ଣ୍ଣି ସ୍ନାୟୁକୋଷରେ ନିକ୍ଷେପ କଲେ । ପୁଣି ସମୁଦ୍ରଜଳ ସହିତ ପର୍ଶୁରାମଙ୍କୁ ଶୋଷି ନେଲେ ଅର୍ଥାତ୍ ଅହଂଭାବକୁ ଅହଂତ୍ତ୍ୱର ସ୍ନାୟୁକୋଷରେ ମିଶାଇ ଦେଲେ ।

ଏହାପରେ ଗଳ୍ପାଂଶରେ ଯାହା ଉଲ୍ଲେଖ ଅଛି ତାହା 'ଚରମ'ର ପୂର୍ବବର୍ତ୍ତୀ ସଂଖ୍ୟାଗୁଡ଼ିକରେ ପ୍ରକାଶିତ ଓ ପତ୍ରସ୍ଥ ପୁରାଣ ଗଳ୍ପାଂଶର ମୀମାଂସାଖଣ୍ଡରେ ବର୍ଣ୍ଣିତ ହୋଇଅଛି । ତେଣୁ ଏଠାରେ ତାହା ପୁନର୍ବାର ବର୍ଣ୍ଣନା କରାଯାଉନାହିଁ । ଗଣେଶଙ୍କର ଶୁଣ୍ଢ ବୋଇଲେ ଧୃଭତି ଜ୍ଞାନ, ଏହା ସଚରାଚର ବ୍ରହ୍ମାଣ୍ଡକୁ ଘେରି ରହିଅଛି । ଜୀବ/ଯୋଗୀକୁ ଏହି ମଣ୍ଡଳରୁ କର୍ମାନୁସାରେ ଜ୍ଞାନ, ବିଦ୍ୟା, ବୁଦ୍ଧି ବିତରଣ କରାଯାଏ । ଗଣେଶଙ୍କର ବାମଦନ୍ତ ହେଉଛି ମହୈବିଭୂତ, ଦକ୍ଷିଣଦନ୍ତ ହେଉଛି ଭକ୍ତି କୈବଲ୍ୟ ଓ ଉଦର ହେଉଛି ଶୁଧଃ ନିର୍ମାଲ୍ୟ । ପର୍ଶୁରାମଙ୍କର ପାପ ନାଶ ହେବାର ଅର୍ଥ ଅହଂଭାବର ଆସୁରିକ ପ୍ରଭାବ ନଷ୍ଟ ହୋଇ ଅଭିମାନ ଭାବ ସହ ରଜଗୁଣାନ୍ୱିତ କ୍ରୋଧ ଭୋଗ ପାଇଁ ରହିବା । ଧରାପୃଷ୍ଠରେ କଚାଡ଼ି ଦେବାର ତତ୍ତ୍ୱ ହେଉଛି ପିଣ୍ଡ ମଧରେ ଅଭିମାନ ମିଶ୍ରିତ କ୍ରୋଧ ଲାଖି ରହିବା । ପର୍ଶୁରାମ ଚେତା ପାଇବା ବୋଇଲେ ଅଭିମାନ ମିଶ୍ରିତ କ୍ରୋଧ ଚର୍ମଗତ ହୋଇ ବାହାରକୁ ଫୁଟି ପ୍ରକାଶ ପାଇବା । ପରଶୁ ପ୍ରହାର କରିବାର ଅର୍ଥ କ୍ରୋଧାନ୍ୱିତ ହୋଇ କ୍ରୁଦ୍ଧ ଆଚରଣ ପ୍ରଦର୍ଶନ କରିବା । ବାମଦନ୍ତରେ ଗ୍ରହଣ କରିବାର ତତ୍ତ୍ୱ ଜ୍ଞାନର ମହୈବିଭୂତଜ୍ଞାନ ଛପିଯିବା ଓ ଜୀବର ପୁନର୍ବାର କ୍ରୋଧ ଜାଗ୍ରତ ହେବାରେ ସହାୟକ ହେବା । ଫଳରେ ଜୀବର ଶରୀର କମ୍ପମାନ ହେବା । ଗଣେଶ କ୍ରୁଦ୍ଧିତ ନ ହୋଇ ଲଜ୍ଜିତ ହେବାର ଅର୍ଥ ଯୋଗୀ କ୍ରୋଧାନ୍ୱିତ ଅବସ୍ଥାକୁ ଆୟତ୍ତକୁ ଆଣିବାପରେ ଶାନ୍ତ ହୋଇ ପୂର୍ବର କ୍ରୋଧ ପାଇଁ ଅନ୍ତଃକରଣରେ ଅନୁତାପ କରି ପାପ ଧୋଇ ଦେବା ।

ଜ୍ଞାନ ସଂଗେ ଯଦି ଭକ୍ତି ନ ଥାଏ ।
ଅଜ୍ଞାନଙ୍କ ପରି ଜୀବନ ହୁଏ ।।
ଜ୍ଞାନ ଭକ୍ତି ଏକ ଅଂଗେ ରହିଲେ ।
ପରମ ପଦଟି ମିଳଇ ଭଲେ ।।

*- ଶ୍ରୀ ଶ୍ରୀ ଶ୍ରୀ ଠାକୁର*

# ଭୂରିକ୍ଷ ବର୍ଣ୍ଣାଶ୍ରମ ବ୍ରହ୍ମ ଯଜ୍ଞ

**୧୪୦୬ ସାଲ, ମେଷ ଦି୩ାନଠାରୁ ମେଷ ଦି୧୦ନ, ଶୁକ୍ରବାର**

**ସ୍ଥାନ : ମେହେନ୍ଦିପୁର (ଭରତପୁର), କେନ୍ଦ୍ରାପଡ଼ା**

**ଶ୍ରୀ**ପରମେଶ୍ୱରଙ୍କ ଚରଣାରବିନ୍ଦରେ ଯିଏ ଥରେ ନିଜକୁ ସର୍ବତୋଭାବେ ସମର୍ପଣ କରି ଦିଏ, ସେ ସ୍ୱୟଂ ସଂପୂର୍ଣ୍ଣ ହୋଇଯାଏ । ତାହାର ଜନ୍ମ ସାର୍ଥକ ହୁଏ । ସୃଷ୍ଟିର ସମସ୍ତ ଜ୍ଞାନ, ସିଦ୍ଧି, ବୈଭବ ତାହାର ବଶ୍ୟତା ସ୍ୱୀକାର କରେ । ଇଚ୍ଛାଶକ୍ତିର ଅଧିକାରୀ ହୋଇ ଜନ୍ମ, ମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇଯାଏ । ପ୍ରତ୍ୟେକ ମୁନି, ଋଷି, ଯୋଗୀ, ସାଧୁ, ସନ୍ଥ, ସାଧକଙ୍କର ଗୋଟିଏ ଲକ୍ଷ୍ୟ, ନିତ୍ୟ ଲାବଣ୍ୟଠାଣିର ସ୍ଥୂଳ/ସୂକ୍ଷ୍ମ ରୂପ ଦର୍ଶନ କରି ସେହି ପରମପଦରେ ଚିର ଆଶ୍ରୟ ଲାଭ କରିବେ । ମାତ୍ର କେତେଜଣ ଏହି ଚରମ ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି ? ଯୁଗ ପରେ ଯୁଗ, ଜନ୍ମ ପରେ ଜନ୍ମ ଅତିବାହିତ ହୋଇଯାଏ । ତଥାପି ସେ ଭକ୍ତମନଚୋର, ଛଳିଆଙ୍କ ଖେଳର ସମାପ୍ତି ହୁଏ ନାହିଁ । କାରଣ ସେ ଯାହାକୁ ଭଲ ପାଆନ୍ତି, ସ୍ନେହ କରନ୍ତି, ନିଜ କୋଳକୁ ନେବାପାଇଁ ଇଚ୍ଛା ପ୍ରକଟ କରନ୍ତି, ତାହାକୁ ସଂପୂର୍ଣ୍ଣ ଭାବରେ ମୋହମାୟା ବନ୍ଧନରୁ ବିଚ୍ଛିନ୍ନ କରାଇବାକୁ କ୍ଷେତ୍ର ପ୍ରସ୍ତୁତ କରନ୍ତି । ଭକ୍ତର ଆକୁଳତା, ନିଷ୍ଠା, ପ୍ରେମର ପରୀକ୍ଷା ନିଅନ୍ତି । ଯେତେବେଳେ ପ୍ରତି ଜନ୍ମ, ପ୍ରତି ପର୍ଯ୍ୟାୟରେ ଭକ୍ତ ସଫଳ ହୋଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଏ, ସେତେବେଳେ ନିଜେ ଖଣ୍ଡ, ବିଖଣ୍ଡିତ ହୋଇଯାଆନ୍ତି । ଭକ୍ତର ଭକ୍ତି ସିଦ୍ଧି ପାଇଁ କ'ଣ ଦେବେ ତାହା ସ୍ଥିର କରି ନ ପାରି ଶେଷରେ ତା ନିକଟରେ ବନ୍ଦୀ ହୋଇଯାଆନ୍ତି ଓ ଭକ୍ତକୁ ଚିହ୍ନ ବା ସଂକେତ ଭାବରେ ଗ୍ରହଣ କରି ତାହାର ଭାରକୁ ନିଜ ଶରୀରରେ ବହନ କରନ୍ତି । ସେହି ଅବସ୍ଥାରେ ଭକ୍ତ ଆତ୍ମବିସ୍ମୃତ ହୋଇ ଅପଲକ ନୟନରେ ଲକ୍ଷ୍ୟ କରେ, ତା'ର ପ୍ରଭୁ କେତେ କରୁଣାମୟ, ଭକ୍ତ ପାଇଁ ସେ କେତେ ନ୍ୟୁନ ହୋଇ ଯାଆନ୍ତି । ସେହିପରି ଏକ ଭକ୍ତ ଶିରୋମଣିଙ୍କ ଜୀବନ ପର୍ଯ୍ୟାୟର ସ୍ମାରକ ହେଉଛି ଆଜିର ଉତ୍ସବ ''ଭୂରିକ୍ଷ ବର୍ଣ୍ଣାଶ୍ରମ ବ୍ରହ୍ମଯଜ୍ଞ'' ଏବଂ ସେହି ଦେବୋପମ ବ୍ରହ୍ମର୍ଷିଙ୍କର ଜୀବନୀ ହେଉଛି ଉକ୍ତ ସ୍ମରଣିକାର ବିଷୟବସ୍ତୁ ।

ସତ୍ୟଯୁଗ ନିର୍ମାଣର ପୂର୍ବାବସ୍ଥାରେ ଯୁଗ ନିର୍ମାଣ ଓ ଯୁଗଲୀଳା ନିଷ୍ପତ୍ତି ଉଦ୍ଦେଶ୍ୟରେ ଶ୍ରୀବିଷ୍ଣୁଙ୍କ ଦରବାରରେ ବିଚାରବିମର୍ଷ ଚାଲିଥାଏ । ଉକ୍ତ ଦେବସଭାରେ ଅମରବୃନ୍ଦଙ୍କ ବ୍ୟତୀତ ଅନେକ ମୁନିଋଷିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରୁଥାଆନ୍ତି । ମାତ୍ର ନୀରବ ଶ୍ରୋତା ହୋଇ ଜଣେ ଶୃଙ୍ଖଳିତ, ଆଜ୍ଞାବହ ଦାସ ଭାବ ନେଇ ବସି ରହିଥାନ୍ତି ଋଷି ଶ୍ରୁତିବନ୍ଧ । ପ୍ରତିଯୁଗର ଅଲୌକିକ ଲୀଳା ଶ୍ରବଣ କରି ତାଙ୍କ ଦୁଇଚକ୍ଷୁରୁ ଆନନ୍ଦାଶ୍ରୁ ବହି ଚାଲିଥାଏ । ମନରେ ଅସୁମାରି ଆକାଂକ୍ଷା । ହୃଦୟରେ ଅଦମ୍ୟ ପିପାସା ''ମର୍ତ୍ତ୍ୟଭୂମିରେ ଜଗତ୍‌ପତିଙ୍କର ଆଲୋଚିତ ମନଲୋଭା ରୂପ ଓ ଅପୂର୍ବ ଲୀଳାଦର୍ଶନ କ'ଣ ମୋ ଭାଗ୍ୟରେ ସଂଗଠିତ ହେବ ନାହିଁ ?'' ଆତ୍ମାଧିପତି, ପ୍ରାଣେଶ୍ୱର, ସର୍ବାନ୍ତର୍ଯ୍ୟାମୀଙ୍କୁ ବା କେଉଁ ଭାବ ଅଜଣା ? ଋଷିଙ୍କ ମନର ଭାଷାକୁ ଗ୍ରହଣ କରିନେଲେ ଏବଂ ମୃଦୁ ହସଟିଏ ଦେଇ ଆଶୀର୍ବାଦ ଦେଲେ ''ମର୍ତ୍ତ୍ୟାଗମନ କର । ଅଭିଷ୍ଟ ନିଶ୍ଚୟ ପୂର୍ଣ୍ଣ ହେବ ।'' ପ୍ରଭୁଙ୍କ ଶ୍ରୀମୁଖରୁ ନିଃସୃତ ହୋଇଥିବା ଅଭୟବାଣୀରେ ପୁଲକିତ ହୋଇଗଲେ । ପ୍ରତିଯୁଗରେ ଅବତରିତ ହୋଇ ଲୀଳା ଆସ୍ୱାଦନ ସହ ଜ୍ଞାନପ୍ରାପ୍ତିର ଅଭିଳାଷରେ ଋଷିବର ଦେବସଭା ତ୍ୟାଗ କଲେ ।

**ସତ୍ୟଯୁଗର** ଦ୍ୱିତୀୟ ଭାଗରେ କମ୍ବୁଦ୍ୱୀପରେ ଋଷି କୌଦମ୍ବରୀଙ୍କ ଔରସରୁ ଓ ସାଧ୍ୱୀ ଶୁବଦର୍ଶୀଙ୍କ ପବିତ୍ର ଗର୍ଭରୁ ଜନ୍ମ ଗ୍ରହଣ କଲେ । ସେତେବେଳେ ଦ୍ୱୀପର ଚତୁଃପାର୍ଶ୍ୱରେ ମଧୁସାଗର ଏବଂ କ୍ଷୀରସାଗର ପ୍ରଭୁଙ୍କ

ଶ୍ରୀଚରଣ ଧୌତ କରି ଉନ୍ନୀତ ବକ୍ଷରେ ଉଦ୍‌ବେଳିତ ହେଉଥାଏ । ସାଗର ବକ୍ଷର ନୈସର୍ଗିକ ଶୋଭା ଏବଂ ନୀରବ ଆକାଶର ପ୍ରେମଭରା ମୌନ ଆହ୍ୱାନରେ ଋଷିକୁମାର ଆତ୍ମହରା ହୋଇ ଉଠିଲେ । ପିତାଙ୍କୁ ଘନ ଘନ ପ୍ରଶ୍ନରେ ବ୍ୟଥିତ କରି ପକାଇଲେ । ପୁତ୍ରର ଏତାଦୃଶ ବ୍ରହ୍ମଜ୍ଞାନ ଜିଜ୍ଞାସା ଦେଖି ପିତା ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ବୀଜମନ୍ତ୍ର ପ୍ରଦାନ ପୂର୍ବକ ପିତୃ ଆଶ୍ରମ ତ୍ୟାଗ କରି ନିଜସ୍ୱ ସାଧନରେ ବ୍ରତୀ ହେବାର ନିର୍ଦ୍ଦେଶ ଦେଲେ । ପ୍ରକୃତିଙ୍କ ଅଲୌକିକ ଶୋଭାରେ ବିମୋହିତ ଏବଂ ବ୍ରହ୍ମଜିଜ୍ଞାସୁ ଋଷିକୁମାର ଅବିଳମ୍ବେ ପିତ୍ରାଳୟ ତ୍ୟାଗ କରି ନିଜର ତପୋଭୂମି ଅନ୍ୱେଷଣରେ ବାହାରିଗଲେ । ଘଞ୍ଚ ଅରଣ୍ୟ ପରିବେଷ୍ଟିତ ''ଉଦକାନ୍ତ'' ନାମକ ଏକ ପବିତ୍ର ଭୂମିରେ ପହଞ୍ଚି ସେହିଠାରେ ତାଙ୍କର ତପ ଆରମ୍ଭ କଲେ ।

ଶ୍ରୀବିଷ୍ଣୁଙ୍କ ଦରବାରରେ ପ୍ରାପ୍ତ ହୋଇଥିବା ଆଶୀର୍ବାଦର ପ୍ରଭାବରେ ମାତ୍ର ୭ (ସାତ) ବର୍ଷ ମଧ୍ୟରେ ଶ୍ରୀହରିଙ୍କ ଦର୍ଶନ ଲାଭ କରି ସିଦ୍ଧି ପ୍ରାପ୍ତ ହେଲେ । ସେହି ସିଦ୍ଧି ବଳରେ ଗୋଟିଏ ସ୍ଥାନରେ ଅବସ୍ଥାନ କରି ସତ୍ୟଯୁଗର ସମସ୍ତ ଲୀଳା ଆସ୍ୱାଦନ କଲେ । ଯୁଗଶେଷରେ ଶରୀର ରକ୍ଷା କରି ତ୍ରେତୟା ଲୀଳା ଦର୍ଶନ ପାଇଁ ଶୂନ୍ୟ ସ୍ତରରେ ଅପେକ୍ଷା କରି ରହିଲେ । ଋଷିପ୍ରବର ଜମ୍ବୁ ଦ୍ୱୀପ ଅନ୍ତର୍ଗତ ଉଦକାନ୍ତ ନାମକ ଯେଉଁ ସ୍ଥାନରେ ନିଜର ଆଶ୍ରମ ଓ ଆସନ ପ୍ରତିଷ୍ଠା କରି ଶ୍ରୀହରିଙ୍କ ଦର୍ଶନ ଲାଭ କରିଥିଲେ ସେହି ସ୍ଥାନଟି ବର୍ତ୍ତମାନର ମେହେନ୍ଦିପୁର (ଭରତପୁର) ।

ତ୍ରେତୟାଯୁଗର ମର୍ଯ୍ୟାଦାପୁରୁଷ ରଘୁବୀର ଶ୍ରୀରାମ ମର୍ତ୍ତ୍ୟାଗମନ ପରେ ତାଙ୍କର ବାଲ୍ୟଲୀଳା ସଂଗଠନ କରୁଥିବା ସମୟରେ ଆଲୋଚ୍ୟ ଋଷିବର ହୃଦକନ୍ତ ନାମ ଧରି ଜନ୍ମ ଗ୍ରହଣ କଲେ । ଜନ୍ମ ହେବାର ମାତ୍ର ୩ ମାସ ଅତିକ୍ରାନ୍ତ ହେବା ପରେ ଶ୍ରୀରାମଙ୍କ ନବଦୁର୍ବାଦଳଶ୍ୟାମ ଶରୀର ସ୍ୱପ୍ନରେ ଦର୍ଶନ କଲେ । ପୂର୍ବ ଜନ୍ମ ସିଦ୍ଧି ପ୍ରଭାବରୁ ତ୍ରେତୟା ଅବତାର ବୀଜମନ୍ତ୍ର ସ୍ୱତଃ ସୂକ୍ଷ୍ମରେ ପ୍ରାପ୍ତ ହେଲେ ଏବଂ ପ୍ରଭୁଙ୍କ ଦର୍ଶନ ଅପେକ୍ଷା କରି ତପ ଆରମ୍ଭ କଲେ ।

ଜନକ ନନ୍ଦିନୀ ମା' ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ବନବାସ କରୁଥିବା ସମୟରେ ଭକ୍ତବତ୍ସଳ ଭାବଗ୍ରାହୀ ଦେବସଭାରେ ପ୍ରଦାନ କରିଥିବା ବଚନ ରକ୍ଷା କରି ହୃଦକନ୍ତଙ୍କ ପବିତ୍ର ଆଶ୍ରମରେ ବିଜେ ହୋଇ ସଦାପ୍ରିୟ ଭକ୍ତଶ୍ରେଷ୍ଠଙ୍କଠାରୁ ସେବା ଗ୍ରହଣ କରି ସେଠାରେ ଦୁଇଦିନ ଅବସ୍ଥାନ କରିଥିଲେ । ସେତେବେଳେ ଜମ୍ବୁଦ୍ୱୀପର ଏହି ପବିତ୍ରପୀଠର ନାମ ମନ୍ଦଭଟ ଥିଲା । ପ୍ରଭୁଙ୍କ ମନଲୋଭା ରୂପ ସମ୍ଭାରରେ ବିହ୍ୱଳ ହୋଇ ଅନେକ ଋଷି ରାହାସ ପାଇଁ ପ୍ରାର୍ଥନା କରିଥିଲେ । ସେମାନଙ୍କର ପ୍ରାର୍ଥନା ଦ୍ୱାପରରେ ପୂର୍ଣ୍ଣ ହେବାର ବଚନ ପାଇଥିଲେ । କିନ୍ତୁ ବ୍ୟତିକ୍ରମ ଥିଲେ ଏହି ପ୍ରେମିକ ଋଷି ହୃଦକନ୍ତ । ସେ ଅଳି କରିଥିଲେ, ''ଦ୍ୱାପରରେ ପ୍ରଭୁ ରାଜାଧିରାଜ ଆସନରେ ଅଭିଷିକ୍ତ ହେବାପରେ ତାଙ୍କ ରାଜସଭାରେ ଆଚାର୍ଯ୍ୟ ହୋଇ ସେବା ପ୍ରଦାନ କରିବେ ।'' ପ୍ରଭୁପରମେଶ ଅଳି ଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଥିଲେ । ଏହାପରେ ସେହି ଯୁଗର ଇଚ୍ଛା ପୂର୍ତ୍ତିପରେ ଋଷିବର ଦେହତ୍ୟାଗ କରି ତାଙ୍କରି ଆଶ୍ରମରେ ସମାଧି ଗ୍ରହଣ କଲେ ।

ଦ୍ୱାପର ଯୁଗରେ ପରମକାରୁଣିକ ପରମେଶ୍ୱର ଅବତାର ଗ୍ରହଣ କରିବା ପରେ ଋଷିବର ଦ୍ୱାରକା ନିକଟବର୍ତ୍ତୀ ଉଜ୍ଜୟିନୀବଟରେ କୈବନାଦ ନାମ ଗ୍ରହଣ କରି ପ୍ରଭୁଙ୍କ ଦ୍ୱାରକା ଆଗମନ ପର୍ଯ୍ୟନ୍ତ ସାଧନସ୍ତରରେ ନିଜକୁ ନିୟୋଜିତ କରି ଅପେକ୍ଷା କରି ରହିଲେ । ମଥୁରା ଓ ଗୋପଲୀଳା ସମାପ୍ତ କରି ଲୀଳାନାୟକ ଯେତେବେଳେ ଦ୍ୱାରକା ସ୍ଥାପନ

କରି ଅଭିଷିକ୍ତ ହେଲେ, ଅନ୍ୟାନ୍ୟ ଶ୍ରେଷ୍ଠ ଆଚାର୍ଯ୍ୟମାନଙ୍କର ଦୃଷ୍ଟି ଅନ୍ତରାଳରେ ଏକ ଅତି ନଗଣ୍ୟ, ଅନାମେୟ ଆଚାର୍ଯ୍ୟ ଭାବରେ ନିଜର ଇଚ୍ଛାପୂର୍ଣ୍ଣ କରିଚାଲିଲେ । ଏହାପରେ ଯୁଗର ନିଷ୍ପତ୍ତି ସମୟ ଉପସ୍ଥିତି ହେବାରୁ ଶ୍ରୀଗୋବିନ୍ଦ ଭକ୍ତ ପ୍ରବରଙ୍କୁ ନିର୍ଦ୍ଦେଶ ଦେଲେ ''ଜମ୍ବୁ ଦ୍ୱୀପକୁ ଫେରିଯାଇ ନିଜ ଆଶ୍ରମ ପୁନରୁଦ୍ଧାର କର ଏବଂ ଆମ୍ଭର ଆଗମନକୁ ଅପେକ୍ଷା କର ।'' ପ୍ରଭୁଙ୍କ ଆଦେଶରେ ମୁନିବର ଜମ୍ବୁଦ୍ୱୀପର ଉକ୍ତ ପବିତ୍ର ପୀଠକୁ ପୁନର୍ଗମନ କଲେ । ସେତେବେଳକୁ ତାଙ୍କର ଯୁଗାନୁକ୍ରମିକ ତପୋଭୂମିର କେବଳ ଧ୍ୱଂସାବଶେଷ ରହିଥିଲା । କିନ୍ତୁ ସାଗର ବେଳାଭୂମିର କୌଣସି କ୍ଷୟ ହୋଇ ନ ଥିଲା । ଆଶ୍ରମ ପୁନରୁଦ୍ଧାର କରି ପୁନଶ୍ଚ ଯୋଗସାଧନରେ ହଜିଗଲେ ।

ମହାଭାରତ ଯୁଦ୍ଧର ପୂର୍ବାବସ୍ଥାରେ ପାଣ୍ଡବ ପଞ୍ଚଭ୍ରାତାଙ୍କ ଅଜ୍ଞାତବାସ ସମୟରେ ସେମାନଙ୍କୁ ସାକ୍ଷାତ କରିବାର ଛଳନା କରି ଦ୍ୱାରକାଧୀଶ ଜମ୍ବୁଦ୍ୱୀପ ଭ୍ରମଣରେ ଅଗ୍ରସର ହେଲେ । ଯୁଗନିର୍ମାଣ ପୂର୍ବରୁ ଶ୍ରୀବିଷ୍ଣୁଙ୍କ ଦରବାରରେ ଲୀଳା ସଂଗଠନ ଧାରା ନିର୍ଦ୍ଧାରଣ ହେବା ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ୍ ଦୁର୍ଦ୍ଧର୍ଷ ରାକ୍ଷସ କନ୍ଦରାସୁର ଅନନ୍ତଙ୍କ ହସ୍ତରେ ନିହତ ହୋଇ ମୁକ୍ତି ଲାଭ କରିବାର ସ୍ଥିରୀକୃତ ହୋଇଥିଲା । ତେଣୁ କୌଶଳୀ ଯଦୁପତି ନିଜର ଇଚ୍ଛାକୁ ଗୋପନ ରଖି ଜମ୍ବୁଦ୍ୱୀପର ପ୍ରାକୃତିକ ଶୋଭା ଦର୍ଶନ କରାଇବାର ଲାଳସା ଦେଖାଇ ଅନନ୍ତଙ୍କ ଅବତାର ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମଙ୍କୁ ସଂଗରେ ନେଇ ଆସିଲେ । ପାଣ୍ଡବ ପଞ୍ଚଭ୍ରାତାଙ୍କୁ ସାକ୍ଷାତ ଦେବା ପୂର୍ବରୁ ମଧୁସାଗର ଓ କ୍ଷୀରସାଗର ସଂଗମ ସ୍ଥଳରେ ଭ୍ରାତାଶ୍ରୀଙ୍କୁ ସଂଗରେ ଧରି ପ୍ରଭୁ ପୀତବାସ ଅବସ୍ଥାନ କଲେ । ସେହି ସ୍ଥାନରେ କନ୍ଦରାସୁରଙ୍କର ଅଳିଅଳି କନ୍ୟା ''ତୁଳସୀ'' ଏକ ବିଶାଳ ବଟବୃକ୍ଷ ଛାୟାରେ ବନବିହାର କରୁଥିଲେ । ତାଙ୍କୁ ଦେଖିବା ମାତ୍ରେ ପ୍ରଭୁ ଶ୍ରୀବଳରାମ ତାଙ୍କୁ ସଖୀ ବୋଲି ସମ୍ବୋଧନ କରିଥିଲେ । ସେହିଦିନଠାରୁ ସେହି ବୃକ୍ଷଟିର ନାମ ''ସଖୀବଟ'' ହୋଇଗଲା । ଅଦ୍ୟାବଧି ସ୍ଥାନଟି ଯୁଗପ୍ରଳୟର ସମସ୍ତ ଧ୍ୱଂସକାରୀ ପ୍ରଭାବରୁ ମୁକ୍ତ ରହି ପ୍ରଭୁଙ୍କ ଆଶୀର୍ବାଦ ଫଳରେ ସେହି ଦ୍ୱାପରର ନାମ ''ସଖୀବଟ''ରେ ପରିଚିତ ହେଉଅଛି ।

ଉକ୍ତ ସଖୀବଟ ସ୍ଥାନର ପଶ୍ଚିମ ଭାଗରେ ଋଷି କୈବନାଦଙ୍କ ପବିତ୍ର ଆଶ୍ରମ । ଆକୁଳ ପ୍ରାଣରେ ସେ ବାସୁଦେବଙ୍କ ଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ । ତାଙ୍କ ପ୍ରତୀକ୍ଷାର ଶେଷ ହେଲା । ରାମକୃଷ୍ଣ ଦୁଇଭାଇ ଭକ୍ତ ଶିରୋମଣିଙ୍କର ଆଶ୍ରମରେ ବିଜେ ହୋଇ ସେବା ଗ୍ରହଣ କଲେ । ପାଞ୍ଚରାତ୍ରୀ ଭକ୍ତ, ଭଗବାନ ମିଳନସୂତ୍ରରେ ସ୍ଥାନଟି ବନ୍ଦନ ହୋଇ ଯାଇଥିଲା । ସେହି ଅବସରରେ ପ୍ରଭୁ ଋଷିଶ୍ରେଷ୍ଠଙ୍କୁ ଆଶୀର୍ବାଦ ପ୍ରଦାନ କରି କହିଥିଲେ ''ଏହାପରେ କଳିଯୁଗ ଆରମ୍ଭ ହେବ । ସେତେବେଳେ ଜୀବ ସଂପୂର୍ଣ୍ଣ ଆଚରଣ ଶୂନ୍ୟ ହୋଇ ରହିବ । ବ୍ରହ୍ମ-ଜିଜ୍ଞାସା ଲୁପ୍ତ ହୋଇଯିବ । ତେଣୁ ତୁମେ କଳିର ପ୍ରଥମ ଭାଗରେ ଏହିଠାରେ ପୁନଶ୍ଚ ଜନ୍ମ ନେବ । ଦ୍ୱାପର ଅନ୍ତ ପ୍ରଳୟରେ ଏହି ସ୍ଥାନର ଚତୁଃପାର୍ଶ୍ୱରେ ବିଶାଳ ସ୍ଥଳଭାଗ ସୃଷ୍ଟି ହୋଇଯିବ । ତୁମେ ନିଜକୁ ''ଗୁରୁ'' ରୂପରେ ପ୍ରତିଷ୍ଠା କରି ଅନେକ ଶିଷ୍ୟ ଗ୍ରହଣ କରିବ । ସାଧନ କ୍ରିୟା ବଳରେ ''ବର୍ଣ୍ଣାଶ୍ରମ ଆଚରଣ ସୂତ୍ର ଅବ୍ୟକ୍ତମଣ୍ଡଳରୁ ଧରାପୃଷ୍ଠକୁ ଅବତରଣ କରାଇ ଶିଷ୍ୟମାନଙ୍କ ସାହାଯ୍ୟରେ ବ୍ରହ୍ମ ପ୍ରତିଷ୍ଠା କରିବ ।'' ଏତିକିରେ ଶେଷ ହୋଇଥିଲା ଋଷି ପ୍ରବରଙ୍କର ଦ୍ୱାପରଲୀଳା ।

କଳିର ପ୍ରଥମ ଭାଗରେ ଚକ୍ରବର୍ତ୍ତୀ ବିକ୍ରମାଦିତ୍ୟଙ୍କ ରାଜତ୍ୱ ସମୟରେ ଋଷିବର ଏବର ଉତ୍ସବ ମୁଖରିତ ଏହି ଚିର ବନ୍ଦନୀୟ ସ୍ଥାନରେ ଏକ ମଧ୍ୟବିତ୍ତ ଗୋପାଳ ଘରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ''ଶୁଦ୍ଧୋକନ୍ତ'' ଓ ମାତାଙ୍କ ନାମ ''ମାହେନ୍ଦ୍ରୀ'' । ଉଭୟେ ପରମ ବିଷ୍ଣୁ ଭକ୍ତ ଥିଲେ । ନିଜର କୌଳିକ ପ୍ରଥା

''ଗୋ-ସେବା''କୁ ଆଶ୍ରୟ କରି ଶ୍ରୀବିଷ୍ଣୁଙ୍କ ନାମ ଜପ କରି ଜୀବନ ଅତିବାହିତ କରୁଥିଲେ । ନିଃସନ୍ତାନ ଅପବାଦରୁ ମୁକ୍ତ ହେବା ପାଇଁ ପ୍ରଭୁଙ୍କ ଶ୍ରୀପୟରେ ସର୍ବଦା ଅଳି କରି ଚାଲିଥିଲେ । ଶେଷରେ ପରିଣତ ବୟସରେ ବିଷ୍ଣୁପ୍ରିୟା ସାଧ୍ୱୀ ମାହେନ୍ଦ୍ରୀ ପୁତ୍ରବତୀ ହେଲେ । ପ୍ରଥମ ଓ ଦ୍ୱିତୀୟ ପୁତ୍ର ଜନ୍ମ ହେବାପରେ ରାତ୍ରି ବିଶ୍ରାମ ସମୟରେ ହଠାତ୍ ଏକ ସ୍ୱପ୍ନବାଣୀ ହେଲା, ''ତୁମର ଆସନ୍ତା ଗର୍ଭରେ ଏକ ତେଜସ୍ୱୀ ପୁତ୍ର ଜନ୍ମ ଗ୍ରହଣ କରିବ । ଶିଶୁ ଅବସ୍ଥାରେ ହିଁ ସେ ପୁତ୍ର ଶୁଦ୍ଧାଜ୍ଞାନ ଆହରଣ କରି ଜଗଦ୍‌କଲ୍ୟାଣ କରିବ ।'' ଗର୍ଭବାସର ନଅମାସ ଚାରିଦିନରେ ଅନ୍ୟ ଏକ ସନ୍ନ୍ୟାସୀ ଆସି ଜନନୀ ମାହେନ୍ଦ୍ରୀଙ୍କୁ କହିଗଲେ ''ତୁମର ଏହି ଗର୍ଭସ୍ଥ ସନ୍ତାନ ଗୃହସ୍ଥାଶ୍ରମରେ ରହିବ ନାହିଁ । ବୈରାଗୀ ହୋଇ ଏକ ନୂତନ ତତ୍ତ୍ୱ ଧରାପୃଷ୍ଠକୁ ଦାନ କରିଯିବ । ଜନ୍ମ ପରେ ଶିଶୁଟିର ନାମ ''ଭୃରିକ୍ଷ'' ରଖିବ ।'' ଶେଷକୁ ତାହାହିଁ ହେଲା । ଠିକ୍ ଦଶମାସ ଦଶଦିନ ପବିତ୍ର ରାସପୂର୍ଣ୍ଣିମାରେ ଇପ୍‌ସିତ ଶିଶୁ ଭୂମିଷ୍ଠ ହେଲା । ଶିଶୁଟିର ନାମ ''ଭୃରିକ୍ଷ'' ରଖାଗଲା । ଏହି ଦେବଶିଶୁ ମାତ୍ର ତିନିମାସ ବୟସରେ ଏକ ପୂର୍ଣ୍ଣାଙ୍ଗ ମନୁଷ୍ୟ ପରି ସ୍ପଷ୍ଟ ଭାବେ କଥାବାର୍ତ୍ତା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲେ । ଗ୍ରାମରେ ବା ନିକଟବର୍ତ୍ତୀ ସ୍ଥାନରେ ଯେତେବେଳେ ନାମ ସଂକୀର୍ତ୍ତନ ହେଉଥିଲା, ସେହି ନାମ ଶୁଣିଲାମାତ୍ରେ ଶିଶୁ ଭୃରିକ୍ଷ ଆତ୍ମ ବିହ୍ୱଳ ହୋଇ ନାଚି ଉଠୁଥିଲେ ଓ ସେହି ସ୍ଥାନକୁ ଯିବା ପାଇଁ ବ୍ୟସ୍ତ ବ୍ୟାକୁଳ ହୋଇଯାଉଥିଲେ । ନାମ ପ୍ରେମରେ ସମାଧିସ୍ଥ ହୋଇ ଯାଉଥିଲେ । ଅନେକ ସମୟରେ ମୌନ ରହି ଚକ୍ଷୁ ମୁଦ୍ରିତ କରି ଉଦାସ ରହୁଥିଲେ । ପାଞ୍ଚବର୍ଷ ବୟସ ହୋଇଥିବା ସମୟରେ ଜନୈକ ଅବଧୂତ ସନ୍ନ୍ୟାସୀ ଆସି ଭୃରିକ୍ଷଙ୍କୁ ମନ୍ତ୍ରଦାନ କରିଗଲେ । ମନ୍ତ୍ର ଗ୍ରହଣ ପରେ ପାଞ୍ଚବର୍ଷର ଶିଶୁ ଯୋଗାଧିରାଜଙ୍କ ପରି ଅଚଞ୍ଚଳ, ସ୍ଥିର ହୋଇ ବସିଗଲେ । ମାତ୍ର ସାତମାସ ପରେ ତାଙ୍କ ସ୍ୱନକ୍ଷତ୍ର ଦିବସ ରାସପୂର୍ଣ୍ଣିମାରେ ''ପ୍ରାଣାୟାମ'' ''ଶୁଦ୍ଧଜ୍ଞାନ'' ଓ ''ଶରୀରସ୍ଥ ସମସ୍ତ ନାଡ଼ି ଶୋଧନ''ରେ ପୂର୍ଣ୍ଣତା ପ୍ରାପ୍ତ ହୋଇ ''ଗୁରୁ'' ଆସନ ମଣ୍ଡନ କଲେ । ଏହାପରେ ଦ୍ୱାପରରେ ବାସୁଦେବ ଦେଇଥିବା ନିର୍ଦ୍ଦେଶ ସ୍ମରଣ କରି ଆଚରଣ ସିଦ୍ଧ ବର୍ଣ୍ଣାଶ୍ରମ ପ୍ରତିଷ୍ଠା ନିମନ୍ତେ ନିର୍ଦ୍ଦିଷ୍ଟ ସୂତ୍ର ଅବତରଣ କରାଇବା ପାଇଁ ପୁନଶ୍ଚ ଧ୍ୟାନସ୍ଥ ହେଲେ । ଆଚରଣ ସିଦ୍ଧଜ୍ଞାନ ଆହରଣର ପବିତ୍ର ଦିବସ ରାସପୂର୍ଣ୍ଣିମାରୁ ହିଁ ସାଧନ ଆରମ୍ଭ କଲେ । ମାତ୍ର ପାଞ୍ଚମାସ କୋଡ଼ିଏ ଦିନରେ ପବିତ୍ର ନିଳାଦ୍ରୀ ମହୋଦୟାଷ୍ଟମୀ ତିଥି, ପୁଷ୍ୟାଯୁକ୍ତ କର୍କଟ ଚନ୍ଦ୍ରରେ ଋଷିଶ୍ରେଷ୍ଠ ବାସୁଦେବ ଶ୍ରୀକୃଷ୍ଣଙ୍କର ଦର୍ଶନ ଲାଭ କରି ବର୍ଣ୍ଣାଶ୍ରମ ପ୍ରତିଷ୍ଠା, ପ୍ରଚାର ଓ ପ୍ରସାରର ସିଦ୍ଧିଜ୍ଞାନ ପ୍ରାପ୍ତ ହେଲେ । ସେହି ସମୟରେ ସେ ବର ଭିକ୍ଷା କରିଥିଲେ, ''ହେ ବାସୁଦେବ ! ଆପଣଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ମୁଁ ବିଭିନ୍ନ ସ୍ଥାନରେ ମୋର ଶିଷ୍ୟମାନଙ୍କ ଜରିଆରେ ବର୍ଣ୍ଣାଶ୍ରମ ପ୍ରତିଷ୍ଠା କରିଯିବି । କିନ୍ତୁ ମୋର ଦେହାବସାନ ପରେ କାଳକ୍ରମେ ଘୋର କଳିର ଯୁଗପ୍ରଭାବ ଓ ସୃଷ୍ଟିଚକ୍ରର କାଳସୂତ୍ରରେ ମୋର ତଥା ମୋ ଶିଷ୍ୟମାନଙ୍କର ସମସ୍ତ ଆଶ୍ରମ କଳୁଷିତ ହୋଇଯିବ । ତେଣୁ ଆପଣ ଯେତେବେଳେ କଳି ଶେଷରେ ସତ୍ୟ ପ୍ରତିଷ୍ଠା କରିବାକୁ ଅବତୀର୍ଣ୍ଣ ହେବେ, ସେତେବେଳେ ଚାରିଯୁଗରେ ଆପଣଙ୍କର ଚାରିଅବତାର ଦର୍ଶନର ପୂର୍ଣ୍ଣତା ପାଇଁ କଳିର ସ୍ଥୂଳ ମାନବ ଶରୀରରେ ମୋର ଏହି ପବିତ୍ର ଆସନ/ଆଶ୍ରମରେ ଉପସ୍ଥିତ ରହି ପୀଠ ଉଦ୍ଧାର କରିବେ ଓ ସନାତନ ଧର୍ମ ଧ୍ୱଜା ଉତ୍ତୋଳନ ସହ ବର୍ଣ୍ଣାଶ୍ରମ ବ୍ରହ୍ମ ଯଜ୍ଞାନୁଷ୍ଠାନ କରାଇ ମୋର ଜନ୍ମ ଧନ୍ୟ କରିବେ । ସେହି ଅବସରରେ ଏହି ପୀଠ ଚତୁଃପାର୍ଶ୍ୱରେ ଥିବା ମୋର ପ୍ରିୟ ଶିଷ୍ୟମାନଙ୍କର ସମସ୍ତ ପୀଠରେ ଆଜ୍ଞାମାଳ ପ୍ରଦାନ କରି ସେ ସମସ୍ତ ଆଶ୍ରମ ଉଦ୍ଧାର କରିବେ ।''

ଏହାପରେ ଭୃରିକ୍ଷ ଅନେକ ଶିଷ୍ୟ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଦର୍ଶନ ଲାଭ କରି ସିଦ୍ଧିପ୍ରାପ୍ତ ହୋଇଥିବା ଶିଷ୍ୟମାନେ ହେଉଛନ୍ତି କଣ୍ୱ, କୈବଲ୍ୟ, ଶୃଙ୍ଗ, ଦୁହିଧାତ୍ରୀ ଓ ବିଶ୍ୱପ୍ରାଣା । ସେମାନେ ପୃଥକ୍ ଭାବେ

ପ୍ରତ୍ୟେକ ନିଜର ସ୍ୱତନ୍ତ୍ର ଆଶ୍ରମ ପ୍ରତିଷ୍ଠା କରିଥିଲେ । ଭୃରୀକ୍ଷ ଋଷିଙ୍କର ନାମାନୁସାରେ ସମଗ୍ର ଅଞ୍ଚଳର ନାମ "ଭରତପୁର" ଥିଲା । ଯେଉଁ ସ୍ଥାନରେ ସେ ଜନ୍ମ ଗ୍ରହଣ କରିଥିଲେ ଏବଂ ନିଜର ଆଶ୍ରମ ପ୍ରତିଷ୍ଠା କରିଥିଲେ, ସେହି ସ୍ଥାନକୁ ନିଜ ଜନ୍ମଦାତ୍ରୀ "ମାହେନ୍ଦ୍ରୀ"ଙ୍କ ନାମାନୁସାରେ ମାହେନ୍ଦ୍ରୀପୁର ରଖିଥିଲେ । କାଳକ୍ରମେ ଅପଭ୍ରଂଶ ହୋଇ ସ୍ଥାନଟିର ନାମ "ମେହେନ୍ଦିପୁର" ହୋଇଅଛି ।

ପରମକାରୁଣିକ ଭୃରିକ୍ଷ ଋଷିଙ୍କର ଇଚ୍ଛା ପୂର୍ଣ୍ଣ କରିଛନ୍ତି । ଗତ କାର୍ତ୍ତିକ (ରାସ) ପୂର୍ଣ୍ଣିମା ୧୯୯୮ ମସିହା ନଭେମ୍ବର ୪ ତାରିଖରେ ଋଷିଙ୍କର ଜନ୍ମ ଦିବସ ଓ ଆଚରଣ ସିଦ୍ଧିପ୍ରାପ୍ତ ପାଳନ କରିବା ପରେ ଉପର ଆଲୋଚିତ ସାଧନ ସମୟ ପାଞ୍ଚମାସ କୋଡ଼ିଏ ଦିନ ପରେ ଏହି ପବିତ୍ର ପୀଠରେ ସପ୍ତ ଦିବସ ବ୍ୟାପି ଉତ୍ସବ ମାଧ୍ୟମରେ ସ୍ୱୟଂ ମଞ୍ଚାସୀନ ହୋଇ ଋଷିଙ୍କୁ ସୂକ୍ଷ୍ମଦର୍ଶନ ପ୍ରଦାନ ସହିତ ସନାତନୀ ଚେତନ ଉନ୍ମୋଚନ କରି ବ୍ରହ୍ମଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଇଛନ୍ତି ।

ଉକ୍ତ ରହସ୍ୟ ଧ୍ୟାନମାର୍ଗରେ ପ୍ରାଣାୟାମ ଯୋଗରେ ପଞ୍ଚସଖାଙ୍କ ମଉଡ଼ମଣି ମହାତ୍ମା ଅଚ୍ୟୁତାନନ୍ଦ କଳିଯୁଗ ଲୀଳା ଦର୍ଶନ ସମୟରେ ଦର୍ଶନ ଓ ଉପଲବ୍ଧ କରି ତାଙ୍କର କୃତି "ମହାଭବିଷ୍ୟ ଗ୍ରନ୍ଥ"ରେ ଉଲ୍ଲେଖ କରିଯାଇଛନ୍ତି ।

ଯଥା :-

ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ ।
ଜମ୍ବୁ ଋଷୀ ନାମେ ଗ୍ରାମ କଣ୍ଡିଆ ବୋଲାଇ ॥
ପୂର୍ବ ଦ୍ୱାରରେ ଗୁରୁ ଭୃରିକ୍ଷ ମୁନିବର ।
କଳିର ଆଗମେ ତପ ଆଚରିଲେ ଘୋର ॥

ଉକ୍ତ ପଦ୍ୟାଂଶରେ ଭକ୍ତ ଶ୍ରେଷ୍ଠ ଅଚ୍ୟୁତଙ୍କ ପ୍ରାର୍ଥନା ଗ୍ରହଣ କରି କଳିଲୀଳାର ତଥ୍ୟ/ରହସ୍ୟ ସଂପର୍କରେ ନିରାକାର ବ୍ରହ୍ମ ତାଙ୍କୁ କହୁଛନ୍ତି ଯେ, ଜମ୍ବୁ ଋଷିଙ୍କ ନାମରେ କଣ୍ଡିଆ ନାମକ ଏକ ଗ୍ରାମ ଥିବ । ଏହି ଜମ୍ବୁ ଋଷିଙ୍କ ଗୁରୁ ଭୃରୀକ୍ଷ ମୁନି କଣ୍ଡିଆ ଗ୍ରାମର ପୂର୍ବ ଦିଗରେ ତାଙ୍କର ସାଧନ ପୀଠ ନିର୍ମାଣ କରିଥିଲେ । "କଳିର ଆଗମେ" ଅର୍ଥାତ୍ କଳିଯୁଗର ପ୍ରଥମ ଭାଗରେ ସେ (ଭୃରୀକ୍ଷ ମୁନି) ଉକ୍ତ ସାଧନ ପୀଠରେ କଠୋର ତପ ଆଚରଣ କରିଥିଲେ ।

ତୁଳା ପାଞ୍ଚ ବେନି ଗୁଣେ ତିନି ତିନି ଗୁଣ ।
ରାସ ଚାନ୍ଦ ବାବୁ ଘେନି କାର୍ତ୍ତିକ ଯୋଗେଣ ॥
ଏଇଦିନ ଭୃରୀକ୍ଷ ଯେ ଆଚରଣ ସିଦ୍ଧ ।
ବର୍ଣ୍ଣାଶ୍ରମ ତପବଳେ ଯମକାଳ ବଧ ॥

ଏଠାରେ ମହାପୁରୁଷ ଭୃରୀକ୍ଷଙ୍କ ସାଧନର ସିଦ୍ଧି ଓ ସିଦ୍ଧିପ୍ରାପ୍ତ ତିଥି, ଦିବସ ସଂପର୍କରେ ସୂଚନା ଦିଆଯାଇଅଛି । ଯଥା :- "ତୁଳା ପାଞ୍ଚ ବେନି ଗୁଣେ ତିନି ତିନି ଗୁଣ" ଅର୍ଥାତ୍ ତୁଳାମାସ "ପାଞ୍ଚ ବେନି ବା ଦୁଇ ଗୁଣେ" ୫x୨=୧୦, "ତିନି, ତିନି ଗୁଣ"..୩x୩=୯, (୧୦+୯)=୧୯ "ରାସ ଚାନ୍ଦ ବାବୁ ଘେନି କାର୍ତ୍ତିକ ଯୋଗଣେ" .... ରାସ ପୂର୍ଣ୍ଣିମା ସହ କାର୍ତ୍ତିକ ତୀର୍ଥଫଳ ଯୁକ୍ତ ତିଥି । ଅର୍ଥାତ୍ କାର୍ତ୍ତିକ (ରାସ) ପୂର୍ଣ୍ଣିମା, ତୁଳାମାସ ଉଣେଇଶ

ଦିନ । ଏହି ପବିତ୍ର ତିଥିରେ ଭୂରୀକ୍ଷ ମୁନି ଆଚରଣ ସିଦ୍ଧ ବର୍ଣ୍ଣାଶ୍ରମ ଜ୍ଞାନ ପ୍ରାପ୍ତ ହେଲେ । ସେହି ଜ୍ଞାନ ବଳରେ ସେ ''ଯମକାଳ ବଧ'' ଅର୍ଥ - ଜନ୍ମ, ମୃତ୍ୟୁକୁ ଜୟ କରି ତାଙ୍କ ପାଇଁ ଯମଙ୍କର ପ୍ରଭାବକୁ ସଂପୂର୍ଣ୍ଣ ଭାବରେ ପ୍ରତିହତ କରିଦେଲେ ।

ଫିରିଙ୍ଗି ଶାସନେ ଦେଖ ତିନି ନଅ ଥୋଇ ।
ବାମ ପାଶେ ଏକ ରଖି ସହଜେ ବଡାଇ ॥
ରୁକ୍ମିଣୀ ଷୋଳବାସରେ ଅମା ଆସିଥାଇ ।
ଶୁଦ୍ଧ ଜ୍ଞାନ ସମାଧିରେ ଜ୍ୟୋତି ଦରଶଇ ॥
ଯାଗ, ପୂଜା ସାଧୁମେଳେ ଲୀଳା ଖେଳା ସମ ।
ପୁରୁଷ ଆସିବ ଧାଇଁ ଜ୍ଞାନୀମାନେ ବାମ ॥
ପୁଷ୍ୟା ଯୁକ୍ତ କର୍କଟରେ ଅଷ୍ଟମୀକୁ ଭାବ ।
ମହୋଦୟା ଯୋଗ ନେଇ ପୂର୍ଣ୍ଣାହୁତି ଦେବ ॥

**ଉକ୍ତ ପଦ୍ୟାଂଶରୁ ଭୂରୀକ୍ଷ ମୁନିଙ୍କ ପୀଠରେ କେବେ ଓ କେଉଁ** କାରଣରୁ ଯାଗ, ପୂଜା, ସାଧୁମେଳ ହେବ **ତାହାର ସ୍ୱଷ୍ଟ ସୂଚନା ମିଳେ** । ଯଥା :- ''ଫିରିଙ୍ଗି ଶାସନେ'' - ମହାପୁରୁଷ ଅଚ୍ୟୁତଙ୍କ ଲେଖନୀରେ ''ଇଂରାଜୀ'' **ଶବ୍ଦ ସର୍ବଦା ''ଫିରିଙ୍ଗି'' ନାମରେ ଉଚ୍ଚାରିତ ହୋଇଥାଏ । ତେଣୁ ଇଂରାଜୀ ଶାସନ ଅର୍ଥାତ୍ ଇଂରାଜୀ ମସିହା । ''ତିନି ନଅ ଥୋଇ, ବାମ ପାଶେ ଏକ ରଖି'' - ତିନୋଟି ନଅ ..... ୯୯୯, ''ଏହାର ବାମପାର୍ଶ୍ୱରେ ଏକ''** .....୧୯୯୯ । ତେଣୁ ଇଂରାଜୀ ମସିହା । **''ରୁକ୍ମିଣୀ ଅମାବାସ୍ୟା ତିଥି । ଭୂରୀକ୍ଷ ମୁନି ରାସ ପୂର୍ଣ୍ଣିମାରେ ସିଦ୍ଧିପ୍ରାପ୍ତ** ହେବାପରେ ''ଆଚରଣ ସିଦ୍ଧ ବର୍ଣ୍ଣାଶ୍ରମ'' ସୂତ୍ର ପ୍ରାପ୍ତି ନିମନ୍ତେ ସାଧନ କରି ପାଞ୍ଚମାସ କୋଡ଼ିଏ ଦିନରେ ଯେଉଁ ଶୁଦ୍ଧଜ୍ଞାନ ପ୍ରାପ୍ତ ହୋଇ ବର ଭିକ୍ଷା କରିଥିଲେ, ସେହି ଅନୁସାରେ ୧୯୯୯ ମସିହା ୧୬ ତାରିଖରେ ରୁକ୍ମିଣୀ ଅମାବାସ୍ୟା ତିଥିଠାରୁ ଯାଗ, ପୂଜା ଓ ସାଧୁମେଳି ଆରମ୍ଭ ହେବ ଏବଂ ମହୋଦୟା ପବିତ୍ର ତୀର୍ଥ ଯୋଗରେ ଅଷ୍ଟମୀ ତିଥିରେ ଚନ୍ଦ୍ର ଯେତେବେଳେ ପୁଷ୍ୟା ନକ୍ଷତ୍ରରେ ଅବସ୍ଥାନ କରି କର୍କଟ ରାଶିରେ ଚଳିଥିବେ, ସେହିଦିନ ୧୬ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞାନୁଷ୍ଠାନର ପୂର୍ଣ୍ଣାହୁତି ହେବ ଓ ଉତ୍ସବ ସମାପ୍ତ ହେବ । ଏହି ଉତ୍ସବ ସମୟରେ ଭୂରୀକ୍ଷ ମୁନିଙ୍କ ଅଭିଷ୍ଟ ପୂର୍ଣ୍ଣ କରିବା ପାଇଁ ପୁରୁଷ ଧାଇଁ ଆସିବ ।

ପୁନଶ୍ଚ ମହାପୁରୁଷ ଅଚ୍ୟୁତ ''ତୋରଣ ମଲ୍ଲୀ''ରେ ତାଙ୍କ ପ୍ରିୟ ଶିଷ୍ୟ ରାମଦାସଙ୍କୁ ସୂଚନା ଦେଇ କହିଅଛନ୍ତି ।

କହୁଛି ତୋତେ ଗୁପତ କଥା ।
ମୂରୁଖ ଶୁଣିଲେ କହିବେ ନଥା ॥
ଜ୍ଞାନୀକୁ ଅଜଣା ପଣ୍ଡିତ ବଣା ।
ବାରବେନି ଶୁନ ତିନି ଯାଆଁଳା ॥
ମେଷ ତିନି କଳା ଅମା ଦିବସେ ।
ମେହେନ୍ଦିପୁରରେ ଲୀଳା ପ୍ରକାଶେ ॥

କେଶବ ଆସିବ ହେବଟି ଠୁଳ ।
ସପତ ଦିବସ ଭକତ ମେଳ ॥

ମହାପୁରୁଷ କହୁଛନ୍ତି ''ହେ ରାମ ! ମୁଁ ତୋତେ ଗୁପ୍ତ କଥାଟିଏ କହୁଛି । ଏହି କଥା ଶୁଣିଲେ ମୁର୍ଖ ଜନମାନେ ଥଟ୍ଟା, ପରିହାସ କରି ଅବିଶ୍ୱାସ କରିବେ । ଜ୍ଞାନୀମାନେ ବିଶ୍ୱାସ, ଅବିଶ୍ୱାସ ମଧ୍ୟ ସ୍ଥାନରେ ରହି କୌଣସି ନିର୍ଯ୍ୟାସରେ ପହଞ୍ଚି ପାରିବେ ନାହିଁ, ବାଟବଣା, ପଥଭ୍ରଷ୍ଟ ହୋଇ ଆଶ୍ଚର୍ଯ୍ୟ ହୋଇଯିବେ । ସେହି ଗୁପ୍ତ କଥାଟି ହେଉଛି - ''ବାର ବେନି ଶୁନ'' ଅର୍ଥାତ୍ ୧୨+ ୨= ୧୪, ୧୪ ନିକଟରେ '୦'...୧୪୦, ତା ନିକଟରେ ''ତିନି ଯାଆଁଳା'' ..୩+୩=୬ ରଖିବୁ । ଉକ୍ତ ସାଙ୍କେତିକ ସଂଖ୍ୟାଟି ୧୪୦୬ । ଏହାହିଁ ହେଉଛି ମହାପୁରୁଷଙ୍କ ସଂକେତ ଚମତ୍କାରିତା ସାଲ ସୂଚନା । ୧୪୦୬ ସାଲ । ''ମେଷ ତିନି'' ... ମେଷ ମାସ ତିନି ଦିନ ହୋଇଥିବ । ''କଳା ଅମା ଦିବସେ'' । କଳା ଅର୍ଥାତ୍ ଚନ୍ଦ୍ରକଳା ହିସାବରେ ଅମାବାସ୍ୟା ହୋଇଥିବ । ତେଣୁ ୧୪୦୬ ସାଲ ମେଷ ତିନି ଦିନ ଅମାବାସ୍ୟା ତିଥିରେ ମେହେନ୍ଦିପୁରରେ ଲୀଳା ପ୍ରକାଶିତ ହେବ । ସେହି ସ୍ଥାନରେ ''କେଶବ'' ଉପସ୍ଥିତ ହେବେ ଏବଂ ସପ୍ତଦିନବ୍ୟାପୀ ଭକ୍ତମାନଙ୍କର ମେଳ ଲାଗି ରହିବ । ''ମେହେନ୍ଦିପୁର'' ଗ୍ରାମର ନାମ ସଂପର୍କରେ ସୂଚନା ଉପରୋକ୍ତ ବର୍ଣ୍ଣନାରେ ସ୍ପଷ୍ଟ ଭାବରେ ଆଲୋଚନା କରାଯାଇଅଛି ।

ମହାପୁରୁଷ ଭବିଷ୍ୟ ସୂଚନା ଅନୁଯାୟୀ ୧୯୯୯ ମସିହା ରୁକ୍ମିଣୀ ଅମାବାସ୍ୟା ଷୋଳ ତାରିଖ ୧୪୦୬ ସାଲ ମେଷ ତିନି ଦିନରେ ଉକ୍ତ ପବିତ୍ର ପୀଠରେ ଯଜ୍ଞ ଓ ଅନ୍ୟାନ୍ୟ ପୂଜନ କର୍ମ ଆରମ୍ଭ ହୋଇଅଛି ।

''ଭରତପୁର'' ଗ୍ରାମର ନାମକରଣ ସଂପର୍କରେ ମହାପୁରୁଷ ''ଚଉଦ ଡିବି ଡିବି-ଦ୍ୱିତୀୟ ଖଣ୍ଡ''ରେ ଲେଖିଛନ୍ତି -

ଭୂରୀକ୍ଷ ନାମରେ ଭରତପୁର ।
ଲୀଳା ଚହଟିବ ଏହି ଠାବର ॥

ପାଞ୍ଚଶହ ବର୍ଷ ପୂର୍ବେ ଉପରୋକ୍ତ ଭବିଷ୍ୟବାଣୀରେ ମହାପୁରୁଷ ଦେଇଥିବା ସଂକେତ ସତ୍ୟ ହୋଇଛି । ଗୁପ୍ତ ଲୀଳା ସଂରଚନରେ ବ୍ୟସ୍ତଥିବା ଶ୍ରୀପୁରୁଷଙ୍କୁ ଦର୍ଶନ କରି ଆମ୍ଭେ ଧନ୍ୟ ହୋଇଛୁ । ଆମର ଜନ୍ମ ସାର୍ଥକ ହୋଇଛି । ଉକ୍ତ ପବିତ୍ର ଲୀଳା ଯିଏ ଶ୍ରଦ୍ଧା, ବିଶ୍ୱାସ, ଭକ୍ତି ଓ ପ୍ରେମରେ ପଠନ, ମନନ, ଶ୍ରବଣ କରିବ, କରାଇବ ତାହାର ଆତ୍ମଜ୍ଞାନ ପ୍ରାପ୍ତି ପଥ ଆଲୋକିତ ହେବ ଏବଂ ଅନ୍ତିମେ ଶ୍ରୀବିଷ୍ଣୁଲୋକ ପ୍ରାପ୍ତ ହୋଇ ଜନ୍ମ, ଜୀବନ ସାର୍ଥକ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ।

ଶେଷରେ ଯେଉଁ ମହାତ୍ମାଙ୍କ ପୁଣ୍ୟ ବଳରେ ଆମେ ଶ୍ରୀପତିଙ୍କ କୃପା ପ୍ରାପ୍ତ ହୋଇଅଛେ, ସେହି ମହାପୁରୁଷଙ୍କୁ କୋଟି କୋଟି ପ୍ରଣତି ନିବେଦନ କରୁଛୁ ।

# ଆଶ୍ରମ ସନ୍ଦେଶ

**ତା୦୧.୧୨.୯୮ରିଖ : ମଙ୍ଗଳବାର :** କେନ୍ଦୁଝର ସହର ଶାଖାର କେତନ ବାର୍ଷିକୋତ୍ସବ ଯଥାରୀତି ପାଳିତ ହୋଇଅଛି ।

**ତା୦୯.୧୨.୯୮ରିଖ : ବୁଧବାର :** ପ୍ରହରାଜପୁର ଶାଖାର କେତନ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି ।

**ତା୨୫.୧୨.୯୮ରିଖ : ଶୁକ୍ରବାର :** ରତାଦିଆ ଶାଖାର ନୂତନ କେତନ ସତ୍‌ସଂଗ ଅଧିବେଶନ ଅନୁଷ୍ଠିତ ହୋଇଅଛି ।

**ତା୨୯.୧୨.୯୮ରିଖ : ମଙ୍ଗଳବାର :** ପୁତ୍ରଦା ଏକାଦଶୀ ତିଥି, ପୂଜନୀୟ ଠାକୁରା'ଙ୍କର ଜନ୍ମତିଥି ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଯଥାବିଧି ପାଳିତ ହୋଇଅଛି ।

**ତା୩୦.୧୨.୯୮ରିଖ : ଗୁରୁବାର :** କେନ୍ଦୁଝର ଜିଲ୍ଲାର ମାଟିଆଗୁନିଠାରେ ନନ୍ଦୀଶ୍ୱରୀ ପୂଜାଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଅଛି ।

**ତା୦୧.୦୧.୯୯ରିଖ : ଶୁକ୍ରବାର :** ହାଟପଡ଼ା ଗୁରୁଭାଇ ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାସଗୃହ ପରିସରରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି ।

**ତା୦୨.୦୧.୯୯ରିଖ : ଶନିବାର :** ବାଲିଆ ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ପାଳନ, କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ସେଏଁକା ନନାଙ୍କର ଜନ୍ମୋତ୍ସବ ଓ ଅଭିଷେକ ଉତ୍ସବ ପାଳନ, ମାଟିଆଗୁନିଠାରେ ସନାତନୀକେତନ ଉତ୍ତୋଳନ ଏବଂ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି ।

**ତା୧୩.୦୧.୯୯ରିଖ : ବୁଧବାର :** ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଓଳାଶୁଣି ଗୁମ୍ଫାର ପ୍ରତିଷ୍ଠାତା ସିଦ୍ଧପୁରୁଷ ଅରକ୍ଷିତ ଦାସଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଖଞ୍ଜଣି ଭଜନ ସହିତ ପୋଡ଼ପିଠା ପ୍ରସାଦ ଲାଗି କରାଯାଇଛି ।

**ତା୧୪.୦୧.୯୯ରିଖ : ଗୁରୁବାର :** ଭଡିମୁଣ୍ଡା ଶାଖାର କେତନୀ ବାର୍ଷିକ ଉତ୍ସବ ନିରାଡମ୍ବର ଭାବରେ ଯଥାରୀତି ପାଳନ, ପ୍ରହରାଜପୁର ଶାଖାର ଗୁରୁଭାଇ ଭୀମସେନ ସାମଲଙ୍କର ବାସଗୃହ ପରିସରରେ ବାର୍ଷିକ ନାମ, ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଆଶ୍ରମର ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ପାଳନ କରାଯାଇଛି ।

**ତା୧୫.୦୧.୯୯ରିଖ : ଶୁକ୍ରବାର :** ରତାଦିଆ ଶାଖାର ଗୁରୁଭାଇ ଶ୍ରୀକାନ୍ତ ପରିଡ଼ାଙ୍କ ବାସଗୃହ ପରିସରରେ ମହାମନ୍ତ୍ର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି